# ଧରିତ୍ରୀ
DHARITRI

୨୦୨୩

ଭୁବନେଶ୍ୱର, ରବିବାର, ଜାନୁୟାରୀ ୧/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 1/2023 Page 20 ₹ 7.00

୪୯ଶ ଭାଗ ୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 39 ମୂଲ୍ୟ₹୭/-






KP GROUP Quality Since 1965
ନବବର୍ଷ
2023
ର ହାର୍ଦ୍ଦିକ ଶୁଭକାମନା
KAMLA PASAND
ସିଲ୍ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE(INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

# ଧରିତ୍ରୀ
DHARITRI










# ପୁଟିନ୍ ବିରୋଧୀ ଉଦ୍ଧାର

## ଭୁବନେଶ୍ୱର ରେଳଷ୍ଟେଶନରେ ସହାୟତା ପାଇଁ ବୁଲୁଥିଲେ ରୁଷୀୟ ଶରଣାର୍ଥୀ

**■ ୨୦୧୬ରେ ୬ ମାସ ପାଇଁ ଭିଜାରେ ଭାରତ ଆସିଥିଲେ**

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଓଡ଼ିଶା ବୁଲିବାକୁ ଆସିଥିବା ରୁଷୀୟ ନାଗରିକ ଆଣ୍ଟୋଭ ପାଭେଲ(୬୫) ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର୍ ବିଦାନୋଭ(୬୧)ଙ୍କ ମୃତ୍ୟୁ ପଛର କାରଣ ଏଯାବତ୍ ସ୍ପଷ୍ଟ ହୋଇପାରି ନ ଥିବାବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ପ୍ଲାକାର୍ଡ ଧରି ବୁଲୁଥିବା ଜଣେ ରୁଷୀୟ ଶରଣାର୍ଥୀଙ୍କୁ ଜିଆରପି ଶନିବାର ଉଦ୍ଧାର କରିଛି। ସମ୍ପୃକ୍ତ ଶରଣାର୍ଥୀ ଜଣଙ୍କ ହେଲେ ରୁଷୀୟ ପର୍ଯ୍ୟଟକ ଗ୍ଲାଗୋଲେଭ ଆଣ୍ଡ୍ରୁ। ସେ ଗତ ୩ମାସ ତଳେ ପୁରୀ ଆସିଥିବାବେଳେ କିଛି ଦିନ ହେବ ଭୁବନେଶ୍ୱର ରେଳ ଷ୍ଟେଶନରେ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳୁଥିଲା।

ସୂଚନାଯୋଗ୍ୟ, ଗ୍ଲାଗୋଲେଭ ୨୦୧୬ ମାର୍ଚ୍ଚ ୨୭ରେ ୬ମାସ ପାଇଁ ଟୁରିଷ୍ଟ ଭିଜା ନେଇ ଭାରତ ଆସିଥିଲେ। ସେ ପ୍ରଥମେ ଉତ୍ତରପ୍ରଦେଶ ବୃନ୍ଦାବନରେ ରହୁଥିଲେ। ୫ବର୍ଷ ତଳେ ପ୍ରଥମ ଥର ପାଇଁ ସେ ପୁରୀ ଆସିଥିଲେ। ଏଠାରେ ୩ମାସ ରହିବା ପରେ ସେ ବୃନ୍ଦାବନ ଫେରି ଯାଇଥିଲେ। ଗତ ୩ମାସ ତଳେ ପୁଣି ପୁରୀ ଆସି ଏକ ଆଶ୍ରୟ ଗୃହରେ ରହୁଥିଲେ। ଗତ କିଛି ଦିନ ହେବ ପୁରୀ ଗଙ୍ଗାରାମ ନୂଆସାହିର ଦେବାଶିଷ ଖୁଣ୍ଟିଆଙ୍କ ଘରେ ରହୁଛନ୍ତି। ଗ୍ଲାଗୋଲେଭ ନୂଆଦିଲ୍ଲୀସ୍ଥିତ ୟୁନାଇଟେଡ ନେଶନ ଫର ହାଇ କମିଶନର ଫର ରିଫ୍ୟୁଜି(ୟୁଏନ୍ଏଚ୍ଆର୍ସିଆର)କୁ ଶରଣାର୍ଥୀ ମାନ୍ୟତା ପାଇଁ ଆବେଦନ କରିଥିଲେ, ଯାହାକି ବିଚାରାଧୀନ ରହିଛି। ସେ ଭାରତରେ ଶରଣାର୍ଥୀଭାବେ ରହିବା ପାଇଁ ୟୁଏନ୍ଏଚ୍ଆର୍ସିଆର ଦ୍ୱାରା ସର୍ବଶେଷ ପ୍ରମାଣପତ୍ର ପାଇଛନ୍ତି, ଯାହାର ବୈଧତା ୨୯।୯।୨୦୨୨ରୁ ☞ପୃଷ୍ଠା-୨



ଗ୍ଲାଗୋଲେଭ ଆଣ୍ଡ୍ରୁ

# ଶ୍ମଶାନ ପାଉଁଶରୁ ହାଡ଼ ସଂଗ୍ରହ

**■ ଇଣ୍ଟରପୋଲର ସହାୟତା ନେଇପାରେ କ୍ରାଇମବ୍ରାଞ୍ଚ**

**ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ, ୩୧।୧୨**

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍ପି ଆଣ୍ଟୋଭ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରାୟଗଡ଼ାରେ ରହସ୍ୟଜନକ ମୃତ୍ୟୁ ଘଟଣାରେ ତଦନ୍ତ କରୁଥିବା କ୍ରାଇମ୍ ବ୍ରାଞ୍ଚର ୧୨ ଜଣିଆ ଟିମ୍ ଶନିବାର ଦ୍ୱିତୀୟ ଦିନରେ ମଧ୍ୟ ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ତଦନ୍ତକାରୀ ଟିମ୍ ପ୍ରଥମେ ପାଭେଲ ଏବଂ ବିଦାନୋଭଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଶିରିକଣା ସ୍ଥିତ ଶ୍ମଶାନକୁ ଯାଇ ପାଉଁଶ ମଧ୍ୟରୁ ହାଡ଼ ଏବଂ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିଛି। ହାଡ଼କୁ ନେଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଡିଏନ୍ଏ ପରୀକ୍ଷା ସହ ଅନ୍ୟ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କ୍ରାଇମ୍ବ୍ରାଞ୍ଚ ଟିମ୍ ପାଭେଲଙ୍କ ଫୋନ୍ ଏବଂ ଲାପ୍‌ଟପ୍ ଜବତ କରିଛି। ଏଥିରୁ ତଥ୍ୟ ସଂଗ୍ରହ ନିମନ୍ତେ ଇଣ୍ଟରପୋଲ କିମ୍ବା ଟେକ୍ନିକାଲ ଏକ୍ସପର୍ଟଙ୍କ ସହାୟତା ନେଇପାରେ ବୋଲି ଜଣାପଡ଼ିଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶନିବାର ଉଭୟ ପାଭେଲ ଏବଂ ବିଦାନୋଭଙ୍କ ବ୍ୟବଚ୍ଛେଦ ରିପୋର୍ଟ ଗଣମାଧ୍ୟମର ହସ୍ତଗତ ହୋଇଛି। ଏଥିରେ ବିଦାନୋଭଙ୍କ ମୃତ୍ୟୁ ହୃଦ୍‌ଘାତରେ ☞ପୃଷ୍ଠା-୨

# ପୂର୍ବତନ ପୋପ୍ ବେନେଡିକ୍ଟ ଷୋଡ଼ଶଙ୍କ ପରଲୋକ

**ଭାଟିକାନ୍ ସିଟି,୩୧।୧୨**



ପୂର୍ବତନ ପୋପ୍ ବେନେଡିକ୍ଟ ଷୋଡ଼ଶଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ପୋପ୍ ପଦରୁ ଇସ୍ତଫା ଦେବାରେ ୬୦୦ ବର୍ଷ ମଧ୍ୟରେ ବେନେଡିକ୍ଟ ପ୍ରଥମ ବ୍ୟକ୍ତି। ପୋପ୍ ଫ୍ରାନ୍ସିସ୍ ଗୁରୁବାର ସେଣ୍ଟ ପିଟର ସ୍କୋୟାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିବେ। ପୂର୍ବତନ ପୋପ୍‌ଙ୍କ ଅନ୍ତ୍ୟେଷ୍ଟି ବର୍ତ୍ତମାନର ପୋପ୍ ପାଳନ କରିବା ଏକ ଅଭୂତପୂର୍ବ ଘଟଣା। ବେନେଡିକ୍ଟ ଷୋଡ଼ଶଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ☞ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

# ସରକାରୀ ମେଡିକାଲ କଲେଜରେ ହେବ ଟିଚିଂ ହସ୍ପିଟାଲ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଖୁବ୍‌ଶୀଘ୍ର ରାଜ୍ୟର ନୂଆ ସରକାରୀ ମେଡିକାଲ କଲେଜ ଗୁଡ଼ିକରେ ଟିଚିଂ ହସ୍ପିଟାଲ ଆରମ୍ଭ ହେବ। ତେଣୁ ଏହି ୯ଟି ସରକାରୀ ହସ୍ପିଟାଲ କାମ ସାରିବାକୁ ସମୟ ସୀମା ଧାର୍ଯ୍ୟ ହୋଇଛି। ଜାନୁୟାରୀ ସୁଦ୍ଧା କେନ୍ଦୁଝର ଟିଚିଂ ହସ୍ପିଟାଲ କାମ ଶେଷ ହେବ। ଜୁନ୍ ସୁଦ୍ଧା ବାଲେଶ୍ୱର, ବାରିପଦା ଓ ବଲାଙ୍ଗୀର ହସ୍ପିଟାଲ କାମ ମଧ୍ୟ ସରିବ। ସେହିଭଳି ଜୁଲାଇ ସୁଦ୍ଧା ଯାଜପୁର ଓ ପୁରୀ ଟିଚିଂ ହସ୍ପିଟାଲ, ଅଗଷ୍ଟ ସୁଦ୍ଧା କୋରାପୁଟ, ଫୁଲବାଣୀ ହସ୍ପିଟାଲ ଏବଂ ୨୦୨୩ ଶେଷ ସୁଦ୍ଧା ଭବାନୀପାଟଣା ଟିଚିଂ ହସ୍ପିଟାଲ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ମାସକ ମଧ୍ୟରେ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ଶନିବାର ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଛନ୍ତି। ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ ଆବଶ୍ୟକ ସରଞ୍ଜାମ ତାଲିକା ପ୍ରସ୍ତୁତ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

**ଆଜିର ସମ୍ପାଦକୀୟ** ଏତେ ସହଜ ନୁହେଁ







**ଆଜିର ମନ୍ତବ୍ୟ**

“ନୂଆବର୍ଷ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ। ଆସନ୍ତୁ ଦେଶର ଏକତା, ଅଖଣ୍ଡତା ଏବଂ ସମାବେଶୀ ବିକାଶ ନିମନ୍ତେ ନିଜକୁ ପୁନଃ ଉତ୍ସର୍ଗ କରିବା ଲାଗି ସଂକଳ୍ପ ନେବା। **-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳ ଯୋଗୀ ଯୋଗୀ ନୁହେଁ**
**ସକାଳ କୁଣିଆ କୁଣିଆ ନୁହେଁ।**

ଯୋଗୀ ହେବା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସ ଓ ସମୟ ଉପଗତ ହୋଇଥାଏ। କୁଣିଆଟିଏ ଘରକୁ ଆସି ଦିନକୁ ଦୁଇଦିନ ରହିବାର ହେଲେ ସେମିତି ଏକ ବେଳକାଳ ଓ ଲକ୍ଷଣ ପ୍ରକାଶ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଶୋକା ନାରୀ ବାପଘର ଯାଏ**
**ମନ ଫୁଲାଣିଆ ଗୀତ ଗାଉଥାଏ।**

କର୍ତ୍ତା ନେଇ ସଦସ୍ୟଙ୍କ କାର୍ଯ୍ୟ। ଯେବେ କାର୍ତ୍ତାଙ୍କର କିଛି ଆପତ୍ତି ଅଭିଯୋଗ ନ ଥାଏ ତେବେ ସଦସ୍ୟ ନିଜ ମନ ମୁତାବକ କାର୍ଯ୍ୟ କରିବାରେ କିଛି ଅସୁବିଧା ରହି ନ ଥାଏ। ପରୋକ୍ଷରେ ଶାଶୁଘରର ଜଞ୍ଜାଳ ମଧ୍ୟରେ ମୁଣ୍ଡ ପୂରାଉ ନ ଥିବା ବା ଦାୟିତ୍ୱ ନେଉ ନ ଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



କୋଣାର୍କ ଚନ୍ଦ୍ରଭାଗା କୂଳରେ ଶନିବାର ଶିଳ୍ପୀ ସରିତା ଗୋଛାୟତ ନବବର୍ଷ ୨୦୨୩କୁ ସ୍ୱାଗତ ଜଣାଇ ଏକ ବାଲୁକା କଳା କରିଛନ୍ତି।

# ସମବାୟ ବିଭାଗର ୩ ଜଣଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ସମବାୟ ବିଭାଗରେ କାର୍ଯ୍ୟରତ ୩ ଜଣ ଅଧିକାରୀଙ୍କୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ପ୍ରଦାନ କରିଛନ୍ତି । ସମବାୟ ଅଡିଟ୍ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ସବ୍ଆସିଷ୍ଟାଣ୍ଟ ଏଜିସିଏସ୍ ମୁକ୍ତେଶ୍ୱର ସୋରେଙ୍ଗ୍, ସମବାୟ ସମିତି ସମୂହର ନିବନ୍ଧକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମବାୟ ସମିତି ନିରୀକ୍ଷକ କେଦାର ଗୌରୀ ପାତ୍ର ଓ ସବ୍ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଆଶିଷ କୁମାର ରାଉତଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସମସ୍ତ ଅଧିକାରୀଙ୍କୁ ୫୦ ବର୍ଷ ହୋଇ ସାରିଛି । ସେମାନଙ୍କୁ ୩ ମାସର ଦରମା ଓ ଭତ୍ତା ନିୟମାନୁଯାୟୀ ପ୍ରଦାନ କରାଯିବ । ଓଡ଼ିଶା ସର୍ଭିସ କୋଡ୍‌ର ରୁଲ୍-୭୧ର କ୍ଲଜ୍(ଏ) ଅନୁଯାୟୀ ସେମାନଙ୍କୁ ସେବା ନିବୃତ୍ତ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।













# ୮ ଶିଶୁ ମୃତ୍ୟୁ ମାମଲା : ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚିକିତ୍ସା ଅଭାବରୁ ୮ ନବଜାତ ଶିଶୁଙ୍କ ମୃତ୍ୟୁକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ(ଏନ୍ଏଚଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାରେ କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ଆକ୍ସନ ଟେକେନ୍ ରିପୋର୍ଟ(ଏଟିଆର) ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାନବିକ ଅଧିକାର କର୍ମୀ ଅଖଣ୍ଡ ଏନେଇ ଏନ୍ଏଚ୍ଆରସିଙ୍କ ନିକଟରେ ପିଟିଶନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ପୁଟିନ୍ ବିରୋଧୀ ...

୨୮।୯।୨୦୨୩ ପର୍ଯ୍ୟନ୍ତ ରହିଛି। ଏ ସମ୍ପର୍କରେ ସବିଶେଷ ତଦନ୍ତ ରିପୋର୍ଟ ହାଇଦ୍ରାବାଦସ୍ଥିତ ଏଫ୍ଆର୍ଆର୍‌ଓଙ୍କୁ ପ୍ରଦାନ କରାଯାଇଛି। ଗ୍ଲାଗୋଲେଭଙ୍କ ଅନୁରୋଧ ଓ ଇଚ୍ଛା ମୁତାବକ ପୁରୀରେ ତାଙ୍କ ପସନ୍ଦର ରହିବା ସ୍ଥାନରେ ନେଇ ଛଡ଼ା ଯିବାର ବ୍ୟବସ୍ଥା କରାଯିବା ସହ ଏସମ୍ପର୍କରେ ପୁରୀ ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜିଆର୍‌ପି ଥାନା ଆଇଆଇସି ଜୟଦେବ ବିଶ୍ୱଜିତ୍‌ଙ୍କ କହିବା ହେଲା ଗ୍ଲାଗୋଲେଭଙ୍କ ଭିସା ୧୦।୯।୨୦୧୬ ପର୍ଯ୍ୟନ୍ତ ବୈଧ ଥିଲା। ସେ ପୁନଃ ଭିସା ଅବଧି ବଢାଇବା ପାଇଁ ୟୁଏନ୍‌କୁ ଆବେଦନ କରିଛନ୍ତି। ଆବେଦନ ପରେ ରହଣି ପାଇଁ ଅନୁମତି ମିଳିଛି ନା ନାହିଁ ତାହାର ଡକ୍ୟୁମେଣ୍ଟ ଯାଞ୍ଚ ଚାଲିଛି। ଏଯାବତ୍ ତାଙ୍କଠାରୁ କିଛି ସନ୍ଦେହଜନକ ତଥ୍ୟ ମିଳିନାହିଁ ବୋଲି ବିଶ୍ୱଜିତ କହିଛନ୍ତି। ଗତ ସପ୍ତାହରେ ରାୟଗଡ଼ା ବୁଲିବାକୁ ଆସିଥିବା ୨ ରୁଷୀୟ ପର୍ଯ୍ୟଟକଙ୍କ ୨ଦିନ ମଧ୍ୟରେ ମୃତ୍ୟୁ ଘଟଣାକୁ ନେଇ ସବୁଆଡ଼େ ଚର୍ଚ୍ଚା ଜୋର ଧରିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରୁଛି। ଏତିକିବେଳେ ଗତ ୨୯ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଶରଣାର୍ଥୀ ଗ୍ଲାଗୋଲେଭ ଏକ ପ୍ଲାକାର୍ଡ ଧରି ଛିଡ଼ା ହୋଇଥିବା ନଜରକୁ ଆସିଥିଲେ। ଯେଉଁଥିରେ ସେ 'ମୁଁ ଜଣେ ରୁଷୀୟ ଶରଣାର୍ଥୀ। ଯୁଦ୍ଧକୁ ବିରୋଧ କରେ। ଏହାସହ ମୁଁ ରାଷ୍ଟ୍ରପତି ପୁଟିନଙ୍କ ବିରୋଧୀ। ମୋର ଘର ଦ୍ୱାର ନାହିଁ । ଦୟାକରି ମୋତେ ସାହାଯ୍ୟ କର' ବୋଲି ପ୍ଲାକାର୍ଡରେ ଲେଖି ବୁଲୁଥିଲେ। କିନ୍ତୁ ତା'ପରଦିନ ପୁଣି ଷ୍ଟେଶନରୁ କୁଆଡ଼େ ଚାଲିଯାଇଥିଲେ।

### ଶ୍ମଶାନ ପାଉଁଶରୁ ...

ହୋଇଥିବା ଉଲ୍ଲେଖ ଥିବାବେଳେ ପାଭେଲଙ୍କ ମୃତ୍ୟୁ ଦୁର୍ଘଟଣାରେ ହୋଇଥିବା ଦର୍ଶାଯାଇଛି। ଦୁଇ ଡାକ୍ତର ଡି. କେ. ଦେବ୍, ହିମାଂଶୁ ଶେଖର ନାଥ ପାଭେଲଙ୍କ ମୃତଦେହ ବ୍ୟବଚ୍ଛେଦ କରିଥିବାବେଳେ ତାଙ୍କ ଶରୀରର ବାମପାର୍ଶ୍ୱରେ ସର୍ବାଧିକ କ୍ଷତ ରହିଛି ବୋଲି ଉଲ୍ଲେଖ ଅଛି। ପାଭେଲଙ୍କ ପଞ୍ଜରା ହାଡ଼ର ୪ର୍ଥ, ୫ମ, ୬ଷ୍ଠ ଓ ୭ମ ହାଡ଼ ଭାଙ୍ଗିବା ସହ ଫୁସ୍‌ଫୁସ ଓ ଲିଭରରେ ଗଭୀର ଆଘାତ ଲାଗିଥିବା ରିପୋର୍ଟରୁ ଜଣାପଡ଼ିଛି। ଏହାବ୍ୟତୀତ ପୂର୍ବରୁ ତାଙ୍କର କୌଣସି ପ୍ରକାର ଅସ୍ତ୍ରୋପଚାର ହୋଇଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ କ୍ରାଇମ୍‌ବ୍ରାଞ୍ଚ ପାଭେଲଙ୍କ ମୃତ୍ୟୁକୁ ଅତି ଗୁରୁତ୍ୱର ସହ ନେବା ସହିତ ବିଭିନ୍ନ ତଥ୍ୟକୁ ଆଧାରକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ମିଳିଥିବା ତଥ୍ୟକୁ ଆଧାରକରି ଶନିବାର କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୁଣି ପାଭେଲ ଗୁରୁତର ଅବସ୍ଥାରେ ପଡ଼ିଥିବା ସ୍ଥାନକୁ ଯାଇ ଯାଞ୍ଚ କରିଛି। ଶୁକ୍ରବାର ରାତିରେ ହୋଟେଲରେ ତଦନ୍ତ ପରେ ଥାନାକୁ ଯାଇ ଆଲୋଚନା କରିଥିଲା। ଶନିବାର ସକାଳେ ପୁଣି ଥାନାରେ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ଆଲୋଚନା କରି ଶ୍ମଶାନକୁ ଯାଇଥଲା। ଶ୍ମଶାନରେ ମଧ୍ୟ ସ୍ଥାନୀୟ ପୋଲିସକୁ ଗୁପ୍ତ ଭାବେ କିଛି ପଚରାଉଚରା କରିଥିବା ଦେଖିବାକୁ ମିଳିଥିଲା। ଶ୍ମଶାନରେ ତଦନ୍ତ ପରେ ହୋଟେଲକୁ ଯାଇ ଯାଞ୍ଚ କରିଥିଲେ। ସେଠାରେ ୧୫ କର୍ମଚାରୀଙ୍କୁ ଅଲଗା ଭାବେ ଜେରା କରିବା ସହ ଭିଡିଓ ରେକର୍ଡ କରାଯାଇଥିବା ଜଣାପଡ଼ିଛି। ଏମିତିକି ୧ମାସ ମଧ୍ୟରେ ହୋଟେଲକୁ ଆସିଥିବା ଅତିଥିଙ୍କ ତଥ୍ୟ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଟିମ୍ ମାଗିଥିଲା। ଦ୍ୱିତୀୟ ଦିନର ତଦନ୍ତ ପରେ ଟିମ୍‌ର ନେତୃତ୍ୱ ନେଇଥିବା ଡିଏସ୍‌ପି ସରୋଜକାନ୍ତ ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ତଥ୍ୟ ଏବଂ ପ୍ରମାଣ ସଂଗ୍ରହ ଚାଲିଛି। ସମସ୍ତ ତଥ୍ୟ ସଂଗ୍ରହ ଏବଂ ଅନୁସନ୍ଧାନ ପରେ ହିଁ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ମହାନ୍ତ କହିଛନ୍ତି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିଦାନୋଭ ଏବଂ ପାଭେଲଙ୍କ ସହ ଆସିଥିବା ପାନାସାଙ୍କୋ ନାତାଲିଆ ଏବଂ ତୁରଭ ମିଖାଇଲ(ଦମ୍ପତି)ଙ୍କ ଭିସା ଅବଧି ୭ ତାରିଖରେ ଶେଷ ହେଉଛି। ତେଣୁ ଏହା ପୂର୍ବରୁ ତରବରିଆ ଭାବେ ତଦନ୍ତକରି ସେମାନଙ୍କୁ ରୁଷିଆ ପଠାଇ ଦିଆଯିବ କି ବୋଲି ପ୍ରଶ୍ନ ଉଠିଛି।

### ରୁଷୀୟ ପର୍ଯ୍ୟଟକଙ୍କୁ ପଚରାଉଚରା ଶେଷ

କଟକ ଅଫିସ,୩୧।୧୨: କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକଙ୍କୁ ପଚରାଉଚରା ଶନିବାର ଶେଷ ହୋଇଥିବା ଜଣାଯାଇଛି। ତୁଭଭ ମିଖାଇଲ ଓ ତାଙ୍କ ସ୍ତ୍ରୀ ପାନାସାଙ୍କୋ ନାତାଲିଆଙ୍କୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଭିଡିଓ ରେକର୍ଡିଂ ମାଧ୍ୟମରେ ପଚରାଉଚରା କରାଯାଇଛି। ସେମାନଙ୍କ ରୁଷୀୟ ଭାଷାରେ ପ୍ରଦତ୍ତ ଉତ୍ତରକୁ ଅନୁବାଦକ ଏବଂ ଟୁରିଷ୍ଟ ଗାଇଡ୍ ଜିତେନ୍ଦ୍ର ସିଂଙ୍କ ସହାୟତାରେ ଭାଷାନ୍ତର କରାଯାଇ ଲିପିବଦ୍ଧ କରାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି।

### ପୂର୍ବତନ ପୋପ୍ ବେନେଡିକ୍ଟ ...

ସମେତ ବହୁ ବିଶ୍ୱନେତା ଓ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସମାଜ ପାଇଁ ଉଲ୍ଲେଖନୀୟ ସେବା ନିମନ୍ତେ ବେନେଡିକ୍ଟ ଷୋଡ଼ଶ ସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ୨୦୧୩ ଫେବୃୟାରୀ ୧୧ରେ ବେନେଡିକ୍ଟ ପୋପ୍ ପଦରୁ ଇସ୍ତଫା ଘୋଷଣା କରି ସାରା ବିଶ୍ୱକୁ ବିସ୍ମିତ କରିଦେଇଥିଲେ। ୧୨୦ କୋଟି ସଦସ୍ୟ ବିଶିଷ୍ଟ କାଥୋଲିକ୍ ଚର୍ଚ୍ଚର ନେତୃତ୍ୱ ନେଇ ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି ବୋଲି ସେ ଲେଖିଥିଲେ। ତାଙ୍କର ଏହି ନାଟକୀୟ ନିଷ୍ପତ୍ତି ଫଳରେ ଫ୍ରାନ୍ସିସ୍‌ଙ୍କୁ ତାଙ୍କର ଉତ୍ତରାଧିକାରୀ ଚୟନ କରାଯାଇଥିଲା। ଶନିବାର ସକାଳ ୯ଟା ୩୪ରେ ବେନେଡିକ୍ଟ ଷୋଡ଼ଶଙ୍କର ଭାଟିକାନ୍‌ସ୍ଥିତ ମ୍ୟାଟର ଏକ୍ଲେସିଆ ମୋନାଷ୍ଟେରିରେ ପରଲୋକ ଘଟିଥିବା ମୁଖପାତ୍ର ମାଟେଓ ବ୍ରୁନି କହିଛନ୍ତି। ତାଙ୍କ ମରଶରୀରକୁ ସର୍ବସାଧାରଣଙ୍କ ଦର୍ଶନ ଓ ଶେଷ ସମ୍ମାନ ପ୍ରଦାନ ଲାଗି ସେଣ୍ଟ ପିଟର୍ସ ବାସିଲିକାରେ ସୋମବାରଠାରୁ ରଖାଯିବ। ୧୯୨୭ ଏପ୍ରିଲ ୧୬ରେ ଜର୍ମାନୀରେ ଜନ୍ମିତ ଜୋସେଫ୍ ଆଲୋସିଅସ୍ ରାଜିଙ୍ଗର ୨୦୦୫ ଏପ୍ରିଲ ୧୯ରୁ ୨୦୧୩ ଫେବୃୟାରୀ ୨୮ରେ ଇସ୍ତଫା ଦେବା ପର୍ଯ୍ୟନ୍ତ କାଥୋଲିକ୍ ଚର୍ଚ୍ଚ ମୁଖ୍ୟ ଏବଂ ଭାଟିକାନ୍ ସିଟି ଷ୍ଟେଟ୍‌ର ଶାସକ ଥିଲେ। ପୋପ୍ ଜନ୍ ପାଉଲ୍ ଦ୍ୱିତୀୟଙ୍କ ପରଲୋକ ପରେ ପୂର୍ବତନ କାର୍ଡିନାଲ ଜୋସେଫ୍ ରାଜିଙ୍ଗରଙ୍କୁ ପୋପ୍ ନିର୍ବାଚିତ କରାଯାଇଥିଲା। ସେ ପୋପ୍ ବେନେଡିକ୍ଟ ଷୋଡ଼ଶ ଭାବେ ପରିଚିତ ହୋଇଥିଲେ। ସେ ପୋପ୍ ହେବାକୁ ଚାହୁଁ ନ ଥିବାବେଳେ ତାଙ୍କୁ ପ୍ରିୟ ସେଣ୍ଟ ଜନ୍ ପାଉଲ୍ ଦ୍ୱିତୀୟଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ କରାଯାଇଥିଲା। ତାଙ୍କୁ ପୋପ୍ ନିର୍ବାଚିତ କରାଗଲା ବେଳେ ସେ ନିଜକୁ ଗିଲୋଟିନ୍ ଭଳି ଅନୁଭବ କରୁଥିବା କହିଥିଲେ। ତାଙ୍କର ୮ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଭାଟିକାନ୍ ଯୌନ ଉତ୍ପୀଡ଼ନ, ଦୁର୍ନୀତି ଆଦି ଅଭିଯୋଗରେ ନିନ୍ଦିତ ହୋଇଥିଲା। ଏପରିକି ତାଙ୍କର ସହାୟକ ତାଙ୍କ ବ୍ୟକ୍ତିଗତ ଦସ୍ତାବିଜ୍ ଚୋରାଇ ନେଇ ଜଣେ ସାମ୍ବାଦିକଙ୍କୁ ପ୍ରଦାନ କରିଥିଲେ, ଯେଉଁଥିରୁ ଦୁର୍ନୀତିର ପର୍ଦ୍ଦାଫାଶ୍ ହୋଇଥିଲା।







## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ଶୁକ୍ର ଓ ଶନିଙ୍କ ସଂଯୋଗ ହେତୁ ବନ୍ଧୁମିଳନ ସହ ମର୍ଯ୍ୟାଦାଜନକ ସ୍ଥିତିରେ ରହିବେ। ରାହୁଯୁକ୍ତ ଶ୍ରୀଚନ୍ଦ୍ର କେତୁ ନକ୍ଷତ୍ରସ୍ଥ ହେତୁ ମାନସିକ ଅସ୍ଥିରତା ଲାଗି ରହିବ। ବିଳାସବ୍ୟସନ ଓ ମନୋରଞ୍ଜନ ମାଧ୍ୟମରେ ଦିନଟି ଉପଭୋଗ୍ୟ ହେବ। ସାମାଜିକ ସ୍ତରରେ ଅପରର ମନଗଢ଼ା କଥା ଶୁଣି ମନକୁ ଭାରାକ୍ରାନ୍ତ କରିବେ।

**ବୃଷ**
ମଙ୍ଗଳ ରାଶିରେ ଅବସ୍ଥାନ କରି ସ୍ତ୍ରୀ/ସ୍ୱାମୀଙ୍କ ସୌହାର୍ଦ୍ଦ୍ୟ ଲାଭ କରି ଖୁସି ହେବେ। ରବି ଓ ବୁଧଙ୍କ ସଂଯୋଗ ଫଳରେ ପାରିବାରିକ ସମସ୍ୟା ଦେଖାଦେବ। କୌଣସି ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ସମାଲୋଚିତ ହେବାକୁ ପଡ଼ିବ। ଶୁକ୍ରଙ୍କ ସୁପ୍ରଭାବରୁ ଶିଳ୍ପ, ବାଣିଜ୍ୟ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମିଥୁନ**
ରାଶ୍ୟାବଲୋକନ ଜନିତ ବୁଧଙ୍କ ପ୍ରଭାବରୁ ସହକର୍ମୀଙ୍କ ବ୍ୟବହାରରେ ଅତିଷ୍ଠ ହେବେ। ଅଷ୍ଟମସ୍ଥ ଶନି ହେତୁ ପ୍ରତ୍ୟେକ କାମରେ କିଛିନା କିଛି ପ୍ରତିବନ୍ଧକ ଲାଗି ରହିବ। ବକେୟା ପାଇବା ପାଇଁ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ ହେବେ। ନିଜର ଦକ୍ଷତା ବୃଦ୍ଧି କାରଣରୁ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**କର୍କଟ**
ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଚିନ୍ତାର କାରଣ ହେବ। କର୍ମ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିଜ ମନ ପସନ୍ଦର କୌଣସି ଜିନିଷ ପାଇ ସାୟାହ୍ନେ ମନ ଖୁସି ହୋଇଯିବ।

**ସିଂହ**
ବିଭିନ୍ନ ସମସ୍ୟା ଆସିବ, କିନ୍ତୁ ସମାଧାନର ପନ୍ଥା ଖୋଜି ପାଇବେ। ଯେଉଁଥିପାଇଁ ମନରେ ବ୍ୟଗ୍ରତା ଭରି ରହିଛି, ସେହି ବିଷୟରେ ଶୁଭଫଳ ପ୍ରାପ୍ତ ହେବେ। ଭାଗ୍ୟାଧିପତି ଦଶମସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ଜଣେ ପଦସ୍ଥ ବ୍ୟକ୍ତିଙ୍କ ଯୋଗୁ ପାଇବେ। ନିର୍ମାଣ କାର୍ଯ୍ୟରେ ଆକସ୍ମିକ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା**
ଆଜି ରବି ଓ ବୁଧଙ୍କ ସୁପ୍ରଭାବରୁ ସକାଳୁ ଯାତ୍ରାରେ ଅଭିଳଷିତ ଜିନିଷ ହାସଲ କରିପାରିବେ। ଅଟକି ରହିଥିବା କାମ, ପାଇବାକୁ ଥିବା କିଛି ଅର୍ଥ, ବନ୍ଧୁବର୍ଗଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟା ସୁଧାରିବାରେ ଜଣେ ଲୋକ ସାହାଯ୍ୟ କରିବ। ଘରେ ବନ୍ଧୁମିଳନ ସାଙ୍ଗକୁ ଆଲୋଚନା ସନ୍ତୋଷଜନକ ହେବ।

**ତୁଳା**
କୌଣସି ଅସୁବିଧା ନ ଥିଲେ ମଧ୍ୟ ଭାବପ୍ରବଣଜନିତ ମାନସିକ ସ୍ଥିରତା ରହି ନ ପାରେ। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ, କିନ୍ତୁ ଏଥିପାଇଁ କଷ୍ଟ ସ୍ୱୀକାର କରିବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ପ୍ରତିଦ୍ୱନ୍ଦ୍ୱିତା ଓ ଯାତ୍ରାରୁ ସୁଫଳ ପାଇବେ। ଧନାଧିପତିଙ୍କ ସପ୍ତମ ସ୍ଥିତିରୁ ବାଣିଜ୍ୟ କ୍ଷେତ୍ର ପୂର୍ବଭଳି ରହିବ।

**ବିଛା**
ସାଧାରଣ ସମସ୍ୟାକୁ ଗୁରୁତର ସହ ବିଚାରକୁ ନେଇ ଉତ୍ତେଜିତ ହୋଇପାରନ୍ତି। ବୁଧଙ୍କ ସ୍ଥିତିରୁ ଅନ୍ୟମାନଙ୍କ ସହ ମତାନ୍ତର କାରଣରୁ ମାନସିକ ଅବସ୍ଥା ଠିକ୍ ରହିବ ନାହିଁ। ଆଜିହିଁ ସମ୍ପନ୍ନ କରିବାକୁ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ପାରିବାରିକ ଜୀବନରେ ଅବଶ୍ୟ ଉଚିତ୍ ବୁଝାମଣା ରହିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ସ୍ୱଗୃହୀ ଧନାଧିପତି ହେତୁ ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ଓ କୌଣସି କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବାରେ ଅସୁବିଧା ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ କୌଣସି ତାଗିଦାକୁ ସହଜରେ ଗ୍ରହଣ କରିବା ମୁସ୍କିଲ୍ ହୋଇପାରେ।

**ମକର**
ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ସହ ଖୁସିରେ ସମୟ କଟିବ। ଘରୋଇ କ୍ଷେତ୍ରର ଅସ୍ଥିରତା ଦୂରେଇବାରେ ଆତ୍ମୀୟଙ୍କ ସହଯୋଗ ନିତାନ୍ତ ଜରୁରୀ ହୋଇପଡ଼ିବ। ଆଜି ଆନୁଷ୍ଠାନିକ କାମ, ସଭାସମିତି, ନୂତନ ଉଦ୍ୟୋଗ ଏବଂ ସାଂସ୍କୃତିକ କାମରେ ସହଭାଗିତା ହେବାକୁ ପଡ଼ିପାରେ। ଦୂର ବନ୍ଧୁଙ୍କ ଆଗମନ ଉଜ୍ଜ୍ୱଳ।

**କୁମ୍ଭ**
ଦ୍ୱିତୀୟସ୍ଥ ବୃହସ୍ପତିଜନିତ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ନିଷ୍ପତ୍ତି ବଦଳାଇ ପାରନ୍ତି। ସତର୍କତାର ଅଭାବ କିମ୍ବା ଅନ୍ୟମନସ୍କତା ହେତୁକ ଅଭାବନୀୟ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ନୂଆ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଆବଶ୍ୟକ ଉପକରଣର ଅଭାବ ପରିଲକ୍ଷିତ ହୋଇପାରେ।

**ମୀନ**
ଦେବଗୁରୁଙ୍କ ଆଶୀର୍ବାଦରୁ ଆଜି ନିଜସ୍ୱ ଢଙ୍ଗରେ କାର୍ଯ୍ୟ କରିବାରେ ଆନନ୍ଦ ଅନୁଭବ କରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଲଢ଼େଇ କରିବେ। କୃଷି, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା ତଥା ରାଜନୀତିରେ ଚେଷ୍ଟା ସଫଳ ହେବ। ମିଥ୍ୟାଭାଷଣ କିମ୍ବା କାମରେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

ଆଜି ପୌଷ ଶୁକ୍ଳପକ୍ଷର ଶାମ୍ବ ଦଶମୀ ରବିବାର, ଇଂରାଜୀ ନବବର୍ଷର ପ୍ରଥମ ଦିବସ, ଖ୍ରୀଷ୍ଟୀୟ ନବବର୍ଷ, ମହାନ୍ ବିପ୍ଳବୀ ଚକରା ବିଷୋୟୀ ଜୟନ୍ତୀ, ପରିଷଦର ପ୍ରତିଷ୍ଠା ଦିବସ, ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ ସମ୍ମେଳନ, ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୦୮ ଗତେ ଘ.୦୯।୧୮ ମଧ୍ୟେ, ଘ.୦୧।୧୧ ଗତେ ଘ.୦୩।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୫୩ ଗତେ ଘ.୦୫।୫୪ ମଧ୍ୟେ ରାହୁକାଳ।

## କଲ୍ୟାଣୀ ନାୟକ ସାମାଜିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା

ଭୁବନେଶ୍ୱର,(ବ୍ୟୁରୋ): କଳାହାଣ୍ଡି ଜିଲା ଧର୍ମଗଡର କଲ୍ୟାଣୀ ନାୟକଙ୍କୁ ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୮ଜଣଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ହୀନା ବେହେରା, ସାରଳା ସ୍ୱାଇଁ, ଚନ୍ଦ୍ରଲେଖା ପଟ୍ଟନାୟକ, ସସ୍ମିତା ନନ୍ଦ, ସାଗରିକା ମିଶ୍ର, ଦେବସ୍ମିତା ଦାସ, ରିଜୱାନା ବେଗମ ଓ ବାସନ୍ତୀ ସିଂ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ୯ ଜଣ ସଦସ୍ୟ ନିଯୁକ୍ତ

### ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ୯ଜଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ସୁନ୍ଦରଗଡ଼ ପାଇଁ ବୈକୁଣ୍ଠନାଥ ନାୟକ, ଅବିନାଶ ଠାକୁର କଳାହାଣ୍ଡି, ହଂସରାଜ ଜୈନ ବଲାଙ୍ଗୀର, ସୁବୋଧ ପ୍ରଧାନ ବୌଦ୍ଧ, ଗତିକୃଷ୍ଣ ମିଶ୍ର ବରଗଡ଼, ଭୂପିନ୍ଦର ପ୍ରସାଦ ନାୟକ ଦେବଗଡ଼, ମନ୍ଦାକିନୀ ବେଗଲ ନୂଆପଡ଼ା, ମିତ୍ରଭାନୁ ସାହୁ ଝାରସୁଗୁଡ଼ା ଓ ଯାଜ୍ଞସେନୀ ନାଗ ସମ୍ବଲପୁର ପାଇଁ ନୂଆ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି।

ସେହିପରି ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ପାଇଁ ୧୧ ଜଣ ସଦସ୍ୟ ଓ ବିଶେଷଜ୍ଞ ସଦସ୍ୟ ଭାବେ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୧୩ ଜଣଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ୩ ଜଣଙ୍କୁ ବିଶେଷଜ୍ଞ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ମାଲକାନଗିରି ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୫ ଜଣ ସ୍ୱତନ୍ତ୍ର ସଦସ୍ୟ, ୩ ଜଣ ସଦସ୍ୟ ଓ ୩ ଜଣ ବିଶେଷଜ୍ଞ ସଦସ୍ୟ, କୋରାପୁଟ ଏସ୍‌ଡିସି ପାଇଁ ୧୭ ଜଣ ସଦସ୍ୟ, ୩ ଜଣ ବିଶେଷଜ୍ଞ ସଦସ୍ୟ ଏବଂ ୪ ଜଣ ସ୍ୱତନ୍ତ୍ର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି।




# ବଟ ନଦୀରେ ପୁଣି ମାଛ ମଡ଼କ

### ପାଣିର ନମୁନା ସଂଗ୍ରହ କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ



ପାରାଦୀପ,୩୧।୧୨(ସ୍ୱ.ପ୍ର.)

ପାରାଦୀପର ବାଲିଝରା ସଂଲଗ୍ନ ବଟନଦୀରେ ଶନିବାର ପୁଣି ମାଛ ମଡ଼କ ହୋଇଛି। ଏହି ନଦୀରେ ପ୍ରଚୁର ପରିମାଣର ମାଛ ମରି ଭାସୁଥିବାରୁ ଚତୁଃପାର୍ଶ୍ୱରେ ଥିବା ବସ୍ତି ଓ କଲୋନିରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅନନ୍ତ ଜେନା କହିଛନ୍ତି। ସକାଳୁ ଅଳ୍ପମାତ୍ରାରେ ମାଛ ମରି ଭାସୁଥିବାବେଳେ ମଧ୍ୟାହ୍ନ ବେଳକୁ ଏହି ସଂଖ୍ୟା ବଢ଼ିଯାଇଥିଲା। ମଲା ମାଛଗୁଡ଼ିକ ମଧ୍ୟରେ କଉ, ଖଇଙ୍ଗା, କଣ୍ଟିଆ, ମାଗୁର ଆଦି ରହିଛି। ଏହି ଖବର ପ୍ରଚାରିତ ହେବାପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ କାର୍ଯ୍ୟାଳୟ ପକ୍ଷରୁ ପରିବେଶ ଯନ୍ତ୍ରୀ ଟ୍ୱିଙ୍କିଲ୍ ମହାନ୍ତି ଆସି ନଦୀର ପାଣି ଓ ମଲା ମାଛର ନମୁନା ସଂଗ୍ରହ କରିଛନ୍ତି। ପ୍ରାଥମିକ ଟେଷ୍ଟିଂ ରିପୋର୍ଟ ଆଧାରରେ ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଅମ୍ଳଜାନ ହ୍ରାସ (ଡିଜଲ୍ଭ ଅକ୍ସିଜେନ) ପାଇବାରୁ ଏପରି ଘଟଣା ଘଟିଛି। ତଥାପି ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ଲାବ୍‌କୁ ପାଣି ଓ ମଲା ମାଛ ପଠାଯିବ। ସେଠାରୁ ରିପୋର୍ଟ ଆସିବା ପରେ ମାଛ ମରିବାର କାରଣ ସ୍ପଷ୍ଟ ହେବ ବୋଲି ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା କହିଛନ୍ତି।

ଏହି ନଦୀ ପାରାଦୀପର ଉଦୟବଟଠାରୁ ଆରମ୍ଭ ହୋଇ ବାଲିଝରା ଓ ଅଠରବାଙ୍କି ଦେଇ କାଉଡ଼ିଆ ନଦୀରେ ମିଶିଛି। ସମ୍ପ୍ରତି ଉକ୍ତ ନଦୀର ଚତୁଃପାର୍ଶ୍ୱରେ ଜନବସତି ଓ ଶିଳ୍ପ ସଂସ୍ଥା ଆଦି ଗଢ଼ିଉଠିଛି। ଏଥିଯୋଗୁ ତାହା ସଙ୍କୁଚିତ ହୋଇ ଅସ୍ତିତ୍ୱ ହରାଇ ବସିଲାଣି। କେବଳ ବାଲିଝରା ଓ ବିଜୟଚନ୍ଦ୍ରପୁର ପାଖରେ କିଛି ଅଂଶ ଜଳାଶୟ ଭଳି ରହିଛି। ସେଥିରେ ବସ୍ତିର ବର୍ଜ୍ୟ ପାଣି, ଡ୍ରେନ ପାଣି, ଖୋଲା ଶୌଚାଳୟର ଆବର୍ଜନା ଆଦି ମିଶୁଛି। ଏତଦ୍‌ବ୍ୟତୀତ ନଦୀରେ କଳିକତି ଦଳ ଭର୍ତ୍ତି ହୋଇଯାଇଛି। ସେଥିପାଇଁ ଅମ୍ଳଜାନ ହ୍ରାସ ପାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ୧୨,୯୭୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ

### ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିରେ ୪୧୮୩ କୋଟିର ୧୬ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ୪୧୮୩ କୋଟି ଟଙ୍କାର ୧୬ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହାସହିତ ୧.୬୭ ଲକ୍ଷ କୋଟି ଟଙ୍କାର ୧୦ଟି ବୃହତ୍ ପ୍ରକଳ୍ପ ପାଇଁ ହାଇଲେଭଲ କ୍ଲିୟରାନ୍ସ ଅଥରିଟିକୁ ସୁପାରିସ କରିଛନ୍ତି।

ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମୋଟ ୯ଟି କ୍ଷେତ୍ରର ୪୧୮୩ କୋଟି ଟଙ୍କାର ୧୬ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ରାଜ୍ୟରେ ୧୨,୯୭୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଅନୁମୋଦନ ପାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୬ଟି ଖୋର୍ଦ୍ଧା ଜିଲାରେ ସ୍ଥାପନ ହେବାକୁ ଥିବାବେଳେ ୩ଟି ପୁରୀ, ୨ଟି କୋରାପୁଟ ଓ ଗୋଟିଏ ଲେଖାଏ ଧାମରା, କଟକ, ଭଦ୍ରକ, ମୟୂରଭଞ୍ଜ ଓ ଅନୁଗୋଳରେ ସ୍ଥାପନ ହେବ। ପେପର, କାଠ ଓ ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟ ପ୍ରକ୍ରିୟାକରଣ, ଟେକ୍ସଟାଇଲ, ପରିଧାନ, ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରି ଓ ଡାଉନ୍‌ଷ୍ଟ୍ରିମ୍, ପଲିମର ଓ ପ୍ଲାଷ୍ଟିକ୍ ପ୍ରଡକ୍ଟ, ପ୍ଲାଷ୍ଟିକ୍, ୱେଷ୍ଟ ମ୍ୟାନେଜ୍‌ମେଣ୍ଟ, ସର୍କୁଲାର ଇକୋନୋମି, କେମିକାଲ, ଟୁରିଜମ୍ ଓ ସିମେଣ୍ଟ କ୍ଷେତ୍ରରେ ଏହି ନିବେଶ ହେବ। ଯେଉଁସବୁ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ସେଥିରେ ଗ୍ରୀନ୍‌ପ୍ଲାଏ ସ୍ପେଶାଲିଷ୍ଟ ପ୍ୟାନେଲ୍‌ସ ପ୍ରା ଲିଃ ୬୦୬ କୋଟି ଟଙ୍କା ନିବେଶ କରି କୋରାପୁଟର ସେମିଳିଗୁଡ଼ାରେ ୨ଟି ପ୍ରକଳ୍ପ କରିବ। ପେପର, କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ପ୍ରକଳ୍ପ ହେବାକୁ ଥିବାବେଳେ ଓ ଏଥିରେ ୧୩୦୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ବରୁଣ ବେଭେରେଜ୍ ଲିଃ ୬୨୪.୩୦ କୋଟି ଟଙ୍କା ନିବେଶ କରି ୨୨୦ ଜଣଙ୍କୁ ନିଯୁକ୍ତି ଦେଇ ଖୋର୍ଦ୍ଧାର ମଳିପଡ଼ାଠାରେ ଫୁଡ୍ ପ୍ରୋସେସିଂ ପ୍ରକଳ୍ପ କରିବ।

# ସିକିଲ୍ ସେଲ୍ ନିରାକରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

ସିକିଲ୍ ସେଲ୍ ରୋଗର ନିରାକରଣ ପାଇଁ ରାଜ୍ୟରୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ଆନୁଷ୍ଠାନିକ ବ୍ୟବସ୍ଥା କରିବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସବ୍-କମିଟି ଗଠନ କରାଯାଇଛି। ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ନିର୍ଦ୍ଦେଶକ ଏଥିରେ ସହ-ଅଧ୍ୟକ୍ଷ ଥିବାବେଳେ ଗଣଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକଙ୍କୁ ସଦସ୍ୟ ରହିଛନ୍ତି। ଭେଲୋରସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ ଏବଂ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକଙ୍କୁ ବୈଷୟିକ ସହଯୋଗୀ ଭାବେ କମିଟିରେ ଗ୍ରହଣ କରାଯାଇଛି। ସେହିପରି ଜିଲାସ୍ତରୀୟ କମିଟି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ସମ୍ପୃକ୍ତ ଏମ୍‌ପି କମିଟିର ସ୍ୱତନ୍ତ୍ର ଅତିଥି ସଦସ୍ୟ ରହିବେ। ବ୍ଲକସ୍ତରୀୟ କମିଟି ବ୍ଲକ ମେଡିକାଲ ଅଫିସରଙ୍କ ଅଧ୍ୟକ୍ଷତାରେ କାମ କରିବ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏହାର ସହ-ଅଧ୍ୟକ୍ଷ ରହିବେ। ଗଠନ ହୋଇଥିବା ସମସ୍ତ କମିଟି ସିକିଲ୍ ସେଲ୍ ବିଷୟରେ ସଚେତନତା, ଚିହ୍ନଟ ଏବଂ ଚିକିତ୍ସା ଆଦି କାର୍ଯ୍ୟକ୍ରମର ପରିଚାଳନା କରିବେ। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।




# ୬୦ ପିଲାଙ୍କୁ ମାଗଣାରେ ଦେଉଛନ୍ତି ସଙ୍ଗୀତ ଶିକ୍ଷା

### ଦୃଷ୍ଟିବାଧିତ ଗୋବିନ୍ଦଙ୍କ ସାଧନା


ଗୋବିନ୍ଦ

**କୋରାପୁଟ,୩୧।୧୨(ସ୍ୱ.ପ୍ର.):** ସେ ଦୃଷ୍ଟିବାଧିତ। ମାତ୍ର ସଙ୍ଗୀତ ପ୍ରତି ରହିଛି ଅସୀମ ଆଗ୍ରହ। ୬୦ ପିଲାଙ୍କୁ ଦେଉଛନ୍ତି ମାଗଣାରେ ସଙ୍ଗୀତ ଶିକ୍ଷା। ସେ ହେଉଛନ୍ତି କୋରାପୁଟ ପୌର ପରିଷଦର ଢ଼େପସାହିରେ ରହୁଥିବା ଗୋବିନ୍ଦ ନାଇଡୁ। ଜନ୍ମରୁ ଦୃଷ୍ଟି ଶକ୍ତି ହରାଇଥିଲେ ଗୋବିନ୍ଦ। ପିଲାବେଳୁ ଗିଟାର, କ୍ୟାସିଓ ବଜାଇ ଓଡ଼ିଆ ଗୀତ ଗାଉଛନ୍ତି ଏବଂ ଶିକ୍ଷା ଦେଉଛନ୍ତି ସେ। ଦୃଷ୍ଟିହୀନ ବିଦ୍ୟାଳୟରେ ୨୦୦୩ ରେ ଶିକ୍ଷା ଶେଷ ପରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ଗୋବିନ୍ଦ। ପରେ ୨୦୧୫ରେ ନିଜେ ନିଜକୁ ପ୍ରତିଷ୍ଠା କରିବା ପାଇଁ ପୋଲିସ ମେଲୋଡିରେ ନିଜ କଳା ପରିବେଷଣ କରିଥିଲେ। ପରେ ସେ ଏକ ଟିଭି କାର୍ଯ୍ୟକ୍ରମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ତେବେ ପିଲାମାନଙ୍କୁ ମାଗଣାରେ ସଙ୍ଗୀତ ଶିକ୍ଷା ଦେଉଥିବାରୁ ତାଙ୍କୁ ଆତ୍ମ ସନ୍ତୋଷ ମିଳୁଛି ବୋଲି କହନ୍ତି ଗୋବିନ୍ଦ।

# ଶାମ୍ବଦଶମୀରେ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ଼

**କୋଣାର୍କ,୩୧।୧୨(ଡି.ଏନ୍.ଏ.):** ଶାମ୍ବଦଶମୀରେ ରବିବାର କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ପର୍ଯ୍ୟଟକଙ୍କ ନିମନ୍ତେ ପ୍ରବେଶ ଫି ଛାଡ଼ କରାଯାଇଛି। କୋଣାର୍କ ସୁରକ୍ଷା ସମିତିର ପୂର୍ବତନ ରାଜ୍ୟ ଆବାହକ ଅଧାପକ ସୁରେନ୍ଦ୍ର ନାଥ ମିଶ୍ର ଓ ସମିତିର ସ୍ୱର୍ଗତ ସଭାପତି ବାଦଲ ଦାଶଙ୍କ ଆନ୍ଦୋଳନ ଯୋଗୁ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିବର୍ଷ ଶାମ୍ବଦଶମୀରେ ଏଭଳି ବ୍ୟବସ୍ଥା କରାଯାଉଛି। ସୂର୍ଯ୍ୟ ନାରାୟଣଙ୍କ ଜନ୍ମସ୍ଥାନ ମୈତ୍ରାୟ ବନ ତଥା ଅଧୁନା ଅନନ୍ତ ଅବଧୂତ ମଠ ପ୍ରାଙ୍ଗଣରୁ ସୂର୍ଯ୍ୟରଥ କୋଣାର୍କ ପରିକ୍ରମା କରିବ। ଶ୍ରଦ୍ଧାଳୁମାନେ ସୂର୍ଯ୍ୟରଥକୁ ଟାଣି ଚନ୍ଦ୍ରଭାଗା ତୀର୍ଥ ଅଭିମୁଖେ ଯାତ୍ରା କରିବେ। ମଠର ମଠାଧୀଶ ବାବା ଅବଧୂତ ଆଦିତ୍ୟ ଚରଣ ଦାସ ଏହି ପରମ୍ପରାକୁ ବଜାୟ ରଖିଛନ୍ତି।






ନୂତନ ବର୍ଷରେ ଜନ୍ମ ସହିତ ଆମ ଭିତରେ ମଧ୍ୟ ଜନ୍ମ ନେଉ ଏକ ନୂତନ ଚେତନା। ଅତୀତକୁ ପଛରେ ଛାଡ଼ିଦେଇ ଚାଲ ଆମେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଧାବମାନ ହେବା। – ଶ୍ରୀମା

# ଏତେ ସହଜ ନୁହେଁ



ଆକାର ପଟେଲ

ନିକଟରେ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ(ର')ର ପୂର୍ବତନ ମୁଖ୍ୟ ଏ.ଏସ୍. ଦୁଲତ ତାଙ୍କ ପୁସ୍ତକରେ ଗୋଇନ୍ଦା ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ର' ଆଇଏସ୍‌ଆଇଠାରୁ ବହୁତ ଭଲ। କେଉଁ ବାଟରେ ଭଲ ତାହା ସେ ନ ବୁଝାଇ ସେତିକି ଲେଖି ଛାଡ଼ି ଦେଇଛନ୍ତି। କିନ୍ତୁ ସେ ଏହି ସିଦ୍ଧାନ୍ତରେ କେମିତି ପହଞ୍ଚିଲେ ତାହା ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଦେଖିବାକୁ ଗଲେ ଆଇଏସ୍‌ଆଇ ସାମ୍ନାରେ ଦୁଇଟି ବିଷୟ ଅଛି। ପ୍ରଥମରେ ଏହା ତାହାର ଶକ୍ତିଶାଳୀ ପଡ଼ୋଶୀକୁ ଏମିତି ପରିସ୍ଥିତିରେ ଛନ୍ଦି ଦେବାକୁ ଚାହେଁ ଯେଉଁଥିରେ ସେହି ଦେଶର ସଶକ୍ତ ସେନା ଓ ଆର୍ଥିକ ସ୍ଥିତି ନିଷ୍ପ୍ରଭାବୀ ହେବ। ଦ୍ୱିତୀୟରେ, ଏହା ବିକଳ୍ପ ପ୍ରତିନିଧି ମାଧ୍ୟମରେ ଏହାର ପଶ୍ଚିମୀ ପଡ଼ୋଶୀଗୁଡ଼ିକୁ ନିୟନ୍ତ୍ରଣ କରେ। ଏହିସବୁ କାରଣରୁ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ଜାତୀୟ ସୁରକ୍ଷା ସମ୍ପର୍କିତ ଅତ୍ୟଧିକ ଦାୟିତ୍ୱ ଦିଆଯାଇଛି। ଏହି ବିଷୟରେ ଜଣେ ନିଷ୍ପକ୍ଷ ଭାବେ ପର୍ଯ୍ୟବେକ୍ଷଣ କଲେ ଜାଣିପାରିବେ ଯେ, ଆଇଏସ୍‌ଆଇର ଉଭୟ ପରିଣାମ ଏତେ ବ୍ୟାପକ ଭାବେ ହାସଲ ହୋଇଛି ଯେ ବିରୋଧୀର ମାନସିକତା ଯାଏ ପହଞ୍ଚିବାକୁ ସକ୍ଷମ ହେବା ସହ ତା'ବିଚାରକୁ ବନ୍ଦ କରିଦେଇଛି, ଯାହା ଦୁଲତଙ୍କ ପୁସ୍ତକରୁ ସ୍ପଷ୍ଟ ହୁଏ। ଆଇଏସ୍‌ଆଇ ସହ ତୁଳନା କରିବାକୁ ହେଲେ ପ୍ରଥମେ ର' କେଉଁ ପରିଣାମ ହାସଲ କରିବାକୁ ଚାହୁଁଛି ତାହା ଜାଣିବା ଉଚିତ ? କିନ୍ତୁ ଏହା ସ୍ପଷ୍ଟ ନୁହେଁ, କାରଣ ଆମର କୌଣସି ଜାତୀୟ ସୁରକ୍ଷା ନୀତି ବା ସିଦ୍ଧାନ୍ତ କିମ୍ବା ରଣନୀତି ନାହିଁ। ଏବକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଅଧୀନରେ ଏକ ସୁରକ୍ଷା ଯୋଜନା କମିଟିକୁ ନୀତି ଓ ରଣନୀତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏହା ହୋଇ ନାହିଁ। ଫଳରେ ଶତ୍ରୁକୁ ଆମେ ଜାଣିଲେ ମଧ୍ୟ ତା'ପକ୍ଷରୁ କ'ଣ ବିପଦ ରହିଛି ତାହା ଆମେ ନିର୍ଣ୍ଣୟ କରିପାରିନାହୁଁ। ଅକ୍ଟୋବର ୨୦୧୪ରେ ପ୍ରଥମ ମିଳିତ କମାଣ୍ଡରଙ୍କ ସମ୍ମିଳନୀକୁ ସମ୍ବୋଧିତ କରିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, 'ବିପଦକୁ ଜାଣି ହୋଇପାରିବ, କିନ୍ତୁ ଶତ୍ରୁ(ସନ୍ତ୍ରାସବାଦ) ଅଦୃଶ୍ୟ ରହିଯାଇପାରେ।' ଜାତୀୟ ପରାମର୍ଶଦାତା ଡୋଭାଲ ଏ ବାବଦରେ ଯାହା କହିଛନ୍ତି ତାହାକୁ 'ଡୋଭାଲ ସିଦ୍ଧାନ୍ତ'ବୋଲି ସୂଚିତ କରାଯାଇଛି। ଏଥିରେ ସୂଚିତ କରାଯାଇଛି ଯେ, ଜାତୀୟ ସୁରକ୍ଷା ପ୍ରତି ପାକିସ୍ତାନ ବିପଦ ଓ ସନ୍ତ୍ରାସବାଦ ମୁଖ୍ୟ ସମସ୍ୟା। ତାଙ୍କ ସିଦ୍ଧାନ୍ତ ଅନୁଯାୟୀ ସମାଧାନ ହେଉଛି, ଶତ୍ରୁ ତୁମକୁ ଯାହା କରୁଛି ତୁମେ ବି ତାକୁ ସେମିତି ଜବାବ ଦିଅ। କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ଏହାର ଯଥାର୍ଥତା କ'ଣ ରହିଛି ତାହା ସେ ପ୍ରକାଶ କରିନାହାନ୍ତି। ଏହା ସ୍ପଷ୍ଟ ଯେ, ସନ୍ତ୍ରାସବାଦ ଉପରେ କେବଳ ଏହି ସରକାର ଗୁରୁତ୍ୱ ହେଉନାହିଁ। ବରଂ ୧୯୯୦ରେ କଶ୍ମୀରରେ ଜାତୀୟ ସୁରକ୍ଷା ରଣନୀତି କେନ୍ଦ୍ରିତ ହେବା ଦରକାର ବୋଲି ସେତେବେଳେ ବି ସରକାର ନିଶ୍ଚିତ ଥିଲେ। ଯୁଦ୍ଧ ବଦଳରେ ସନ୍ତ୍ରାସବାଦ ଅନୁପ୍ରବେଶ ରୋକିବା ଲାଗି ସେନା ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍ ଗଠନ କରିଥିଲା। ପ୍ରତିରକ୍ଷାତ୍ମକ ଭାବେ ନିୟନ୍ତ୍ରଣ ରେଖା ଏବଂ ଅନ୍ତର୍ଜାତୀୟ ସୀମାର କେତେକାଂଶରେ ତା'ର ବାଡ଼ ନିର୍ମାଣ କରାଯାଇଥିଲା।

ଭାରତ ସରକାରଙ୍କ ପାଇଁ କଶ୍ମୀର ଓ ପାକିସ୍ତାନ ମୁଣ୍ଡ ବ୍ୟଥାର କାରଣ। ଏହି କାରଣରୁ ପୂର୍ବୋତ୍ତର ସୀମାରେ କ'ଣ ଘଟୁଛି ସେଥିରୁ ସମ୍ପୂର୍ଣ୍ଣ ଦୃଷ୍ଟି ହଟାଇ ଦେଲା। ଗଲ୍‌ୱାନ ଘାଟିରେ ସଂଘର୍ଷ ହେବା ଯାଏ ଭାରତର ୩୮ଟି ଡିଭିଜନ ମଧ୍ୟରୁ ୧୨ଟି ଚାଇନା ସୀମାରେ ଥିବାବେଳେ ଅନ୍ୟସବୁ ପାକିସ୍ତାନ ବିରୋଧରେ ମୁତୟନ ହୋଇଥିଲେ। ଏବେ ୧୬ଟି ଚାଇନାର ସୀମାରେ ରହିଛନ୍ତି ଓ ଅଧିକ ମୁତୟନ ହେବାକୁ ଯାଉଛି। ଆମେ ପାରମ୍ପରିକ ଢଙ୍ଗରେ ପୁଣି ସେନା ପୋଜିସନକୁ ହଠାତ୍ ପଛକୁ ଟାଣୁଛୁ। ଏହା କରିବାକୁ ଇଚ୍ଛା ନ ଥିଲେ ବି ତ୍ରୁଟିପୂର୍ଣ୍ଣ ବିଷୟରେ ଅଧିକ ବିଚାର କରି ସମୟ ନଷ୍ଟ କରାଯାଉଛି ବୋଲି ମିଡିଆ ଜୋର୍‌ଦାର ଚର୍ଚ୍ଚା କହିବାରୁ ସରକାର ଏମିତି କରିବାକୁ ବାଧ୍ୟ ହୋଇଛନ୍ତି। ଅନୁପ୍ରବେଶ କିମ୍ବା ବିଚ୍ଛିନ୍ନତାବାଦ କାର୍ଯ୍ୟରେ ଲିପ୍ତ ବୋଲି ପାକିସ୍ତାନ ଅନେକ ବର୍ଷ ଧରି ଅସ୍ୱୀକାର କରିଆସିଛି। ଏଥିରୁ ବୁଝାପଡୁଛି ଯେ, ଅନେକ ଦିନରୁ କଶ୍ମୀରରେ ଆମର ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା କାର୍ଯ୍ୟକଳାପ ହିଁ ନାହିଁ ଓ ଅନୁପ୍ରବେଶ ରୋକିବା ଲାଗି ସେନାକୁ ଛାଡ଼ିଦେଲେ ଆମ ପାଖରେ କୌଣସି ସଂସ୍ଥା ନାହିଁ। ଦେଖିବାକୁ ଗଲେ ଭାରତ ଭଳି ଏକ ଆଧୁନିକ ତଥା ଗଣତାନ୍ତ୍ରିକ ଦେଶର କାର୍ଯ୍ୟଶୈଳୀ ପୂରା ନୈରାଶ୍ୟଜନକ। କୌଣସି ପ୍ରସଙ୍ଗ ଉପରେ ଅଧିକ ଚିନ୍ତା କରାଯାଉଥିବାବେଳେ ଏହା ଉପରେ କାର୍ଯ୍ୟ ଉପଯୁକ୍ତ କାର୍ଯ୍ୟ କରା ନ ଯିବା ଏକ ବିଡ଼ମ୍ବନା। ସଂଖ୍ୟାଲଘୁ ବିଶେଷକରି ମୁସଲମାନଙ୍କୁ କାଉଣ୍ଟର ଇଣ୍ଟେଲିଜେନ୍ସ (ବିଦେଶୀ ଗୁପ୍ତଚର ଖୋଜି ସେମାନଙ୍କୁ ଭାରତରେ କାର୍ଯ୍ୟରେ ଲଗାଇବା)ରେ ନିୟୋଜିତ କରିବାକୁ ମନା କରିବା ଦ୍ୱାରା ଗୁପ୍ତଚର ଓ କାର୍ଯ୍ୟଦକ୍ଷତା ପ୍ରଭାବିତ ହେଉଛି।

ଦୁଲତଙ୍କ ପୁସ୍ତକ ପ୍ରକାଶ କରିଛି ଯେ, ର' ସମେତ ଗୋଇନ୍ଦା ସଂସ୍ଥାଗୁଡ଼ିକର ପଦକ୍ଷେପ ସେନା ଅନୁଯାୟୀ କାମ କରୁଛନ୍ତି। ନିର୍ଦ୍ଦିଷ୍ଟ ବିପଦସମ୍ପର୍କରେ ଜଣା ନ ଥିବାରୁ ଓ ବିନା ନୀତିରେ ବ୍ୟବସ୍ଥା ଏକ ପ୍ରକାର ମନ୍ଥର ହୋଇଗଲା। ରାଜନୈତିକ ସଂସ୍ଥା ଓ ମିଡିଆ ପୂରା ଘଟଣାକୁ ଭୁଲ୍ ଦିଗରେ ବିଚାର କଲେ। ଏବେ ଆମ ଅଗରେ ସବୁଠୁ ବଡ଼ ତଥା ମୁଖ୍ୟ ବିପଦ ହେଉଛି ଚାଇନା। ଏହାକୁ ପ୍ରତିରୋଧ କରିବା ଲାଗି ଆମର ଗୋଇନ୍ଦା ଦକ୍ଷତା ବଢ଼ାଇବା ଦରକାର। କିନ୍ତୁ ଏହା ଏବେ ଏତେ ସହଜ ନୁହେଁ। ଆମକୁ ଉପଯୁକ୍ତ ସିଦ୍ଧାନ୍ତ ଓ ରଣନୀତିରେ ପହଞ୍ଚିବା ଦରକାର। ଏହା ମଧ୍ୟ ଏକ ସନ୍ଦେହୀ ସରକାରଙ୍କ ପାଇଁ ସହଜ ହେବ ନାହିଁ। ସର୍ବୋପରି ସନ୍ତ୍ରାସବାଦ ସବୁଠୁ ବଡ଼ ସମସ୍ୟା, ପାକିସ୍ତାନ ମୁଖ୍ୟ ଶତ୍ରୁ ଏବଂ କଶ୍ମୀରର ଏବକାର ନୀତିକୁ ଗୁରୁତ୍ୱପୂର୍ଣ୍ଣ ଓ ସ୍ଥାୟୀ ବୋଲି ଯାହା ବିଚାର କରୁଛୁ ସେଥିରୁ ଧୀରେ ଧୀରେ ଦୂରେଇ ଯିବାକୁ ହେବ। କିନ୍ତୁ ଏଥିରୁ କେଉଁଟି ବି ହୋଇପାରୁନାହିଁ। ଏହି କାରଣରୁ ଆମେ କିଛି କରିବା ଲାଗି ବାଧ୍ୟ କିମ୍ବା ବିବଶ ହେଉଛୁ। ସେ ପର୍ଯ୍ୟନ୍ତ ଅବ୍ୟବସ୍ଥିତ ଭାବେ ଭୁଲ୍ କରିଚାଲିବୁ ଓ କିଛି ହାସଲ କରିପାରିବୁ ନାହିଁ। ତେବେ ଦୁଲତ ଦେଶର ସ୍ଥିତି ଉପରେ ଯାହା ଆଲୋକପାତ କରିଛନ୍ତି ତାହା ଯେତିକି ଚମକପ୍ରଦ ଓ ସୁସ୍ପଷ୍ଟ ସେତିକି ନୈରାଶ୍ୟଜନକ ଓ ଭୟାନକ ମଧ୍ୟ।

Email:aakar.patel@gmail.com

# ଦାୟିତ୍ୱ ଓ ଦରମା



ଡ. ପ୍ରଫୁଲ୍ଲ କୁମାର ସାହୁ

ସାଧାରଣତଃ କୌଣସି ବ୍ୟବସ୍ଥା ଯେତେ ପୁରୁଣା ଓ ପାକଳ ହୁଏ, ସେତେ ଶିଷ୍ଟ ଓ ଦାୟିତ୍ୱସମ୍ପନ୍ନ ହୁଏ ତା'ର କାର୍ଯ୍ୟଧାରା ଓ ବ୍ୟବହାର। ଅଥଚ ବୟସ ବଢ଼ିବା ସହିତ ପୋଖତ ହେବା ପରିବର୍ତ୍ତେ ଦିନକୁ ଦିନ ବଢ଼ିଚାଲିଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ଦାୟିତ୍ୱହୀନତା। ବ୍ୟବସ୍ଥାପିକା ସଭା ବା ସଂସଦ ହେଉଛି ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର। ଲୋକଙ୍କ ଦ୍ୱାରା ନିର୍ବାଚିତ ହେଉଥିବା ପ୍ରତିନିଧିମାନେ ହିଁ ସେ ମନ୍ଦିରର ପୂଜାରୀ ଏବଂ ସେମାନଙ୍କ ବିଚାରବୋଧ ଓ ବୌଦ୍ଧିକତା ଉପରେ ନିର୍ଭରକରେ ଶାସନର ସ୍ୱଚ୍ଛତା ଓ କ୍ରିୟାଶୀଳତା। ମାତ୍ର ଦେଶବାସୀଙ୍କୁ ଆଜି ବିସ୍ମିତ କରିଛି ଲୋକପ୍ରତିନିଧିଙ୍କ ବିଶୃଙ୍ଖଳିତ ଆଚରଣ ଓ ସ୍ୱାର୍ଥପରତା। ଗଣତନ୍ତ୍ର ମନ୍ଦିରରେ ବସି ବିଚାର ବିମର୍ଶ ପୂର୍ବକ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ଆଇନ ତିଆରି କରିବା ତଥା ଲୋକଙ୍କ ଅଭାବ ଅସୁବିଧା ଉପସ୍ଥାପନ କରିବା ଏମାନଙ୍କର ପ୍ରଧାନ କର୍ତ୍ତବ୍ୟ। ଆଇନ ତିଆରି କରିବା ଦାୟିତ୍ୱରେ ଥାଇ ଏମାନେ କିନ୍ତୁ ଅନେକ କ୍ଷେତ୍ରରେ ଆଇନ ଭାଙ୍ଗନ୍ତି ଓ ତାଙ୍କ ଦାୟିତ୍ୱହୀନ ଆଚରଣ ପାଇଁ ବେଳେବେଳେ ରଣକ୍ଷେତ୍ରରେ ପରିଣତ ହୁଏ ଗୃହ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ। 'ଦୃଢ଼ ଗଣତନ୍ତ୍ର ପାଇଁ ନିର୍ବାଚନ ସଂସ୍କାର'(୮।୧୨।୨୦୧୬) ଶୀର୍ଷକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖି ସେ କହିଥିଲେ, ସାଂସଦମାନେ ହଙ୍ଗାମା କରିବା ପାଇଁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇ ନାହାନ୍ତି କି ସେମାନଙ୍କ ଧାରଣା, ଧର୍ମଘଟ ଓ ନାରାବାଜି ପାଇଁ ପାର୍ଲାମେଣ୍ଟ ଉଦ୍ଦିଷ୍ଟ ନୁହେଁ।

ଦେଶ ସ୍ୱାଧୀନ ହେବାର ପ୍ରାୟ ତିନି ଦଶନ୍ଧି ପର୍ଯ୍ୟନ୍ତ ପ୍ରତିନିଧି ସଭାର ବାତାବରଣ ଥିଲା ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ। ସେତେବେଳେ ଯେଉଁମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହେଉଥିଲେ, ପ୍ରାୟତଃ ସମସ୍ତେ ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ। କ୍ଷମତା ଆହରଣ ନୁହେଁ, ରାଜନୀତି ଥିଲା ସେମାନଙ୍କ ପାଇଁ ରାଷ୍ଟ୍ର ନିର୍ମାଣର ସଂକଳ୍ପ।

ଜନଗଣଙ୍କ ଶ୍ରଦ୍ଧା, ବିଶ୍ୱାସ ଓ ନିର୍ଭରଶୀଳତା ଭିତରୁ ସେମାନେ ପାଉଥିଲେ ପ୍ରଚୁର ଶକ୍ତି, ଆନନ୍ଦ ଓ ଆତ୍ମସନ୍ତୋଷ। ଏମାନଙ୍କ ଗଭୀର ଜ୍ଞାନ ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଯୋଗୁ ଗୃହରେ ଘଣ୍ଟାଘଣ୍ଟା ଧରି ଚାଲୁଥିଲା ଉଚ୍ଚସ୍ତରୀୟ ଚର୍ଚ୍ଚା। ରାମମୋହନ ଲୋହିଆ, ଇନ୍ଦ୍ରଜିତ୍ ଗୁପ୍ତା, ଚନ୍ଦ୍ରଶେଖର, ମଧୁଲିମାୟେ ଆଚାର୍ଯ୍ୟ କୃପାଳିନୀ, ସରୋଜିନୀ ନାଇଡୁ, ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ, ସୋମନାଥ ଚାଟାର୍ଜୀ ଓ ସୁଷମା ସ୍ୱରାଜଙ୍କ ଭଳି ନେତାଙ୍କ ବକ୍ତବ୍ୟ ବେଳେ ଗୃହରେ ଖେଳି ଯାଉଥିଲା ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ। ସେମାନଙ୍କ ବକ୍ତବ୍ୟ ଶୁଣିବା ପାଇଁ ଉତ୍ସୁକତା ଯୋଗୁ ଦର୍ଶକ ଗ୍ୟାଲେରିରେ ବି ଜମୁଥିଲା ଭିଡ଼। ବକ୍ତବ୍ୟରେ ବିଚକ୍ଷଣତା ଓ ପରିପକ୍ୱତା ପ୍ରଦର୍ଶନ କରୁଥିବା ନେତାଙ୍କ ପ୍ରତି ସବୁଦଳ ସଦସ୍ୟଙ୍କର ଥିଲା ଯଥେଷ୍ଟ ସମ୍ମାନ ଓ ଆଦର। ଆଗେ ଆତ୍ମସମୀକ୍ଷା ଥିଲା ଜନପ୍ରତିନିଧିଙ୍କ ବ୍ୟକ୍ତିତ୍ୱର ଭୂଷଣ। ସେମାନେ ସମାଲୋଚନାକୁ ସ୍ୱାଗତ କରୁଥିଲେ ଖୋଲାମନରେ।



ତା'ର ସବୁଠାରୁ ବଡ଼ ଦୃଷ୍ଟାନ୍ତ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ସେତେବେଳେ ଭାରତର ପ୍ରସିଦ୍ଧ ବ୍ୟଙ୍ଗଶିଳ୍ପୀ ଶଙ୍କର ଗୋଟିଏ ବ୍ୟଙ୍ଗ ପତ୍ରିକା ପ୍ରକାଶ କରୁଥିଲେ, ଯାହାର ନାମ ଥିଲା 'ଶଙ୍କର ଉଇକ୍ଲି'। ଏହି ପତ୍ରିକାର ସମାଲୋଚନାରୁ ପ୍ରାୟତଃ ବାଦ୍ ପଡୁ ନ ଥିଲା କୌଣସି ନେତାଙ୍କ ଦୋଷତ୍ରୁଟି। ତାଙ୍କୁ ଉତ୍ସାହିତ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ନେହେରୁ କହୁଥିଲେ ମୋତେ ବି ଛାଡ଼ିବନି ଶଙ୍କର। ଆଜି କାହିଁ ସେ ଗଣତାନ୍ତ୍ରିକ ବିଚାରଧାରା ଓ ଭିନ୍ନମତକୁ ସମ୍ମାନ ଦେବାର ପରମ୍ପରା ?

ଭାରତୀୟ ଗଣତନ୍ତ୍ର ସମାନତା,ସ୍ୱାଧୀନତା ଓ ଆଇନର ଶାସନ ଉପରେ ପର୍ଯ୍ୟବସିତ ଏବଂ ତା'ର ଅନ୍ତଃସୌନ୍ଦର୍ଯ୍ୟ ହେଉଛି ନୀତି ଓ ଆଦର୍ଶ। ସେଥିପାଇଁ ଗଣତନ୍ତ୍ରକୁ କୁହାଯାଏ ଗୁଣତନ୍ତ୍ର। ମାତ୍ର ଆଦର୍ଶହୀନତାକୁ ନେଇ ଭାରତୀୟ ଗଣତନ୍ତ୍ର ଏବେ ଯେଉଁ ସ୍ତରରେ ପହଞ୍ଚିଲାଣି, ତାକୁ ଗୁଣତନ୍ତ୍ର ନ କହି ଖୁଣତନ୍ତ୍ର କହିବା ଅଧିକ ଯୁକ୍ତିଯୁକ୍ତ। କହିବାକୁ ଗଲେ ଭାରତୀୟ ଗଣତନ୍ତ୍ର ଏବେ ଖୁଣୀମାନଙ୍କର ଆଶ୍ରୟ ସ୍ଥଳ। ଖୁଣୀ ଆଉ କିଏ କି ? କେବଳ ମଣିଷ ମାରୁଥିବା ଲୋକ ଖୁଣୀ ନୁହନ୍ତି। ଗଣତାନ୍ତ୍ରିକ ଆଦର୍ଶକୁ ଉଚ୍ଚାରଣରେ ଉଚ୍ଚାସନ ଦେଇ ଆଚରଣରେ ହତ୍ୟା କରୁଥିବା ନେତାମାନେ ବି ଜଣେ ଜଣେ ଖୁଣୀ। ଏମାନଙ୍କ ପାଇଁ ଭାରତୀୟ ଗଣତନ୍ତ୍ର ହରେଇ ସାରିଲାଣି ତା'ର ଶୁଚି ଓ ସୌନ୍ଦର୍ଯ୍ୟ। କ୍ୟାନ୍‌ସର ଜୀବାଣୁ ଭଳି ଗଣତନ୍ତ୍ରର ବିଭିନ୍ନ ଅଙ୍ଗକୁ ଅଖାଞ୍ଜି କରିବାକୁ ବସିଲାଣି ଦୁର୍ନୀତି ଓ ଭ୍ରଷ୍ଟାଚାର।

ଆମ ସାଂସଦ ଓ ବିଧାୟକମାନେ ଏମିତି ଏକ ବର୍ଗର, ଯେଉଁମାନେ ନିଜେ ନିର୍ଦ୍ଧାରଣ କରନ୍ତି ନିଜର ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧା। ଏମାନେ ନିଜର ଦରମା ଓ ହାତପାଣ୍ଠି ବୃଦ୍ଧି ପ୍ରସଙ୍ଗରେ ଗୃହରେ ପ୍ରଦର୍ଶନ କରନ୍ତି ଅଦ୍ଭୁତ ଏକତା। ହେଲେ ଲୋକଙ୍କ ସମସ୍ୟା ବେଳକୁ ପରସ୍ପର ଭିତରେ ଆରମ୍ଭ ହୋଇଯାଏ କାଦୁଅ ଫିଙ୍ଗାଫିଙ୍ଗି। ଚାଷୀର ଏମ୍‌ଏସ୍‌ପି କଥା ହେଉ କି ଦରଦାମ ପ୍ରସଙ୍ଗ ହେଉ, ବିତର୍କକୁ ଭଣ୍ଡୁର କରିବା ପାଇଁ ଗୃହରେ ଏମାନେ ଆରମ୍ଭ କରିଦିଅନ୍ତି ନାରାବାଜି, ପ୍ରତିବାଦ, ଧାରଣା, ହଙ୍ଗାମା, ମାଇକ ଭଙ୍ଗା, ଚୌକି ଫିଙ୍ଗା ଓ ମୁଥି ମରାମରି ଇତ୍ୟାଦି। ବିଶୃଙ୍ଖଳା ସୃଷ୍ଟି କରୁଥିବା ସଦସ୍ୟଙ୍କୁ ଆକଟ ନ କରି ସେମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରନ୍ତି ଦଳପତି।

ଆଗେ ଗୃହରେ ପ୍ରସ୍ତାବ ଆଣି ଏମାନେ ନିଜେ ନିଜର ଦରମା ବଢ଼ାଉଥିଲେ ବିନା ଆଲୋଚନାରେ। ଏବେ ଲୋକଙ୍କୁ ଭକୁଆ ବନେଇବା ପାଇଁ ଗଢ଼ାଯାଇଛି ଦରମାବଢ଼ା କମିଟି। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଧାୟକଙ୍କ ଦରମା ବଢ଼ିବା ଆବଶ୍ୟକ ବୋଲି କହି କମିଟି ସୁପାରିସ କରିଛି ଏବଂ ସେହି ଆଧାରରେ ଏବେ ବଢ଼ିବାକୁ ଯାଉଛି ଆମ ବିଧାୟକଙ୍କ ଦରମା ଓ ଭତ୍ତା। ମାତ୍ର ପ୍ରଶ୍ନ ଉଠୁଛି ଦରଦାମ କ'ଣ କେବଳ ବିଧାୟକମାନଙ୍କୁ ବାଧୁଛି ? କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ମୂଲ୍ୟ ତ ଏବେ ଆକାଶଛୁଆଁ। କାହିଁ, ଚାଷୀକୁ ଏମ୍‌ଏସ୍‌ପିରେ ବୋନସ ଦେବା କଥା ତ ଚିନ୍ତା କରୁନାହାନ୍ତି ସରକାର ?

ବର୍ଷକୁ ଏଠି ଷାଠିଏ ଦିନ ବିଧାନସଭା ବସେନି କି ବିଧାୟକମାନେ ଉପସ୍ଥିତ ରହନ୍ତିନି ସବୁ କାର୍ଯ୍ୟ ଦିବସରେ। କେବଳ ଉପସ୍ଥାନ ଖାତାରେ ଦସ୍ତଖତ କରିଦେଲେ ସେମାନଙ୍କ ପକେଟକୁ ଆସିଯାଏ ଦୈନିକ ଭତ୍ତା। ଏମିତି ଅନେକ ବିଧାୟକ ଅଛନ୍ତି ଯିଏ କୌଣସି ବିତର୍କରେ ଭାଗ ନିଅନ୍ତି ନାହିଁ କି ପଚାରନ୍ତିନି କିଛି ପ୍ରଶ୍ନ। କିଏ ଗୃହରେ ଗୀତଗାଏ ତ କିଏ ଥଟ୍ଟାମଜା କରି ବିତେଇ ଦିଅନ୍ତି ସମୟ। ଭାବିଲେ ଦେଖି ଯେଉଁଠି ବିନା ଆଲୋଚନାରେ ବଜେଟ ପାରିତ ହୁଏ ଏବଂ ନିର୍ଦ୍ଧାରିତ ଦିବସ ପୂର୍ବରୁ ବିଧାନସଭାକୁ ମୁଲତବୀ କରାଯାଏ, ସେଠାରେ ବିଧାୟକମାନଙ୍କ ଦରମା ତିନିଗୁଣା ବଢ଼ିବ କେଉଁ ନ୍ୟାୟରେ ? ସେମାନଙ୍କ ଦରମା ବଢ଼ିବା କ'ଣ ନିହାତି ଆବଶ୍ୟକ?

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ–୬୩୭୧୬୪୨୪୬୪

# ନୂଆବର୍ଷର ସନ୍ଦେଶ



ଇଂ. ରୌଶନ ଖାନ୍

ଡିସେମ୍ବର ୩୧ ମଧ୍ୟରାତ୍ର ଠିକ୍ ବାରଟା ବାଜିଗଲେ ବେଶ୍ ଅନୁଭବ କରିହୁଏ ନୂଆବର୍ଷର ପହିଲି ସ୍ପର୍ଶ। ମନ ଭିତରେ ଖେଳିଯାଏ ନୂତନ ଆଶା ଓ ଉଦ୍ଦୀପନାର ଶ୍ରୁତିମଧୁର ଧ୍ୱନି। ପଛରେ ରହିଯାଇଥିବା ବିଗତ ଦିନର ସୁଖଦୁଃଖର ଅଭିଜ୍ଞତାକୁ ପାଥେୟ କରି ବର୍ଷ ୨୦୨୩ ଆଜି ଜନ୍ମ ନେଇଛି। ଉଗ୍ରବାଦର ଶଙ୍କାକୁଳ ପରିସ୍ଥିତିରେ ଯନ୍ତ୍ରଣାର ବିଳାପ, ଉଦ୍‌ବେଗର ଉପଶମରେ ପରିଣତ କରିଛି ନୂତନ ବର୍ଷର ପ୍ରଥମ ସୂର୍ଯ୍ୟୋଦୟ।

ଗୋଟିଏ ନୂଆ ବର୍ଷ, ଏକ ନୂଆ ଦିନ, ପୁଣି ଏକ ନୂଆ ସକାଳକୁ ମାନସିକ ସ୍ତରରେ ଉପଲବ୍ଧି କରିଥିବା ଅଧିକାଂଶ ବିଶ୍ୱବାସୀ ହୁଏତ ନୂଆବର୍ଷର ଜନ୍ମଦିନ ସମ୍ପର୍କିତ ଗଣନାର ସୂକ୍ଷ୍ମ ବିଚାରଧାରା ପ୍ରତି ଆଦୌ ସଚେତନ ନ ଥିଲା ପରି ମନେହୁଏ। କିନ୍ତୁ ମନରେ ଅନେକ ପ୍ରଶ୍ନ। କେବେ ହୋଇଥିଲା ଏହାର ଜନ୍ମ? ପ୍ରଚଳିତ କ୍ୟାଲେଣ୍ଡରର ନିୟମ ଭିତରକୁ କେବେ ଏହା ପ୍ରବେଶ କଲା ? କିଏ ଏହାର ଅଡୁଆ ଖିଅକୁ ସଜାଡ଼ିଲା ଏବଂ କାହିଁକି ? ଏମିତି ଅନେକ ଦ୍ୱନ୍ଦ୍ୱ, ଅନେକ ଛନ୍ଦ ଭିତରେ ଗତି କରି ଆମେ ଏପରି ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ଥର ନୂଆବର୍ଷର ପ୍ରଥମ ଦିନଟିକୁ ଉପଭୋଗ କରିଚାଲିଛେ। ୨୦୨୨ ମସିହା ଆମଠାରୁ ବିଦାୟ ନେବା ସହିତ ଅତୀତର ଇତିହାସ ପୃଷ୍ଠାରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ଏହି ପୃଷ୍ଠାରେ ପୁଣି ଯୋଡ଼ି ହୋଇଯିବ ଅନେକ ଘଟଣା ଆଉ ଦୁର୍ଘଟଣା। ସଠିକ ଦିନ ଓ ତାରିଖ ଗଣନାରେ ଯଦି ଆରମ୍ଭରୁ କୌଣସି ଗୋଳମାଳ ରହିଥିବ, ତା'ହେଲେ ବସ୍ତୁ ପଛରେ ଗୋଡ଼ାଇଆସୁଥିବା ସାଧାରଣ ମଣିଷକୁ ତ କିଛି ଫରକ ପଡ଼ିବ ନାହିଁ, କିନ୍ତୁ ସମୟ ପଛରେ ଧାଇଁଥିବା ହିସାବପ୍ରେମୀଙ୍କୁ ଅଡୁଆରେ ପକାଇଦେବ ନିଶ୍ଚୟ। କେଉଁଠି କିଛି ଏକ ଗୁରୁତର ଭୁଲ ରହିଲା କି? ତାହାକୁ ଜାଣିବାର ଉତ୍ସୁକତା ବଢ଼ିବା ସ୍ୱାଭାବିକ।

ଯିଶୁଙ୍କ ଜନ୍ମଠାରୁ ଦୀର୍ଘ ଦୁଇ ହଜାର ବାଇଶ ବର୍ଷ– ସତରେ କି ବିରାଟ ବ୍ୟବଧାନର ମାଇଲ ଖୁଣ୍ଟ! କିନ୍ତୁ ଅସଲ କଥାଟା ଠିକ୍ ତା'ନୁହେଁ। ସେହି ଦୂରତ୍ୱର ମୂଳ ସମୟ ଉପରେ ଅନେକ ପ୍ରଶ୍ନବାଚୀ। ପ୍ରକୃତ କଥା ହେଉଛି, ଷଷ୍ଠ ଶତାବ୍ଦୀ ବେଳକୁ Dynosious Exigues ନାମକ ଜଣେ ଖ୍ରୀଷ୍ଟ ସନ୍ନ୍ୟାସୀଙ୍କ ମନରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମଠାରୁ ତାରିଖ ଗଣନା କରିବାର ଏକ ଉଜ୍ଜ୍ୱଳ ଧାରଣା ସୃଷ୍ଟି ହେଲା। ମାତ୍ର ଦୁର୍ଭାଗ୍ୟବଶତଃ ତାଙ୍କ ଗଣନା ଭୁଲ ସାବ୍ୟସ୍ତ ହେଲା। ସେ ଆନୁଷଙ୍ଗିକ ଭାବେ ତାଙ୍କ ମୂଳବର୍ଷକୁ A.D. ପରିବର୍ତ୍ତେ A.D.1 ରଖିଲେ। କାରଣ ଶୂନ୍ୟ (୦)ର ଧାରଣା




ତତ୍କାଳୀନ ୟୁରୋପୀୟ ସଭ୍ୟତାରେ ନଥିଲା। ଖ୍ରୀଷ୍ଟ ପୂର୍ବ 1 B.C.E ଶେଷ ହେବା ପରଦିନ ହିଁ A.D–1 (ଖ୍ରୀଷ୍ଟବର୍ଷର ପ୍ରଥମ ଶତାବ୍ଦୀ) ଆରମ୍ଭ ହୋଇଥିଲା ଜାନୁୟାରୀ ୧ ତାରିଖରେ। ଯେହେତୁ କୌଣସି ଶୂନ୍ୟ ବର୍ଷ ନାହିଁ, ତେଣୁ ବିଂଶ ଶତାବ୍ଦୀର ସମୟକାଳ ୨୦୦୦ ମସିହା ଡିସେମ୍ବର ୩୧ରେ ଶେଷ ହେଲା ଏବଂ ଏକବିଂଶ ଶତାବ୍ଦୀ ଆରମ୍ଭ ହେଲା ୨୦୦୧ ମସିହା ଜାନୁୟାରୀ ୧ ତାରିଖ ଦିନ।

ପ୍ରତ୍ୟେକ ଡିସେମ୍ବର ୩୧ ଅର୍ଦ୍ଧରାତ୍ରରେ ଘଣ୍ଟା ୧୨ଟା ବାଜିବାର ସୂଚନା ଠିକ୍ ବୋଲି ମଧ୍ୟ କାହାକୁ ଜଣାନାହିଁ। ଏହାର ସବିଶେଷ କାରଣ ହେଉଛି, ପୃଥିବୀର ବିଭିନ୍ନ ସ୍ଥାନରେ ସ୍ଥାନୀୟ ସମୟର ନିର୍ଦ୍ଧାରଣ ଗ୍ରିନିଚଠାରେ ଲଗାଯାଇଥିବା ପିତ୍ତଳ ପଟିରୁ ହିଁ କରାଯାଇଥାଏ ଏବଂ ଏହା ଶୂନ୍ୟସ୍ତର ମାପକ ପେଣ୍ଡୁଲମ୍‌ଠାରୁ ୩୦୦ ଫୁଟ ବ୍ୟବଧାନରେ ରହିଛି। ସେଥିଯୋଗୁ ନୂତନ ଶତାବ୍ଦୀର ପ୍ରକୃତ ସମୟରେ ୧/୩ ସେକେଣ୍ଡର ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ଏହି କାରଣ ଯୋଗୁ ଏହା ମଧ୍ୟ କଦାପି ନିର୍ଭୁଲ ନୁହେଁ ଯେ ବିଂଶ ଶତାବ୍ଦୀର ଆରମ୍ଭ ୧୯୦୦ ମସିହା ଡିସେମ୍ବର ୩୧ ଏବଂ ୧୯୦୯ ମସିହାର ଜାନୁୟାରୀ ୧ ତାରିଖ ମଧ୍ୟରାତ୍ର ଠିକ୍ ୧୨ଟାରେ ହିଁ ହୋଇଥିଲା। ତେବେ ଅସଲ ସମୟ ନିର୍ଦ୍ଧାରଣରେ ଏପରି ଗୁରୁତର ତ୍ରୁଟି ରହିଥିବା କୁହାଯାଏ। ତେବେ ନୂତନ କ୍ୟାଲେଣ୍ଡର ପ୍ରସ୍ତୁତ କଲାବେଳେ ଶୂନ (୦) ବର୍ଷକୁ ଅନ୍ତରାୟ କରିଦିଆଯାଇଥିଲା। କୌଣସି ଶୂନ୍ୟ ବର୍ଷର ବ୍ୟବଧାନ ନଥାଇ ଖ୍ରୀ.ପୂ.୧ ରୁ ଖ୍ରୀଷ୍ଟାବ୍ଦ ୧ କୁ ଲମ୍ଫ ପ୍ରଦାନ କରି ଯାଇଥିବା ପ୍ରଚଳିତ ଗଣନା ପଦ୍ଧତିର ଠିକ ମାପକାଠି କ'ଣ ଓ ତାହା ଗ୍ରହଣଯୋଗ୍ୟ ହେଲା କିପରି ? ତାହା ହିଁ ବଡ଼ ପ୍ରଶ୍ନ! ବିଶେଷଜ୍ଞଙ୍କ ଅନୁମାନରେ ଖ୍ରୀଷ୍ଟପୂର୍ବ ୪ ଥିଲା ଯିଶୁଖ୍ରୀଷ୍ଟଙ୍କ ପ୍ରକୃତ ଜନ୍ମବର୍ଷ। ସେହିଆଧାରରେ ନୂତନ ସହସ୍ରାବ୍ଦ ୨୦୦୧ ପରିବର୍ତ୍ତେ ୧୯୯୬ରେ ଆରମ୍ଭ ହେବା ଉଚିତ। ତେବେ ଚତୁର୍ଥ ଶତାବ୍ଦୀ ବେଳକୁ ଡିସେମ୍ବର ୨୫ ତାରିଖ ଦିନ ଏହା ପାଳନ କରିବାକୁ ନିଷ୍ପତ୍ତି ନିଆଗଲା।

ତେବେ ଏକ ସାଲିସ୍‌ମୂଳକ ନିଷ୍ପତ୍ତି ଉପରେ ପର୍ଯ୍ୟବସିତ ଦିବସଠାରୁ ଆମେ ୨୦୨୨ ବର୍ଷ ଅତିକ୍ରମ କରିସାରିଲୁଣି। ତଥାପି ଆଜି ଏକ ପରୀକ୍ଷାର ବେଳ ଆସିଛି। ମାନବଜାତି କେତେଦୂର ଅଗ୍ରଗତି କରିଛି, ଆମେ ନୈତିକତାର କଷଟିରେ ନିଜକୁ କେତେ ଦୂର ପରଖିଛୁ, ସେଥିପାଇଁ ଆତ୍ମଅନୁଶୀଳନ ଦରକାର। କିନ୍ତୁ ବର୍ତ୍ତମାନ ଓ ଅତୀତର ସନ୍ଧିକ୍ଷଣରେ ଭବିଷ୍ୟତର ପରିକଳ୍ପନା ଶଙ୍କାକୁଳ ହୋଇଛି। କାରଣ ଦୁର୍ଭିକ୍ଷ, ଅନାହାର, ଏଡ୍‌ସ ତଥା କରୋନାର ବିଭିନ୍ନ ଭାରିଆଣ୍ଟ, ଯୁଦ୍ଧର ଘନଘଟା, ପରମାଣୁ ଓ ଉଦ୍‌ଯାନ ବୋମା, ରାସାୟନିକ ଜୈବିକ ଅସ୍ତ୍ରର ଆତଙ୍କରେ ତଥା ବିପର୍ଯ୍ୟୟର ତାଣ୍ଡବରେ ସମଗ୍ର ବିଶ୍ୱ ଆଜି ଆତଙ୍କିତ। ଏଭଳି ସନ୍ଧିକ୍ଷଣରେ ବିଶ୍ୱ ଶାନ୍ତି ତଥା ମାନବିକତାର ରକ୍ଷା ପାଇଁ ନୂତନବର୍ଷ ଆମକୁ ସନ୍ଦେଶ ଦିଏ।

କେରଙ୍ଗ, (ଖୋର୍ଦ୍ଧା)
ମୋ: ୯୪୩୭୬୮୪୮୫୯

## ଏଇ ଭାରତରେ

ଧନୀ ଲୋକଙ୍କ ପାଇଁ ଦାମୀ ତଥା ଉନ୍ନତମାନର ଦେହଲଗା ସାବୁନ ପାଇବାରେ କିଛି ସମସ୍ୟା ନ ଥିବାବେଳେ ଆମ ଦେଶରେ ଗରିବମାନେ ଏହା ପାଇପାରି ନ ଥା'ନ୍ତି। ହେଲେ ସମୀର ଲଖାନୀଙ୍କ ପ୍ରୟାସରେ ଗରିବ ଲୋକମାନେ ଭଲ ସାବୁନ ପାଇପାରୁଛନ୍ତି। ସେ ୨୦୧୪ରେ 'ଇକୋ ସପ୍ ବ୍ୟାଙ୍କ' ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସମୀର ବିଭିନ୍ନ ହୋଟେଲରୁ ବ୍ୟବହୃତ ସାବୁନ ସଂଗ୍ରହ କରି ତାହାକୁ ରିସାଇକ୍ଲିଂ କରି ସ୍ୱଚ୍ଛ ବା ବିଶୁଦ୍ଧ ସାବୁନ ପ୍ରସ୍ତୁତ କରୁଛନ୍ତି ଏବଂ ଏହାକୁ ଗରିବ ଲୋକଙ୍କୁ ମାଗଣାରେ ଯୋଗାଇ ଦେଉଛନ୍ତି। ସାଧାରଣତଃ ହୋଟେଲରେ ଗେଷ୍ଟମାନଙ୍କୁ ମାଗଣାରେ ଦିଆଯାଉଥିବା ସାବୁନକୁ ସେମାନେ କିଞ୍ଚିତ ବ୍ୟବହାର କରନ୍ତି କିମ୍ବା ଆଦୌ ବ୍ୟବହାର ନ କରି ଛାଡ଼ି ଚାଲିଯାଆନ୍ତି, ଯାହା ବର୍ଜ୍ୟଗଦାକୁ ଚାଲିଯାଏ। ତେବେ ସମୀର ୮ ବର୍ଷ ମଧ୍ୟରେ ସେମିତିକା ୧.୪ ମିଲିୟନ ବ୍ୟବହୃତ ସାବୁନ ହୋଟେଲଗୁଡ଼ିକରୁ ସଂଗ୍ରହ କରି ତାହାକୁ ରିସାଇକ୍ଲିଂ କରିସାରିଲେଣି। କେବଳ ଭାରତରେ ନୁହେଁ ସେ ବିଶ୍ୱରେ ୧୦ଟି ବିକାଶଶୀଳ ଦେଶରେ ୧୬ଟି ରିସାଇକ୍ଲିଂ ଶାଖା ଖୋଲିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜାନୁୟାରୀ ୧୯୯୮

- ଦକ୍ଷିଣ କୋରିଆର ପାଞ୍ଚଟି ମହାନଗରୀରେ ୨୩ ଜଣ କଏଦୀଙ୍କୁ ସମୂହ ଫାଶି।
- ପାକିସ୍ତାନର ନୂତନ ରାଷ୍ଟ୍ରପତି ଭାବେ କ୍ଷମତାସୀନ ମୁସ୍‌ଲିମ୍ ଲିଗ୍‌ର ପ୍ରାର୍ଥୀ ମହମ୍ମଦ ତରାର ନିର୍ବାଚିତ।
- କଂଗ୍ରେସ ସହ ୫୦ ବର୍ଷର ସମ୍ପର୍କ ତୁଟାଇ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଗବତ୍ ଝା ଆଜାଦଙ୍କ ଭାଜପାରେ ଯୋଗଦାନ।
- ନିର୍ବାଚନ କମିଶନଙ୍କ ଦ୍ୱାରା ନବଗଠିତ ବିଜୁ ଜନତା ଦଳକୁ ନିର୍ବାଚନୀ ସଂକେତ ହିସାବରେ 'ଶଙ୍ଖ' ଚିହ୍ନ ପ୍ରଦାନ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 8 | | | |
| | 4 | 5 | 9 | | 6 | 8 | | |
| 7 | | 8 | | | | 2 | 6 | |
| 5 | 7 | | | | 9 | | | |
| | | 6 | | | | | | |
| | | | 6 | 7 | 3 | | | |
| 6 | | | 4 | | 1 | 5 | | |
| | | 4 | | | | | | 3 |
| | 1 | 7 | 2 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 5 | 8 | 6 | 3 | 7 | 9 | 2 |
| 8 | 3 | 2 | 7 | 4 | 9 | 5 | 6 | 1 |
| 9 | 6 | 7 | 2 | 5 | 1 | 8 | 4 | 3 |
| 3 | 9 | 1 | 5 | 7 | 8 | 4 | 2 | 6 |
| 7 | 2 | 6 | 1 | 9 | 4 | 3 | 8 | 5 |
| 5 | 8 | 4 | 6 | 3 | 2 | 9 | 1 | 7 |
| 2 | 4 | 3 | 9 | 1 | 5 | 6 | 7 | 8 |
| 6 | 5 | 8 | 4 | 2 | 7 | 1 | 3 | 9 |
| 1 | 7 | 9 | 3 | 8 | 6 | 2 | 5 | 4 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରତିଘରେ ଝିଅଟିଏ ରହୁ

ମହାଶୟ,

୨୩ ତାରିଖ ଧରିତ୍ରୀରେ ପ୍ରକାଶିତ 'ଆମ ପାଇଁ କନ୍ୟା ଖୋଜିଦିଅ' ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା, ଦୁଃଖ ବି ଲାଗିଲା। ଏମିତି ପ୍ରତିବାଦ ବାସ୍ତବିକ ନିଆରା। ଏମିତି ପରିସ୍ଥିତିରେ ପ୍ରଶାସନ ବା କ'ଣ କରିପାରିବ! ସେ ମହାରାଷ୍ଟ୍ର ହେଉ ଅବା ଅନ୍ୟ ରାଜ୍ୟ। ଏ କ୍ଷେତ୍ରରେ ମହାରାଷ୍ଟ୍ର କାହିଁକି ଅନ୍ୟ ରାଜ୍ୟରେ ମଧ୍ୟ ଏମିତି ସମସ୍ୟା ଦେଖାଦେଇପାରେ। ଏହା ସାଧାରଣ ଜନତାଙ୍କ ନିଜ ଭୁଲ୍। ଅନେକ ଲୋକ ପରିବାରରେ କେବଳ ପୁଅ ପିଲାଙ୍କୁ ଖୋଜୁଛନ୍ତି। କନ୍ୟା ସନ୍ତାନ ହେଲେ ତାକୁ ଅଭିଶାପ ବୋଲି ମନେ କରୁଛନ୍ତି। ଦରକାର ପଡ଼ିଲେ ଗର୍ଭସ୍ଥ ସନ୍ତାନର ଭ୍ରୂଣ ପରୀକ୍ଷା କରାଇ ନଷ୍ଟ କରିଦେଉଛନ୍ତି। ଏହା ବେଆଇନ ହେଲେ ମଧ୍ୟ ଲୁଚାଛପାରେ ଚାଲୁଛି। ମାଆମାନେ, ଘରର ଆଈମାମାନେ, ଉଚ୍ଚଶିକ୍ଷିତ ବୋଲାଉଥିବା ଅଶିକ୍ଷିତମାନେ ଏ କାମ କରିବାକୁ ଉତ୍ସାହିତ କରୁଛନ୍ତି। ଡାକ୍ତରମାନେ ମଧ୍ୟ ଟଙ୍କା ଲୋଭରେ ଏ କାମ କରୁଛନ୍ତି। ତେବେ ସରକାର ଏମିତି ଏକ ନିୟମ କରିବା ଦରକାର ଯେ, ପ୍ରତି ଘରେ ନିଶ୍ଚୟ ଝିଅଟିଏ ରହିବ। ଝିଅ ନ ହେଲେ ସରକାରୀ ନିୟମ ଅନୁଯାୟୀ ପୋଷ୍ୟ ଝିଅ ରୂପେ ଗୋଟେ ଝିଅକୁ ପାଳନ କରନ୍ତୁ।

**– ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ,
ଝିଲ୍ଲୀ ଚିରଇ କାତର–ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମେଷ

ନୂଆବର୍ଷର ସୂର୍ଯ୍ୟୋଦୟ ରାଶିଚକ୍ରର ଉତ୍ତରାର୍ଦ୍ଧରେ ମଙ୍ଗଳଙ୍କ ବ୍ୟତୀତ ସମସ୍ତ ଗ୍ରହଙ୍କୁ ନେଇ ଉଦୟାଚଳ ସ୍ପର୍ଶକରିବ । ବର୍ଷର ପ୍ରଥମାର୍ଦ୍ଧରେ ବୃହସ୍ପତି ଓ ଶନିଙ୍କ ଚଳନ ଏବଂ ଶେଷାର୍ଦ୍ଧରେ ରାହୁକେତୁ ସ୍ଥାନ ପରିବର୍ତ୍ତନ କରିବେ । ଭାଗ୍ୟାଧିପ ଗୁରୁ ରାଶିରେ ଅବସ୍ଥାନ କରି ନୂଆ ନୂଆ କାମରେ ଦିଗ୍‌ଦର୍ଶନ ଦେବେ । ବଦଳିଯିବ ଜୀବନଚର୍ଯ୍ୟା ଅନେକ ଆଶା ଓ ଅପୂରଣୀୟ କାମନାକୁ ଚରିତାର୍ଥ କରି । ସୃଜନୀଶକ୍ତିର ଅଭିବୃଦ୍ଧି ମଧ୍ୟରେ ରଚନାତ୍ମକ କାର୍ଯ୍ୟରୁ ସାମାଜିକ ସମ୍ମାନରେ ଗୌରବାନ୍ୱିତ ହେବେ । ଉଚ୍ଚଶିକ୍ଷାର ସୁଯୋଗ ପାଇବେ । ପରୀକ୍ଷାରେ ଆଶାଜନକ ପରସେଣ୍ଟେଜ୍ ରହିବ । ଗବେଷଣାରେ ସଫଳତା ପାଇବେ । ଜମିଜମା, ନୂତନଗୃହ,ଯାନବାହନ, ଯାନ୍ତ୍ରିକଜିନିଷ,ଧାତୁ ଅଳଙ୍କାରାଦି ପ୍ରାପ୍ତିହେବାର ସୌଭାଗ୍ୟ ଅର୍ଜନ କରିବେ । ମାଙ୍ଗଳିକ ତଥା ଧର୍ମକାର୍ଯ୍ୟ ମଧ୍ୟ ସମ୍ପନ୍ନ କରିବେ । ନବଜାତ ସନ୍ତାନର କୁଆଁ କୁଆଁ ଧ୍ୱନି ଘରକୁ ମୁଖରିତ କରିପାରେ । ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ । ଆନୁଷ୍ଠାନିକ,ସାଂସ୍କୃତିକ କାମରୁ ପ୍ରଶଂସା ପାଇବେ । ଆଇନ ସହାୟତା ପ୍ରାପ୍ତହୋଇ କଚେରି ମାମଲାରେ ବିଜୟୀ ହେବେ । ପ୍ରକାଶନ , ପ୍ରଶାସନ ଓ ରାଜନୈତିକ ଓ ସାଂଗଠନିକ ସ୍ଥିତି ସୁଦୃଢ଼ ରହିବ । ବର୍ଷ ମଧ୍ୟରେ ଆଂଶିକ କାଳସର୍ପଯୋଗ,ଗୁରୁଚଣ୍ଡାଳଯୋଗର କୁପ୍ରଭାବରେ କାର୍ଯ୍ୟହାନି ,ବିଭିନ୍ନ ପ୍ରକାର ସମସ୍ୟା,ଭୁଲ୍ ନିଷ୍ପତ୍ତିରେ କାର୍ଯ୍ୟଶୈଳୀର ପରିବର୍ତ୍ତନ ଘଟିବ । ନିନ୍ଦା, ବନ୍ଧୁ ସମ୍ପର୍କକୁ କେନ୍ଦ୍ରକରି ଅପବାଦ,ଶତ୍ରୁତା,ସ୍ଥାନାନ୍ତର, ପାରିବାରିକ କଳହ, ବନ୍ଧୁବିଚ୍ଛେଦ, ଜନିତ ଅଶାନ୍ତି ଦେଖାଦେବ । ଦୈହିକ ଓ ମାନସିକ ଅସୁସ୍ଥତା ମଝିରେ ମଝିରେ ଲାଗିରହିବ । **ଅଶ୍ୱିନୀ:** ସମସ୍ୟା ଭିତରେ କାର୍ଯ୍ୟସିଦ୍ଧି, ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ମତାନ୍ତର,ଜନ୍ମ ବୃହସ୍ପତି ଯୋଗୁ ସ୍ଥାନାନ୍ତର ଘଟିବ । **ଭରଣୀ:** ମିଥ୍ୟାଭିଯୋଗ,ସ୍ୱଜନ ଶତ୍ରୁତା,ଯାନବାହନ ଦୁର୍ଘଟଣା, ଅଣ୍ଟା,ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା, ଗ୍ୟାସ୍‌ଟିକ ଜନିତ ଅଜୀର୍ଣ୍ଣ ଓ ପେଟ ଗୋଳମାଳ,ଲିଭର ସମସ୍ୟା ପ୍ରଭୃତିର ଆଶଙ୍କା ରହିଛି । **କୃତ୍ତିକା:** ରକ୍ତଚାପ ବୃଦ୍ଧି,ଆରକ୍ଷୀ ସମ୍ପର୍କିତ ସମସ୍ୟା, ଭିଜିଲାନ୍ସ ସମସ୍ୟା,ଧନହାନି,ସମ୍ପର୍କୀୟ ବନ୍ଧୁ,ପରିବାର ସଦସ୍ୟ,ଉପରିସ୍ଥ ଅଧିକାରୀ,ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ କଳହର ସୂଚନା ରହିଛି ।

## ବୃଷ

ପାପଗ୍ରହ ପ୍ରଭାବମୁକ୍ତ ଆପଣଙ୍କ ରାଶି ବର୍ଷର ଅର୍ଦ୍ଧାଧିକ ସମୟ ଶାରୀରିକ ଓ ମାନସିକ ସୁସ୍ଥତା ମଧ୍ୟରେ ନିଷ୍କଣ୍ଟକ ଜୀବନଯାତ୍ରା କରିବ । ଉନ୍ନତ ଚିନ୍ତା କର୍ତ୍ତବ୍ୟନିଷ୍ଠା ଓ ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ସ୍ଥଗିତ କର୍ମ ସମୂହକୁ ବାସ୍ତବମୁଖୀ କରାଇବେ । ବୃତ୍ତି ସମ୍ବନ୍ଧିତ କ୍ଷେତ୍ରରେ ଚମତ୍କାର ଅଗ୍ରଗତିକରିବା ସହ ନିଜ ଉଦ୍ୟମକୁ ଉଚିତ ମାର୍ଗରେ ବିନିଯୋଗ କରି ପ୍ରଚୁର ଉପାର୍ଜନକ୍ଷମ ହେବେ । ଦୃଢ଼ତା ଓ ନିର୍ଭୀକତାର ସହ ସାହସିକ ପଦକ୍ଷେପ ନେଇ ବିବାଦରେ ବିଜୟୀ ଓ ମକଦ୍ଦମାରେ ଜୟଯୁକ୍ତ ହେବେ । ନୂତନ ସମ୍ପର୍କ ମାଧ୍ୟମରେ ସୁବିଧା ସୁଯୋଗ ଲାଭକରି ପରିଚିତ ଗହଣରେ ତଥା ସାମାଜିକ ସ୍ତରରେ ଲୋକପ୍ରିୟ ହୋଇପାରିବେ । ସଭାସମିତି,ସାଂସ୍କୃତିକ କାମରେ ପୁରସ୍କୃତ ହେବେ । ପରିବାର ସଦସ୍ୟଙ୍କ ସ୍ନେହପୂର୍ଣ୍ଣ ଯତ୍ନଶୀଳ ମନୋଭାବ ମାଧ୍ୟମରେ ଆନନ୍ଦ ଉତ୍ସବ ପାଳନ କରିବାର ସୌଭାଗ୍ୟଲାଭ କରିବେ । ପିଲାମାନଙ୍କ ଉନ୍ନତି,କର୍ମୋନ୍ନତି ଓ ସଫଳତା, ନୂତନ ସ୍ଥାନ ପରିଭ୍ରମଣ,ଯାନ୍ତ୍ରିକ ଶିଳ୍ପ, ବିଦ୍ୟୁତ୍ ,ପେଟ୍ରୋଲିୟମ୍,ଲୁହା,ସିମେଣ୍ଟ, ବ୍ୟବସାୟରେ ଲାଭବାନ ହେବେ । ନୂତନ ବନ୍ଧୁତ୍ୱ ଓ ଶୁଭକାର୍ଯ୍ୟ ସମ୍ପନ୍ନରୁ ଆନନ୍ଦିତ ହେବେ । ବିଦେଶଯାତ୍ରାର ସୁଯୋଗ,ନୂତନ ନିଯୁକ୍ତି ଅଫର, ଋଣ ପରିଶୋଧ, ଶ୍ରମଭିତ୍ତିକ କାର୍ଯ୍ୟରେ ସଫଳତା ମିଳିବ । ନୂତନ ସ୍ଥାନ କିମ୍ବା ଧର୍ମକାର୍ଯ୍ୟ, ତୀର୍ଥଭ୍ରମଣ, ଦ୍ରବ୍ୟ ଲାଭ, କାର୍ଯ୍ୟ ହାସଲ, ବିଜୟ ପ୍ରାପ୍ତି,ସାମାଜିକ ସୁନାମ ପାଇବେ । ବିଜାତୀୟ ବ୍ୟକ୍ତିମାନଙ୍କ ସହ ମିତ୍ରତା ସୃଷ୍ଟି ହେବ । ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ । ପ୍ରାପ୍ୟଧନରେ ବାଧା ଉପୁଜିବ । **କୃତ୍ତିକା:** ପାରିବାରିକ ଅଶାନ୍ତି, ଯାନବାହନରେ କ୍ଷତି ଓ ଆଘାତ, କର୍ମକ୍ଷେତ୍ରରେ ଅସହଯୋଗ, ସନ୍ଦେହ, ଭୁଲ୍ ବୁଝାମଣା । **ରୋହିଣୀ:** ସରକାରୀ ସ୍ତରରେ ଅଟକି ରହିଥିବା କାମ ,ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କିମ୍ବା ଗୃହସୀମା ବିବାଦ,ଅମ୍ଳତ୍ୱ ଓ ପାକାଶୟରେ ବିଶୃଙ୍ଖଳା,ଆମୋଦପ୍ରମୋଦଜନିତ ଖର୍ଚ୍ଚଭାର ବୃଦ୍ଧି । **ମୃଗଶିରା:** ସହକର୍ମୀ,ପଡ଼ୋଶୀଙ୍କ ସହ ସମ୍ପର୍କହାନି, ବିଚ୍ଛେଦାତ୍ମକ ଖବର, ସନ୍ତାନ କିମ୍ବା ପୁଅବୋହୂ ବିବାଦ,ମାଙ୍ଗଳିକ କାମରେ ଅନର୍ଥାଦି ବିଘ୍ନ ଘଟିପାରେ ।

## ମିଥୁନ

ଆପଣଙ୍କ ରାଶିଚକ୍ରରେ ଭାଗ୍ୟ ଏବଂ ଏକାଦଶ ସ୍ଥାନ କେତେକାଂଶରେ ଶୁଭପ୍ରଦ ଯୋଗୁ ବର୍ଷଫଳ ସନ୍ତୋଷଜନକ ରହିବ । ଦୂରଦର୍ଶିତା ,ଦୃଢ଼ ଇଚ୍ଛାଶକ୍ତି,କଠିନଶ୍ରମ ଓ ଅଧ୍ୟବସାୟ ଆପଣଙ୍କ ଦୈନନ୍ଦିନ ଜୀବନକୁ ସରସ ସୁନ୍ଦର କରିବାରେ ସହାୟକ ହେବ । ଶନିଙ୍କର ଦୃଷ୍ଟି ଆପଣଙ୍କ ଶତ୍ରୁତାର ବିଲୋପ,ଋଣମୋଚନ ଏବଂ ରୋଗପୀଡ଼ା ଉପଶମ କରି ସୁନ୍ଦରସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଉନ୍ନତ କରାଇବାରେ ସାହାଯ୍ୟ କରିବ । ଦୟା,କ୍ଷମା, ସ୍ନେହ, ଶ୍ରଦ୍ଧା ଓ ସହାନୁଭୂତି ପ୍ରଭୃତି ସ୍ୱର୍ଗୀୟ ଗୁଣ ମାଧ୍ୟମରେ ପ୍ରତିଷ୍ଠା,ପ୍ରଶଂସା ଓ ଲୋକପ୍ରିୟତା ବୃଦ୍ଧି ଘଟିବ । ଭ୍ରାତୃବିବାଦର ଅବସାନ ଘଟିବା ସଙ୍ଗେ ସଙ୍ଗେ ଆତ୍ମୀୟତାର ଝଲକ ମନକୁ ଆହ୍ଲାଦିତ କରିବ । ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ସ୍ଥାପନ ହେବ । ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଲାଭକରି ଖୁସି ହେବେ । ବାଣିଜ୍ୟର ଅଭିବୃଦ୍ଧି, ବ୍ୟବସାୟରେ ଉତ୍କର୍ଷ ,ପରିବହନରେ ଉନ୍ନତି କରିବେ । ଏଜେନ୍ସିପ୍‌ର ପ୍ରସାର ବୃଦ୍ଧି ଘଟିବ । ରୋଜଗାରର ବିଭିନ୍ନ ପନ୍ଥା ମାଧ୍ୟମରେ ଅର୍ଥର ପ୍ରାଚୁର୍ଯ୍ୟ ଉପଭୋଗ କରିବେ । ଅଧାଗଢ଼ା ଘର, ଅପ୍ରାପ୍ୟବସ୍ତୁ, ଅପୂରଣୀୟ କାମନା ପରିପୂର୍ଣ୍ଣତା ଲାଭକରିବ । ନୂତନ ବନ୍ଧୁତ୍ୱ ଓ ଶୁଭକାର୍ଯ୍ୟ ସମ୍ପନ୍ନରୁ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ପଦୋନ୍ନତି,ବିବାଦର ସମାଧାନ ମଧ୍ୟ ହୋଇଯିବ । କଳାରେ ଉତ୍କର୍ଷ, କାରିଗରିରେ ସଫଳତା, ଆରୋଗ୍ୟଲାଭ, ଧର୍ମକାର୍ଯ୍ୟର ସଦୁପଯୋଗ କରିବାରେ ସଫଳ ହେବେ । **ମୃଗଶିରା:** ସତର୍କତା ଅଭାବରୁ ଚୌରଭୟ,ଅନ୍ୟମନସ୍କତାରୁ ଦୁର୍ଘଟଣା, ଭୁଲ୍ ବୁଝାମଣାରୁ କଳହ, ସନ୍ଦେହରୁ ବନ୍ଧୁବିଗ୍ରହ,ଶତ୍ରୁତାରୁ ସମ୍ମାନହାନି ଆଶଙ୍କା , ମାନ ଅଭିମାନ, ଦ୍ରବ୍ୟନଷ୍ଟ,ଘଟିପାରେ । **ଆରଦ୍ରା:** ସରକାରୀ ଆକ୍ରୋଶ, ଅପବ୍ୟୟ, ଦୁଶ୍ଚିନ୍ତା, ନୈରାଶ୍ୟଭାବ,ପାରିବାରିକ ଅଶାନ୍ତି, ଚର୍ମରୋଗ, ଚକ୍ଷୁପୀଡ଼ା,ନିଶାସେବନରୁ ଅସୁସ୍ଥତା । **ପୁନର୍ବସୁ:** ସାମୟିକ ଅସୁସ୍ଥତା, ଅର୍ଥାଭାବ, ମନସ୍ତାପ,ବୃଥାଟନ ଓ ବିବାଦ, ବନ୍ଧୁରେ କଳହ, ଉଚ୍ଚସ୍ଥାନରୁ ପତନ, କାମରେ ପ୍ରତିବନ୍ଧକ ,ଅପପ୍ରଚାର ଜନିତ ଅଶାନ୍ତି ଓ ଉଦ୍‌ବେଗ ଲାଗିରହିବ ।

## କର୍କଟ

ବର୍ଷଟି ଭଲ ଓ ମନ୍ଦର ମିଶ୍ରିତଫଳ ମଧ୍ୟରେ ଅପୂରଣୀୟ ଅଭିଳାଷ ପୂରଣ ସାଙ୍ଗକୁ କେତେକ ନୈରାଶ୍ୟଜନକ ସ୍ଥିତି ଉତ୍ପନ୍ନ କରିବ । ଶନି କୁମ୍ଭେଶ୍ଚ ଦୁଲ୍ଲଭା ପରିପ୍ରେକ୍ଷୀରେ ଦୁଃଖ,ଦୈନ୍ୟ,ଦୁର୍ବିପାକ ଓ ସଂଘର୍ଷମୟ ପରିସ୍ଥିତିର ବିଲୟ ଘଟିବ । ଅଷ୍ଟମସ୍ଥ ଶନି ଆରୋଗ୍ୟଲାଭ,ନିୟନ୍ତ୍ରିତ ସ୍ୱାସ୍ଥ୍ୟ ,ଗୁପ୍ତସମ୍ପତ୍ତି, ବକେୟା ଅର୍ଥ, ଅପ୍ରାପ୍ୟବସ୍ତୁ ପ୍ରଦାନ କରିବାରେ ସାହାଯ୍ୟ କରିବେ । ପ୍ରଖର ଇଚ୍ଛାଶକ୍ତି, କଠିନଶ୍ରମ, ସାହାଯ୍ୟ ସହଯୋଗର ସହାୟତା ପ୍ରାପ୍ତହୋଇ ଅର୍ଥନୈତିକ ପ୍ରଗତି, ସାମାଜିକ ସମ୍ମାନ, କର୍ମକ୍ଷେତ୍ରରେ ପ୍ରତିଷ୍ଠା ଏବଂ ପାରିବାରିକ ସୌଖ୍ୟ ପ୍ରଦାନ କରିବ । ଶତ୍ରୁତାର ବିଲୟ ଘଟିବ , ଋଣ ପରିଶୋଧ କରିବେ , ବିବାଦରେ ବିଜୟୀ ହେବେ ଏବଂ ପ୍ରତିଯୋଗିତାରେ ସଫଳତା ପାଇବେ । ନୂତନ ଯୋଜନାରମ୍ଭ କରିବାରେ ଭଲସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ସାହାଯ୍ୟ, ସହଯୋଗ ଅବଶ୍ୟ ମିଳିବ । ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତ ହୋଇ ଖୁସି ହେବେ । କର୍ମକ୍ଷେତ୍ରରେ ଉଦ୍ଦେଶ୍ୟମୂଳକ ବଦଳି ସ୍ଥଗିତ ରହିଯିବ । ସାମାଜିକ ସ୍ତରରେ ମିତ୍ରତା ବୃଦ୍ଧି ହେତୁ ଅଧିକାଂଶ ସମୟ ମନ ପ୍ରଫୁଲ୍ଲ ରହିବ । ସାମାଜିକ ସ୍ଥିତି ଦୃଢ଼ ରହିବ, ପାରିବାରିକ ଓ କର୍ମକ୍ଷେତ୍ରରେ ଉନ୍ନତି କରିବେ । ପରୋପକାରର ପ୍ରଶଂସା, ପାରିବାରିକ ସୁଖ ଲାଭ ସହ ସମ୍ମାନ ଓ ଯଶଖ୍ୟାତି ବୃଦ୍ଧି ହେତୁ ମାନସିକ ଶାନ୍ତି ପାଇବେ । **ପୁନର୍ବସୁ:** ପଦସ୍ଥ ବ୍ୟକ୍ତିଙ୍କ ସହ ମତାନ୍ତର,ଅର୍ଥସଙ୍କଟ, ସଙ୍ଗଦୋଷରୁ ଅପନିନ୍ଦା, ପରୋକ୍ଷ ଶତ୍ରୁତା, ସହକର୍ମୀଙ୍କ ସନ୍ଦେହ ହେତୁକ ଅସହଯୋଗ, ପରିବାରରେ ଭୁଲ୍ ବୁଝାମଣାଜନିତ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ । **ପୁଷ୍ୟା:** କର୍ମକ୍ଷେତ୍ରରେ ଅବହେଳା,କ୍ରନିକ ରୋଗରେ ପୀଡ଼ାବୃଦ୍ଧି, ବ୍ୟବସାୟରେ ପ୍ରତିବନ୍ଧକ, ଉନ୍ନତିମୂଳକ କାମରେ ବାଧାବିଘ୍ନ,ପରାଧୀନତାର ଦୁଃଖ, ପଦୋନ୍ନତିରେ ବାଧା,ବିଚ୍ଛେଦାତ୍ମକ ଦୁଃଖ ଖବର,ପ୍ରିୟଜନଙ୍କ ସହ ସମ୍ପର୍କହାନିରୁ ମନସ୍ତାପ କରିବେ । **ଅଶ୍ଳେଷା:** ପଡ଼ୋଶୀଙ୍କ ଅପପ୍ରଚାର,କରଜଦାତାଙ୍କ ଚାପବୃଦ୍ଧି, ପରିବାରରେ ମତପାର୍ଥକ୍ୟ,ସନ୍ତାନଙ୍କ ବିଶୃଙ୍ଖଳା,ମାଙ୍ଗଳିକ କାମରେ କଳହ,ଦୂରଯାତ୍ରାରେ ସମସ୍ୟା, ଯାନବାହନରେ ତ୍ରୁଟିବିଚ୍ୟୁତି, ଦୁର୍ଘଟଣାଦି ଘଟିପାରେ ।

## ସିଂହ

ବର୍ଷାରମ୍ଭରୁ ଭାଗ୍ୟସ୍ଥାନସ୍ଥ ବୃହସ୍ପତି ରାଶିକୁ ଅବଲୋକନ କରୁଥିବାରୁ ଦୈହିକ ସୁସ୍ଥତା ଆପଣଙ୍କୁ କାର୍ଯ୍ୟକ୍ଷମ କରାଇବା ସହ ନୂଆ ନୂଆ କାମପାଇଁ ଅନୁପ୍ରେରିତ କରିବ । ଦୃଢ଼ ମନୋବଳରେ ଉତ୍ସାହିତ ହୋଇ ସାଫଲ୍ୟ ଅର୍ଜନ ସାଙ୍ଗକୁ ପ୍ରତିଷ୍ଠା, ପ୍ରଶଂସା ପାଇବେ । ମର୍ଯ୍ୟାଦାଜନକ ଉଚ୍ଚପଦବୀ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟରୁ ସାମାଜିକ ସ୍ଥିତି ଦୃଢ଼ୀଭୂତ ହେବ । ଆନୁଷ୍ଠାନିକ କାମରେ ଅଗ୍ରଣୀ ହେବେ , ବିବାଦୀୟ ପରିସ୍ଥିତି ବଦଳିବ ଓ ରାଜନୈତିକ ପୃଷ୍ଠପୋଷକତା ମିଳିବ । ଗସ୍ତ କାର୍ଯ୍ୟକ୍ରମ ବଢ଼ିଯିବ । ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ । ମାଲିମକଦ୍ଦମାରେ ବିଜୟୀ ହେବେ , ପ୍ରତିଯୋଗିତାରେ ସଫଳତା ମିଳିବ , ବାଣିଜ୍ୟ, ବ୍ୟବସାୟ ସନ୍ତୋଷଜନକ ରହିବ । ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ । ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ମିଳିବ, ସଂଗଠନ ସୁଦୃଢ଼ ହେବ, ପ୍ରଶାସନରେ ଅସ୍ଥିରତା ଦୂରହେବ , ଉଚ୍ଚଶିକ୍ଷାର ସୁଯୋଗ ମିଳିବ,ଅର୍ଥ ଦେଣନେଣରେ ଲାଭବାନ୍ ହେବେ । ଗୃହନିର୍ମାଣ ପୂର୍ଣ୍ଣାଙ୍ଗ ହେବ । ଲେଖାପଢ଼ାରୁ ସମ୍ମାନିତ ହେବେ । ସଭାସମିତିରେ ପୁରସ୍କୃତ ହେବେ । **ମଘା:** ପାପଗ୍ରହଙ୍କ କୁପ୍ରଭାବରୁ ଅପରିଣାମଦର୍ଶିତାଜନିତ ବିଭିନ୍ନ ପ୍ରକାର ଅନର୍ଥ,ଅଶାନ୍ତି, କଳହ,ଅସ୍ଥିରତା ମଧ୍ୟରେ ଗତିକରିବେ । ଭାଇ ସାଜିବେ ଭଗାରି, ପଡ଼ୋଶୀଙ୍କ ସମ୍ପର୍କ କ୍ଷୁଣ୍ଣ ହେବ, ଅଭାବବୋଧ ଲାଗିରହିବ ,କାର୍ଯ୍ୟହାନି,ଅସହଯୋଗ, ଶତ୍ରୁତା ଓ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି । **ପୂର୍ବା ଫାଲ୍‌ଗୁନୀ:** ଶନି ଓ ରାହୁଙ୍କ କବଳରେ ଗୁରୁ ହେତୁ ଗୌରବ ଓ ମାନସମ୍ମାନହାନି,ଦୋଷଦର୍ଶିତାରୁ ମିତ୍ରବନ୍ଧୁରେ କଳହ, ସନ୍ତାନଙ୍କ ବିଶୃଙ୍ଖଳା, ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କରେ ତିକ୍ତତା, ଅପବ୍ୟୟରୁ ମନସ୍ତାପ ଘଟିପାରେ । **ଉତ୍ତରା ଫାଲ୍‌ଗୁନୀ:** ଶାରୀରିକ ଅସୁସ୍ଥତା, ହତାଶାବୋଧ, ନୈରାଶ୍ୟ,ଭୁଲ୍ ବୁଝାମଣା,ପାରିବାରିକ ଅଶାନ୍ତି ,ରାଜଦଣ୍ଡ,ସ୍ଥାନାନ୍ତର, ରାଜନୈତିକ ଆକ୍ରୋଶ,ମାଙ୍ଗଳିକ କାମରେ ବାଧା,ଜମିଜମା ବିବାଦ,କଳା,ସାହିତ୍ୟ,କ୍ରୀଡ଼ା,ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ । ଚୌର,ପକେଟମାର,ପରାଜୟ ଗ୍ଲାନି, ମିଥ୍ୟାଭିଯୋଗ ପ୍ରତି ସତର୍କତା ବିଧେୟ ।

## କନ୍ୟା

ଚଳିତବର୍ଷ ଆପଣଙ୍କ ରାଶି କ୍ରୂରଗ୍ରହଙ୍କ ଦୃଷ୍ଟିର ଅନ୍ତରାଳେ ରହିଥିବାରୁ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗାମୀ ହେବେ । ଉନ୍ନତ ପ୍ରୟୋଗାତ୍ମକ କଳାକୌଶଳ ଆପଣଙ୍କ ସିଦ୍ଧିଲାଭରେ ସହାୟକ ହେବ । ବୁଦ୍ଧିବଳ ଖଟାଇ ବିଭିନ୍ନ ଦିଗରୁ ଅର୍ଥର ପ୍ରାଚୁର୍ଯ୍ୟ ଛୁଟିଆସିବ ଆପଣଙ୍କ ପାଖକୁ । ସ୍ୱସ୍ଥାନ ପାଳ ଶନି ଷଷ୍ଠଗୃହରେ ଅବସ୍ଥାନ କରି ଆପଣଙ୍କୁ ନୀରୋଗତା ପ୍ରଦାନ କରିବେ । ପୂର୍ବରୁ ରହିଥିବା ଘରୋଇ କିମ୍ବା ବ୍ୟାଙ୍କଲୋନ୍ ପରିଶୋଧକରି ଆତ୍ମତୃପ୍ତି ଲାଭ କରିବେ । ବିଭିନ୍ନ ସମସ୍ୟା ପିଛା ଛାଡ଼ିବନି, କିନ୍ତୁ ଆପଣ ଗଜରାଜ ଭଳି ଧୀରମନ୍ଥର ଗତିରେ ଆଗକୁ ଆଗକୁ ମାଡ଼ିଚାଲିବେ ଏବଂ ଶ୍ୱାନରୂପୀ ପରଶ୍ରୀକାତର ଈର୍ଷାପରାୟଣ ଶତ୍ରୁମାନେ କେବଳ ଭୁକି ଚାଲିଥିବେ । ଅନ୍ୟାନ୍ୟ ଗ୍ରହ ଚଳନଜନିତ ଶୁଭଫଳ ଭିତରେ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି, ମାଲି ମକଦ୍ଦମାରେ ସଫଳତା ପ୍ରାପ୍ତି, କର୍ମକ୍ଷେତ୍ରରେ ପଦୋନ୍ନତି ଓ ଗଠନମୂଳକ କାମରେ ସାହାଯ୍ୟ ସହଯୋଗ ପାଇବେ । ନିର୍ମାଣ ବିବାଦର ସମାଧାନ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ,ମନୋରଞ୍ଜନ କାର୍ଯ୍ୟକ୍ରମରେ ବନ୍ଧୁମିଳନ,ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ,ବାଧାବିଘ୍ନ ମଧ୍ୟରେ ମାଙ୍ଗଳିକ କର୍ମ ସମ୍ପାଦନାଦି ଶୁଭଫଳ ମିଳିବ । ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ ଏବଂ ସର୍ବୋପରି ଭଲମନ୍ଦ ସମସ୍ୟା ଓ ସମାଧାନର ଲୁଚକାଳି ଭିତରେ ବର୍ଷଟି ଅତିବାହିତ ହେବ । **ଉତ୍ତରା ଫାଲ୍‌ଗୁନୀ:** ମାନସିକ ଅସୁସ୍ଥତା, ଉଚ୍ଚସ୍ଥାନରୁ ପତନ,ଯାନ୍ତ୍ରିକ ଦୁର୍ଘଟଣା,ସ୍ୱାସ୍ଥ୍ୟ ସମସ୍ୟା,ଗୃହ ସମ୍ପର୍କିତ କଳହ, ଧାରକରଜ, ବ୍ୟବସାୟରେ ମାନ୍ଦା ପରିସ୍ଥିତି ଲାଗିରହିବ । **ହସ୍ତା:** ଆତ୍ମୀୟମାନଙ୍କ ସହ ଶତ୍ରୁତା, ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି ,ବନ୍ଧୁ ବିଚ୍ଛେଦଜନିତ ଦୁଃଖଶୋକ, ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରକାର ଚାପ, ଭୁଲ୍ ବୁଝାମଣାଜନିତ ପାରିବାରିକ ଅଶାନ୍ତି ଦେଖାଦେବ । **ଚିତ୍ରା:** ଆର୍ଥିକ ଅନଟନ.ସଂଘର୍ଷମୟ ପରିସ୍ଥିତି,ଭିଜିଲାନ୍ସ କିମ୍ବା ଚୋରି ହେତୁକ ଧନହାନିର ଆଶଙ୍କା , ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିରୋଧ, ବାରମ୍ବାର ଭ୍ରମଣ, ଦ୍ରବ୍ୟନଷ୍ଟ ଓ ବନ୍ଧୁରେ କଳହ ଦୁଶ୍ଚିନ୍ତାର କାରଣ ହୋଇପାରେ ।

## ତୁଳା

ଯାମିତ୍ରସଂସ୍ଥେ ବିପୁଳାଚ ଲକ୍ଷ୍ମୀ ପରିପ୍ରେକ୍ଷୀରେ ସପ୍ତମ କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସୁପ୍ରଭାବରୁ ଆର୍ଥିକ ଅଭିବୃଦ୍ଧି ସୌଭାଗ୍ୟର କେନ୍ଦ୍ରବିନ୍ଦୁ ପାଲଟିଯିବ । ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସାଙ୍ଗକୁ କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ପାରିବାରିକ ଜୀବନର ଚଲାପଥକୁ କୁସୁମିତ କରିବ । ଦୀର୍ଘଦିନର ଚାଲିଥିବା ବିବାଦର ବିଲୟ ଘଟିବ । ମାଲିମକଦ୍ଦମାରେ ବିଜୟଲାଭ କରିବେ ,ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ପରିବାରର ସହମତିରେ ବନ୍ଧୁମାନଙ୍କୁ ଆପଣେଇ କାର୍ଯ୍ୟସାଧନ କରିବାରେ ସଫଳ ହେବେ । ଲୋଭନୀୟ ପ୍ରତିଶ୍ରୁତିର ମାୟାଜାଲ ଓ ଆକର୍ଷଣୀୟ କଥନଶୈଳୀ ମାଧ୍ୟମରେ ଲକ୍ଷ୍ୟପୂରଣ କରିପାରିବେ । କର୍ମକ୍ଷେତ୍ରରେ ସଚ୍ଚୋଟତା, ନିରପେକ୍ଷତା,ଦକ୍ଷତା ଭିତ୍ତିରେ କାର୍ଯ୍ୟକୁଶଳତା ଯଶ ଓ ସମ୍ମାନ ପ୍ରଦାନ କରିବ । ସମବେଦନା,ଶ୍ରଦ୍ଧା,ଆଦର ପାରିବାରିକ ଜୀବନକୁ ବୈକୁଣ୍ଠ ସମାନ ସ୍ୱର୍ଗୀୟ ସୁଖଦାନରେ ସମର୍ଥ ହେବେ । ସଭାସମିତିକୁ ଆହୂତ ହୋଇ ବୁଦ୍ଧିଜୀବୀ ଗହଣରେ ସମ୍ମାନିତ ହେବେ । କୂଟନୀତି ଓ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବେ । ଗବେଷଣା,ଅନୁସନ୍ଧାନ କାର୍ଯ୍ୟରେ ସଫଳତା ମିଳିବ । ଅଂଶୀଦାରଙ୍କ ସହଯୋଗ ମାଧ୍ୟମରେ ନୂତନ ପ୍ରକଳ୍ପାରମ୍ଭ କରିବେ । ବନ୍ଧୁବିଚ୍ଛେଦଜନିତ ଦୁଃଖ ଆସିପାରେ । ପ୍ରିୟଜନଙ୍କ ସହ ତୀର୍ଥାଟନ ତଥା ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ମିଳିବ । **ଚିତ୍ରା:** ସନ୍ଦେହ,ଭୁଲ୍ ବୁଝାମଣା,ଈର୍ଷା ଓ ଅସୂୟାଭାବ ପୋଷଣ, ସମ୍ପର୍କହାନି,ବନ୍ଧୁରେ ବିବାଦ, ଧନହାନି ,ଅପନିନ୍ଦା ପାଇବେ ,ଉପରିସ୍ଥଙ୍କ ରୋଷ,ମାଙ୍ଗଳିକ କାମରେ ବାଧା, ଜନିତ ଅଶାନ୍ତିର ସମ୍ମୁଖୀନ ହେବେ । **ସ୍ୱାତୀ:** ଅପ୍ରିୟ ଭାଷଣ,ଦୋଷଦର୍ଶିତା, ସମାଲୋଚନା, ଘର ଏବଂ ବାହାର ଲୋକଙ୍କ ଦ୍ୱାରା ଭର୍ତ୍ସିତ ହେବେ । ବିଜାତୀୟ ବ୍ୟକ୍ତି ଶତ୍ରୁତା କରିବେ । ଅଧସ୍ତନ କର୍ମଚାରୀ ବିରୁଦ୍ଧାଚରଣ କରିପାରନ୍ତି । ସ୍ଥାନାନ୍ତର ଆଶଙ୍କା ରହିଛି , ସାମାଜିକ ସ୍ତରରେ ଅପପ୍ରଚାରର ଅପଯଶ ମିଳିବ । **ବିଶାଖା:** କ୍ରନିକ୍ ରୋଗରେ ପୀଡ଼ା,ଲୋକ ସମ୍ପର୍କ ହାନି , ନିଶାସେବନରେ ସ୍ୱାସ୍ଥ୍ୟହାନି ସହ ନିନ୍ଦିତ ହେବେ,ଭୋଗବିଳାସରେ ବାଧା ଉପୁଜିବ ।

## ବିଛା

ନୂତନବର୍ଷର ଗ୍ରହସ୍ଥିତି ରାଶି ପାଇଁ ଅନୁକୂଳ ନ ହେଲେ ମଧ୍ୟ ପ୍ରତିକୂଳତା ଭିତରେ କେତେକାଂଶରେ ସଫଳତା ମିଳିବ । ତୃତୀୟ ଚତୁର୍ଥାଧିପ ଶନି ପରୋକ୍ଷ ଭାବରେ ଘର,ପରିବାର,ଲୋକ ସମ୍ପର୍କ , ଯାନବାହନ,ପାଖପଡ଼ୋଶୀ,ସହକର୍ମୀଙ୍କ ସାହାଯ୍ୟ ସହଯୋଗ, ଅହିତ କରିବେନାହିଁ । ବୃହସ୍ପତି ଷଷ୍ଠଭାବରେ ରୋଗ,ଋଣ,ଶତ୍ରୁତାର ବିନାଶ କରିବା କ୍ଷେତ୍ରରେ ଶନିଙ୍କ ଦୃଷ୍ଟି ଏହାର ପୁଷ୍ଟିସାଧନ କରିବ । କିନ୍ତୁ ଦୁଃସ୍ଥାନରୁ ଗୁରୁଙ୍କ ଦୃଷ୍ଟି ଭ୍ରମଣରେ ବାଧା,କର୍ମକ୍ଷେତ୍ରରେ ସମସ୍ୟା ଓ ବ୍ୟତିକ୍ରମ ମଧ୍ୟରେ ଅନାବଶ୍ୟକ ଖର୍ଚ୍ଚଭାର ବୃଦ୍ଧି ଘଟିବ । ତଥାପି ତ୍ରିଷଷ୍ଠ ଏକାଦଶେ ରାହୁ କ୍ରମରେ ଷଷ୍ଠସ୍ଥ ରାହୁ ସମସ୍ତ ରିଷ୍ଟଖଣ୍ଡନ କରିବାରେ ସହାୟକ ହେବେ । ଫଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ, ଗୃହଭୂମି ଲାଭ , କୌଣସି ନୂତନ ଯୋଜନା , ଯାନ୍ତ୍ରିକ ଜିନିଷ, ଗୃହ, ଯାନବାହନ, କ୍ରୟଯୋଗ ରହିଛି । ଅବଶ୍ୟ ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନରେ ଝଡ଼ ଉଠିପାରେ । ଅଧିକାଂଶ ସମୟ ଘରଠାରୁ ବାହାରେ ରହିବାକୁ ପଡ଼ିବ । ଶିକ୍ଷା, ସନ୍ତାନଙ୍କ କ୍ଷେତ୍ରରେ, ବଡ଼ ଲୋକମାନଙ୍କ ସାନ୍ନିଧ୍ୟରୁ, ଅଧ୍ୟୟନ ଓ ଅଧ୍ୟାପନାରେ ,କୃଷି, ବାଣିଜ୍ୟ, ରାଜନୀତିରେ ସଫଳତା ମିଳିବ । ସମବେଦନା,ଶ୍ରଦ୍ଧା,ଆଦର ପାରିବାରିକ ଜୀବନକୁ ବୈକୁଣ୍ଠ ସମାନ ସ୍ୱର୍ଗୀୟ ସୁଖଦାନରେ ସମର୍ଥ ହେବେ । ସନ୍ତାନଙ୍କ ନୂତନ କର୍ମସଂସ୍ଥାନ ଜନିତ ବହୁ ଦିନର ଅଭିଳାଷ ପୂରଣ ହେବ । ଶୁଭ ଖବର, ଆମୋଦ ପ୍ରମୋଦ, ଉଚ୍ଚସମ୍ପର୍କ ପ୍ରଭୃତି ଶୁଭଫଳ ପାଇବେ । **ଅନୁରାଧା:** ଶତ୍ରୁତା, ପ୍ରତାରଣା, ଦେହପୀଡ଼ା, କଳହ, ବିଦେଶ ଯାତ୍ରା, ବନ୍ଧୁ ବିଚ୍ଛେଦ,ସମ୍ପର୍କରେ ନ୍ୟୂନତା,ଧର୍ମକାର୍ଯ୍ୟରେ ବିଘ୍ନ, ନିରାଶା ଜନିତ ଅଶୁଭ ଫଳ ପାଇବେ । ଅସାବଧାନତା କାରଣରୁ ଚୋରି, ଅନ୍ୟ ମନସ୍କତାରୁ ମଧ୍ୟ ଧନହାନିର ସୂଚନା ରହିଛି । **ଜ୍ୟେଷ୍ଠା:** କଳହର ସମ୍ମୁଖୀନ ହୋଇପାରନ୍ତି । **ବିଶାଖା:** ମାନସିକ ଉଦ୍‌ବେଗ,ବନ୍ଧୁବିଦ୍ୱେଷ, ଭ୍ରାତୃବିରୋଧ,ପାରିବାରିକ ଦ୍ୱନ୍ଦ୍ୱ,ସୁସମ୍ପର୍କହାନି, ରୋଗପୀଡ଼ା, ମତାନ୍ତରଜନିତ କଳହ,ମାଙ୍ଗଳିକ କାମରେ ପ୍ରତିବନ୍ଧକ, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ବକେୟା ପ୍ରାପ୍ତିରେ ବାଧା ଉପଜିବ ।

## ଧନୁ

ନୂଆବର୍ଷଟି ଅପୂରଣୀୟ ଅନେକ ଆଶା ଓ ଅଭିଳାଷ ପୂରଣ କରିବା ସହ ଧନସମ୍ପଦ ,ସୁଖସମ୍ମାନ ମାଧ୍ୟମରେ ମର୍ଯ୍ୟାଦାବନ୍ତ କରାଇବ । ସୁତାର୍ଥଲାଭ ନବପଞ୍ଚମେଷୁ କ୍ରମରେ ଜୀବନଯାତ୍ରାର ନୂତନ ଅଧ୍ୟାୟ ଆରମ୍ଭ ହୋଇ ନୂତନ ଉତ୍ସାହ, ଉଦ୍ଦୀପନା ଓ ଆନନ୍ଦ ମଧ୍ୟରେ ବର୍ଷଟି ଉପଭୋଗ୍ୟ ରହିବ । ଏଣେ ତୃତୀୟସ୍ଥ ଶନି ସମସ୍ତ ସମସ୍ୟାର ସମାଧାନରେ ସହାୟକ ହେଲେ ମଧ୍ୟ ସମ୍ପର୍କହାନି , ସନ୍ତାନଙ୍କ ସମସ୍ୟା, ଯାତ୍ରାରେ ବିଘ୍ନ, ଦୁଶ୍ଚିନ୍ତାଜନିତ ନିଦ୍ରାହୀନତା ସୁଖହାନି କରାଇବେ । ଅବଶ୍ୟ ସମ୍ମାନ, ପଦୋନ୍ନତି, ନୂତନ ଯୋଜନା ,ବ୍ୟବସାୟିକ ସଫଳତା, ଗୃହରେ ମାଙ୍ଗଳିକ କର୍ମ ଅଟକିବ ନାହିଁ । ସୁବିଧା କର୍ମକ୍ଷେତ୍ରକୁ ସରଳ ଓ ସହଜ କରିବାରେ ସାହାଯ୍ୟ କରିବ । ଆଶା କରୁଥିବା ଜିନିଷ ପାଇବେ । ଆନୁଷ୍ଠାନିକ,ସାଂସ୍କୃତିକ କାର୍ଯ୍ୟରେ ସମ୍ମାନିତ ହୋଇପାରନ୍ତି । ଅବଶ୍ୟ ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନରେ ଝଡ଼ ଉଠିପାରେ । ରଚନାତ୍ମକ କାର୍ଯ୍ୟ,ସଙ୍ଗୀତ ସାଧନା, ମନୋରଞ୍ଜନାଦି କାର୍ଯ୍ୟକ୍ରମ,ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି । ବିବାଦର ସମାଧାନ ,ମୂଲ୍ୟବାନ୍ ଦ୍ରବ୍ୟଲାଭ ,ପରିବହନରେ ଉନ୍ନତି ସାଙ୍ଗକୁ ଆଇନ ସହାୟତା ପାଇବେ । ଉପର ଅଧିକାରୀଙ୍କ କୃପାପାତ୍ର ହେବେ । **ମୂଳା:** ଆତ୍ମୀୟଙ୍କ ଅନାଦର , ମାନସିକ ଉଦ୍‌ବେଗଯୁକ୍ତ ରହିବେ । ନିଜ ଲୋକମାନଙ୍କ ଦ୍ୱାରା, ସହକର୍ମୀଙ୍କ ବିରୋଧରୁ, ନୀଚ ସଙ୍ଗରୁ, ମାଦକଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି, ଅଭିମାନ, ମତାନ୍ତରଜନିତ ଅଶାନ୍ତି ରହିବେ । **ପୂର୍ବାଷାଢ଼ା:** ପରିବାର ଭିତରେ ଭୁଲ୍ ବୁଝାମଣା, ଆଳସ୍ୟ, ପ୍ରତୀକ୍ଷାଜନିତ କଷ୍ଟ,ଦେହପୀଡ଼ା, ଭିଜିଲାନ୍ସ ଠକେଇ, ଚୋରି ଓ ପ୍ରତାରଣାଜନିତ ଦୁଃଖ ଯନ୍ତ୍ରଣା ଭୋଗିବାକୁ ପଡ଼ିବ । ସ୍ୱାସ୍ଥ୍ୟହାନି, ଦ୍ରବ୍ୟ ନଷ୍ଟ, କଳହ, ମତାନ୍ତର, ବିଦେଶ ଯାତ୍ରାରେ ସମସ୍ୟା, ଧନହାନି ଓ ଚୌରଭୟ ପ୍ରଭୃତି ଘଟିବା ଆଶଙ୍କା ରହିଛି । **ଉତ୍ତରାଷାଢ଼ା:** ପରୋକ୍ଷ ବିରୁଦ୍ଧାଚରଣରୁ କର୍ମହାନି, ସନ୍ତାନଙ୍କ ବିଶୃଙ୍ଖଳା, ନିର୍ମାଣାଧୀନ କାର୍ଯ୍ୟରେ ବିବାଦ, ଶତ୍ରୁ ବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ, କ୍ଷୟକ୍ଷତି, ନୈରାଶ୍ୟ, ଦୁଶ୍ଚିନ୍ତା ,ବନ୍ଧୁ ବିଚ୍ଛେଦ, ଧନହାନି ଓ ସ୍ୱାସ୍ଥ୍ୟ ସମସ୍ୟା, ଆତ୍ମୀୟ କିମ୍ବା ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣା ଲାଗିରହିବ ।

## ମକର

ରାଶ୍ୟାଧିପଶନିଶ୍ଚରଙ୍କପୂର୍ଣ୍ଣଦୃଷ୍ଟିପଥାରୂଢ଼ହୋଇଦେବଗୁରୁଚତୁର୍ଥକେନ୍ଦ୍ରରେରାହୁଙ୍କସହଅବସ୍ଥାନ କରୁଛନ୍ତି । ପରିଣାମ ସ୍ୱରୂପ ପୂର୍ଣ୍ଣତଃ କୌଣସି ପ୍ରକାର ଅଭାବବୋଧ ନ ଥାଇ ଶାରୀରିକ ସୁସ୍ଥତା ବର୍ଷସାରା ବଳବତ୍ତର ରହିବ । କିନ୍ତୁ ଅପ୍ରକାଶ୍ୟ ମାନସିକ ଅସୁସ୍ଥତା ଆପଣଙ୍କର ବାକ୍‌ପ୍ରଗଳ୍ଭତାକୁ ଅବରୁଦ୍ଧକରି ନୀରବଯାନ୍ତ୍ରିକ ମାନବ ଭଳି ଗତିଶୀଳ କରାଇ ଅନ୍ତଦ୍ୱନ୍ଦ୍ୱ ସୃଷ୍ଟିକରିବ । ଭାଙ୍ଗିଯିବ ଅତୀତର କଳ୍ପନା ରାଇଜର ସୁନେଲି ସ୍ୱପ୍ନ ସମୂହ । କୃତକର୍ମର କୁପରିଣାମକୁ ଅନ୍ତର୍ଦୃଷ୍ଟିରେ କଳନାକରି ଶିହରିଉଠିବ ଦେହ ମନ ଓ ପ୍ରାଣର ତନ୍ତ୍ରିଗୁଡ଼ାକ । ରାହୁ ବୃହସ୍ପତିଙ୍କ ଗୁରୁଚାଣ୍ଡାଳ ଯୋଗର କୁପ୍ରଭାବରେ ପରିବାରରେ ଭୁଲ୍ ବୁଝାମଣା ସାଙ୍ଗକୁ ପାରସ୍ପରିକ ଦୋଷାରୋପ ଜୀବନର ଚଲାପଥକୁ କଣ୍ଟକିତ କରିପାରେ । ବାଣିଜ୍ୟ,ବ୍ୟବସାୟ, ପରିବହନରେ ବ୍ୟସ୍ତତା ବୃଦ୍ଧି ପାଇବ । ଆଇନ ଅଦାଲତରେ ସଫଳତା ଏବଂ କର୍ମକ୍ଷେତ୍ରରେ ପଦୋନ୍ନତିରୁ ଖୁସି ହେବେ । ରଚନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ତୀର୍ଥାଟନ,ଦର୍ଶନୀୟ ସ୍ଥାନ ଭ୍ରମଣ ଓ ସତ୍‌ସଙ୍ଗର ସୁଯୋଗ ପ୍ରାପ୍ତ ହେବେ । କଚେରି ମାମଲା ସପକ୍ଷରେ ଯିବ । ଆନୁଷ୍ଠାନିକ କାମ, ଉଦ୍ୟୋଗ, ପ୍ରକଳ୍ପ, ଶେୟାର ବଜାର, ଲଟେରି ପ୍ରଭୃତିରୁ ଲାଭବାନ୍ ହେବେ । କୂଟନୀତି,ଗୁପ୍ତମନ୍ତ୍ରଣା, ରାଜନୀତି, ସଭାସମିତି,ସାଂସ୍କୃତିକ କାର୍ଯ୍ୟକ୍ରମ , ମନୋରଞ୍ଜନ ମଧ୍ୟରେ ବନ୍ଧୁମିଳନର ମଜା ଉଠାଇବେ । ଭାଇ,ବନ୍ଧୁ, ପଡ଼ୋଶୀଙ୍କ ଆଦରଣୀୟ ହେବେ । ଶିଳ୍ପ,ବାଣିଜ୍ୟାଦି କାରବାର ବୃଦ୍ଧି ପାଇବ । **ଉତ୍ତରାଷାଢ଼ା:** ସାମାଜିକ ସମ୍ମାନ,ସ୍ୱାସ୍ଥ୍ୟ, ସମ୍ପଦହାନି, କଳହ, ବିଭିନ୍ନ ସମସ୍ୟା, ମନସ୍ତାପ, କଚେରି ମାମଲା, ବନ୍ଧୁ ବିଚ୍ଛେଦ, ଜମିଜମା, ପରିବହନ, ବ୍ୟବସାୟରେ କ୍ଷତି ଏବଂ ପାରିବାରିକ ଅଶାନ୍ତି ଲାଗିରହିବ । **ଶ୍ରବଣା:** ମିଥ୍ୟାପବାଦ, ଆକସ୍ମିକ କଳହ, ଧନହାନି, ବନ୍ଧୁ ବିଚ୍ଛେଦ, ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ଅସ୍ଥିରତା ଲାଗି ରହିବ । **ଧନିଷ୍ଠା:** ଧନହାନି,ସହକର୍ମୀଙ୍କ ଦୌରାତ୍ମ୍ୟ,ପାରିବାରିକ ଦ୍ୱନ୍ଦ୍ୱ,ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା,ବେପାରରେ କ୍ଷତି, ମିତ୍ରବନ୍ଧୁ ବିରୋଧ, ମାଙ୍ଗଳିକ କାମରେ ପ୍ରତିବନ୍ଧକ ପରିଲକ୍ଷିତ ହେବ ।

## କୁମ୍ଭ

ଶାରୀରିକ ସୁସ୍ଥତା, ଦୃଢ଼ ମନୋବଳ ସାଙ୍ଗକୁ ନିରଳସ କର୍ମଦକ୍ଷତାରେ ସୁନ୍ଦର,ରୁଚିପୂର୍ଣ୍ଣ,ସୁଖମୟ ଜୀବନ ଉପଭୋଗ କରିବେ ନୂଆବର୍ଷରେ । ସୁଖ, ଶାନ୍ତିଭରା ସୁସ୍ଥ ପାରିବାରିକ ଜୀବନକୁ ଅର୍ଥନୈତିକ ଅଭିବୃଦ୍ଧି ନୂଆ ନୂଆ କର୍ମପ୍ରେରଣା ଯୋଗାଇଦେବ । ମିତ୍ରବନ୍ଧୁ, ସାହିପଡ଼ିଶା, ସହକର୍ମୀ ଓ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ, ସହଯୋଗ ଲାଭକରି ଲକ୍ଷ୍ୟହାସଲ କରିବେ । ସୁନ୍ଦର ସଜ୍ଜୀକରଣ, ବନ୍ଧୁଗହଣରେ ନୂତନ ଗୃହରେ ଶୁଭ ସାହାନାଇ ବାଜିଉଠିବ । ସଭାସମିତି,ଆନୁଷ୍ଠାନିକ,ସାଂସ୍କୃତିକ କାର୍ଯ୍ୟରେ ଅଥବା ରଚନାତ୍ମକ କାର୍ଯ୍ୟ,ଗବେଷଣାରୁ ସାମାଜିକ ସମ୍ମାନ ଓ ପ୍ରଶଂସା ଲାଭର ସୌଭାଗ୍ୟ ଅର୍ଜନ କରିବେ । ପ୍ରତିଯୋଗିତା,ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ । ସେବା,ପରୋପକାର ମାଧ୍ୟମରେ ଜନକଲ୍ୟାଣ କର୍ମକରି ସାମାଜିକ ସ୍ତରରେ ପ୍ରଶଂସାଭାଜନ ହେବେ । ଦୂରେଇଯାଇଥିବା ବନ୍ଧୁମାନେ ପାଖେଇ ଆସିବେ । **ଧନିଷ୍ଠା:** ସଂଘର୍ଷପୂର୍ଣ୍ଣ ବାତାବରଣ ମଧ୍ୟରେ ଲକ୍ଷ୍ୟ ହାସଲ କରିବେ । ଭୁଲ୍ ବୁଝାମଣା, ପରିବାରରେ ଅଶାନ୍ତି, କର୍ମକ୍ଷେତ୍ରରେ ବିବାଦ, ବନ୍ଧୁବର୍ଗରେ ମତାନ୍ତର ଓ ମନାନ୍ତର ସୃଷ୍ଟି ହେବ । କର୍ମ କ୍ଲାନ୍ତି ,ପ୍ରତିଦ୍ୱନ୍ଦ୍ୱିତାରୁ ଝଗଡ଼ା, ଚୋରିଜନିତ ଧନହାନି କିମ୍ବା ଇଚ୍ଛା ନ ଥାଇ ଦାୟିତ୍ୱ ହସ୍ତାନ୍ତରରୁ ଅଶାନ୍ତ ରହିବେ । **ଶତଭିଷା:** ରାଜନୀତି କ୍ଷେତ୍ରରେ ଗୋଡ଼ଟଣା, ବିବାଦରେ ମନସ୍ତାପ, ସଙ୍ଗଠନରେ ସମସ୍ୟା, ଏଜେନ୍ସିପ୍, ପ୍ରକାଶନ ଓ ପ୍ରଶାସନରେ ଦ୍ୱନ୍ଦ, ଆନୁଷ୍ଠାନିକ କାମରେ ଅପପ୍ରଚାର ,କୃଷି,ପଶୁହାନି,ସମ୍ପର୍କରେ ତିକ୍ତତା,ଶତ୍ରୁତାଜନିତ କାର୍ଯ୍ୟହାନି ଘଟିବ । କର୍ମକ୍ଷେତ୍ରରେ ସ୍ଥାନାନ୍ତର,ବିଜାତୀୟ ବ୍ୟକ୍ତିଙ୍କ ଶତ୍ରୁତାରୁ ବିଚଳିତ ରହିବେ । **ପୂର୍ବଭାଦ୍ରପଦ:** ପୁରାତନ ରୋଗର ପ୍ରାଦୁର୍ଭାବ,ଯାନବାହନରେ ଆଘାତ, ଅଜଣା ଭୟ ଓ ଆଶଙ୍କା ,ବନ୍ଧୁଙ୍କ ପ୍ରତାରଣା,ସ୍ୱଜନଶତ୍ରୁତା, ପାରିବାରିକ ଅଶାନ୍ତି, ସୃଜନୀଶକ୍ତିର ଅବକ୍ଷୟ, ଧର୍ମକାର୍ଯ୍ୟରେ ବିଶୃଙ୍ଖଳା ଘଟିପାରେ । ଦୂରଯାତ୍ରାରେ ବିବାଦ,ନିଶାସେବନରୁ ଅସୁସ୍ଥତା,ସହମତି ଅଭାବରୁ କର୍ମ ଅବରୋଧ,ସ୍ତ୍ରୀ କିମ୍ବା ପୁଅବୋହୂ ମଧ୍ୟରେ ବିବାଦ ମାନସିକ ଅଶାନ୍ତିର କାରଣ ପାଲଟିଯିବ ।

## ମୀନ

'ଜୀବେ ଦ୍ୱିତୀୟେ ଧନଧାନ୍ୟଭୋଗୀ' ପ୍ରମାଣାନୁସାରେ ଚଳିତ ବର୍ଷଟି ଧନସମ୍ପଦର ଗୁରୁଗୌରବରେ ଉଦ୍ଭାଷିତ ହେବେ । ସ୍ୱାସ୍ଥ୍ୟ ଭଲ ରହିବ ଓ କୌଣସି କାମ ଅଟକି ରହିବ ନାହିଁ । ବାସ୍ତବବାଦୀ ଚିନ୍ତାଧାରା ସାଙ୍ଗକୁ ସ୍ୱାଧୀନଚେତା, ନିର୍ଭୀକ ଓ କଠୋର କର୍ତ୍ତବ୍ୟପରାୟଣ ହେତୁ ଜନସମାଜରେ ଆଦରଣୀୟ ହେବେ । କର୍ମଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ସଚ୍ଚୋଟତା ହେତୁ ଶିଳ୍ପ,ବାଣିଜ୍ୟ, ବ୍ୟବସାୟରେ ଉତ୍କର୍ଷ ଦେଖାଦେବ । ପରିବାରରେ ପୈତୃକ ସମ୍ପତ୍ତି ସକାଶେ ବିବାଦ ଦେଖାଦେଇପାରେ । ସ୍ତ୍ରୀଙ୍କ ସହ ମତପାର୍ଥକ୍ୟଜନିତ ସମସ୍ୟା ଓ ଜଞ୍ଜାଳ କ୍ରମଶଃ ବଢ଼ି ବଢ଼ି ଯିବ । ଯାତ୍ରାରେ ଅସଫଳତା ଓ କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା ଓ ବନ୍ଧୁମାନଙ୍କ ଅନାଦର ଭାବ ଅଶାନ୍ତିକୁ ବହୁମାତ୍ରାରେ ବଢ଼ାଇଦେଇପାରେ । ସହୃଦୟତା, ପରୋପକାର ପ୍ରବୃତ୍ତି ହେତୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସା,ସମ୍ପର୍କୀୟଙ୍କ ଦ୍ୱାରା ଆଦର ସମ୍ମାନ ଲାଭକରିବେ । **ପୂର୍ବଭାଦ୍ରପଦ:** ସାମୟିକ ଅସୁସ୍ଥତା ,ଅପବ୍ୟୟ ,କଠୋର ବ୍ୟବହାର,ସମ୍ପର୍କହାନି ,ନିଜ ଲୋକମାନେ ଦୂରେଇଯିବେ । ଭୁଲ୍ ବୁଝାମଣା ,ସନ୍ଦେହଜନକ କାମରେ ଅନୁପ୍ରବେଶ ଅପବାଦର କାରଣ ହୋଇପାରେ । **ଉତ୍ତରଭାଦ୍ରପଦ:** ଦୁଷ୍ପ୍ରବୃତ୍ତି ଜନିତ ଅପବାଦ,ଧନହାନି,ଜମିଜମା ବିବାଦ, ଆରକ୍ଷୀ ସମ୍ପର୍କରୁ ଅଶାନ୍ତି, ଯାନବାହନରେ କ୍ଷତି, ବନ୍ଧୁଙ୍କ ସହ ମତପାର୍ଥକ୍ୟ, ପାରିବାରିକ ଅଶାନ୍ତି, ଉଚ୍ଚସ୍ଥାନରୁ ପତନ,ଲୋକ ସମ୍ପର୍କହାନି, ବ୍ୟବସାୟରେ କ୍ଷତି ,ଆଳସ୍ୟ ,ଅବହେଳାଜନିତ କାର୍ଯ୍ୟହାନି ସହ ଉପରିସ୍ଥଙ୍କ ଚକ୍ଷୁଶୂଳ ହେବେ । ସ୍ଥାନାନ୍ତର ଘଟିପାରେ । **ରେବତୀ:** ପରକାର୍ଯ୍ୟରେ ତତ୍ପରତା,ମିଥ୍ୟାଭାଷଣ. ବୃଥାଟନ, ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା,କ୍ରନିକ୍ ରୋଗରେ ପୀଡ଼ାବୃଦ୍ଧି,ଚୋରି,ନୀଚଜନ ସହ ବିବାଦ,ଶତ୍ରୁତା, ପାରିବାରିକ କଳହ, ସନ୍ତାନହେତୁକ ଦ୍ୱନ୍ଦ୍ୱ, ମକଦ୍ଦମାରେ ମନସ୍ତାପଜନିତ ଅଶୁଭଫଳ ପାଇପାରନ୍ତି ।

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମୋ-୯୭୭୮୦୧୮୫୫ mail: pkmahapatro@gmail.com

# ସମ୍ଭାବନା ଓ ଆହ୍ୱାନ

ମହାମାରୀ ଆତଙ୍କ, ମୁଦ୍ରାସ୍ଫୀତିର କଷାଘାତ, ମାନ୍ଦାବସ୍ଥା ଚିନ୍ତା ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଛାୟା ଭିତରେ ନବବର୍ଷକୁ ସ୍ୱାଗତ କରିଛନ୍ତି ୮ ବିଲିୟନ୍ ବିଶ୍ୱବାସୀ। ରୁଷିଆର ଯୁଦ୍ଧ ଯୋଗୁ ପୃଥିବୀ ଭୂରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବାବେଳେ ଭାରତ ପ୍ରଭାବଶୂନ୍ୟ ହୋଇ ରହିନାହିଁ। ଏହି ପରିପ୍ରେକ୍ଷୀରେ ନୂଆବର୍ଷ ଆସିଛି ଅନେକ ସମ୍ଭାବନା ଓ ଆହ୍ୱାନ ନେଇ। ୨୦୨୩ରେ ରାଜସ୍ଥାନ, ଛତିଶଗଡ଼, ମଧ୍ୟପ୍ରଦେଶ, କର୍ନାଟକ, ତେଲଙ୍ଗାନା, ତ୍ରିପୁରା, ମେଘାଳୟ, ନାଗାଲାଣ୍ଡ ଓ ମିଜୋରାମରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ନୂଆବର୍ଷରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ମଧ୍ୟ ପ୍ରଥମ ଥର ପାଇଁ ବିଧାନସଭା ଭୋଟ ହୋଇପାରେ। ଏସବୁକୁ ରାଜନୈତିକ ପଣ୍ଡିତମାନେ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ସେମିଫାଇନାଲ ବୋଲି ଅଭିହିତ କରୁଛନ୍ତି। ତେଣୁ କେନ୍ଦ୍ରରେ କ୍ଷମତାସୀନ ଭାଜପା ଅଧିକାଂଶ ରାଜ୍ୟ ଦଖଲ ପାଇଁ ଯଥାସାଧ୍ୟ ଉଦ୍ୟମ କରିବ। ହିମାଚଳ ପ୍ରଦେଶ ବିଧାନସଭାକୁ ଭାଜପା ହାତରୁ ଛଡ଼ାଇ ନେବା ପରେ ବିରୋଧୀ କଂଗ୍ରେସ ଶିବିରରେ ନୂଆ ଆଶା ଉଜ୍ଜୀବିତ ହୋଇଥିବାବେଳେ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ଦଳକୁ ବଳ ଯୋଗାଇଛି। କଂଗ୍ରେସ ଆଗକୁ କେଉଁ ରାଜ୍ୟରେ ସରକାର ଗଢ଼ିବାରେ ସକ୍ଷମ ହେଉଛି ତାହା ଉପରେ ନଜର ରହିବ।


ଅରବିନ୍ଦ କେଜ୍‌ରିୱାଲ୍


ନରେନ୍ଦ୍ର ମୋଦି


ରାହୁଲ ଗାନ୍ଧୀ

**ରାଜସ୍ଥାନ:** ୨୦୧୮ ଡିସେମ୍ବରରେ ଅନୁଷ୍ଠିତ ରାଜସ୍ଥାନ ବିଧାନସଭା ନିର୍ବାଚନରେ ବସୁନ୍ଧରା ରାଜେ ସିନ୍ଧିଆଙ୍କଠାରୁ କଂଗ୍ରେସ ଶାସନ କ୍ଷମତା ଛଡ଼ାଇ ନେଇଥିଲା। ୨୦୦ ସଦସ୍ୟ ବିଶିଷ୍ଟ ବିଧାନସଭାର ୧୦୦ ଆସନ ଦଖଲ କରି କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିବାବେଳେ ଭାଜପା ପୂର୍ବ ତୁଳନାରେ ଖରାପ ପ୍ରଦର୍ଶନ କରି ୭୩ରେ ସୀମିତ ରହିଥିଲା। ତେବେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏବଂ ଦଳ ଭିତରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସଚିନ ପାଇଲଟଙ୍କ ନୀରବ ବିଦ୍ରୋହ ଶାସକ କଂଗ୍ରେସକୁ ଦୋଛକିରେ ଛିଡ଼ା କରାଇଦେଇଛି। ୨୦୨୩ରେ ଦଳର ହାଇକମାଣ୍ଡ ଗେହଲଟ୍-ପାଇଲଟ୍ ବିବାଦ ତୁଟାଇ ନ ପାରିଲେ କଂଗ୍ରେସକୁ ଆଉ ଏକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିପାରେ। ଉତ୍ତର ଭାରତର ଏହି ହିନ୍ଦୀଭାଷୀ ମରୁରାଜ୍ୟରେ କଂଗ୍ରେସର ଅନ୍ତଃ କନ୍ଦଳ ଗୈରିକ ଦଳକୁ ସୁହାଇବ।

**ଛତିଶଗଡ଼:** ପୂର୍ବ ନିର୍ବାଚନରେ ରାଜସ୍ଥାନ ଭଳି ଛତିଶଗଡ଼କୁ ମଧ୍ୟ ଭାଜପାଠାରୁ ଛଡ଼ାଇନେଇଥିଲା କଂଗ୍ରେସ। ଭାଜପା ନେତା ରମଣ ସିଂ କ୍ଷମତାଚ୍ୟୁତ ହେବା ସହ କଂଗ୍ରେସର ଭୂପେଶ ବଘେଲ ନୂଆ ମୁଖିଆ ହୋଇଥିଲେ। ବଘେଲଙ୍କ ନେତୃତ୍ୱରେ ଛତିଶଗଡ଼ର ବିକାଶମୂଳକ କାର୍ଯ୍ୟ ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଛି। ତେଣୁ ୨୦୨୩ ବିଧାନସଭା ନିର୍ବାଚନ ତାଙ୍କ ନେତୃତ୍ୱରେ ଲଢ଼ିବାକୁ କଂଗ୍ରେସ ନିଷ୍ପତ୍ତି ନେଇପାରେ। କିନ୍ତୁ ନିର୍ବାଚନ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂହଦେଓଙ୍କୁ ବୁଝାଇବାକୁ ପଡ଼ିବ। ଅନ୍ୟଥା କଂଗ୍ରେସକୁ ଏଠି ମଧ୍ୟ କାଳ ହୋଇପାରେ ଗୋଷ୍ଠୀ କନ୍ଦଳ।

**ମଧ୍ୟପ୍ରଦେଶ:** ୨୦୧୮ ନିର୍ବାଚନରେ ମଧ୍ୟପ୍ରଦେଶ ଏକପ୍ରକାର ଖଣ୍ଡିତ ଜନାଦେଶ ଦେଇଥିଲା। ବିଧାନସଭାର ୨୩୦ ଆସନ ମଧ୍ୟରୁ କଂଗ୍ରେସ ୧୧୪ ଦଖଲ କରିବା ପରେ ଅନ୍ୟ ଦଳ ସମର୍ଥନରେ ସରକାର ଗଢ଼ିଥିଲା। କିନ୍ତୁ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ବିଦ୍ରୋହ କଂଗ୍ରେସକୁ ମହଙ୍ଗା ପଡ଼ିଲା। ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସରକାର ଭାଙ୍ଗିବା ପରେ ଭାଜପା ସିନ୍ଧିଆଙ୍କୁ ପୁରସ୍କାର ସ୍ୱରୂପ କେନ୍ଦ୍ରମନ୍ତ୍ରୀ କଲା। ୨୦୨୦ ମାର୍ଚ୍ଚରେ ଭାଜପାର ଶିବରାଜ ସିଂ ଚୌହାନ ପୁଣି କ୍ଷମତାକୁ ଫେରିଲେ। ୨୦୨୩ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନରେ ଗୋଟି ଚଳାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ ପାଇଁ କଂଗ୍ରେସ ପ୍ରସ୍ତୁତ ହେଉଛି।

**କର୍ନାଟକ:** କର୍ନାଟକ ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ପୁନଃ ଶପଥ ନେଇଥିଲେ। କିନ୍ତୁ ସଂଖ୍ୟାବଳର ପ୍ରମାଣ ଦେଇ ନ ପାରିବାରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ପରେ କଂଗ୍ରେସ ସମର୍ଥନରେ ଏଚ୍.ଡି. କୁମାରସ୍ୱାମୀଙ୍କ ଧର୍ମନିରପେକ୍ଷ ଜନତା ଦଳ ମେଣ୍ଟ ସରକାର ଗଢ଼ିଥିଲା। ଶାସକ ମେଣ୍ଟର ୧୬ ବିଧାୟକଙ୍କ ଇସ୍ତଫା କୁମାରସ୍ୱାମୀଙ୍କ ୧୪ ମାସିଆ ସରକାରର ପତନ ଘଟାଇଥିଲା। ୨୦୨୧ ଜୁଲାଇରେ ବାସବରାଜ ବୋମାଇ ମୁଖ୍ୟମନ୍ତ୍ରୀ ହେଲେ। ଦକ୍ଷିଣ ଭାରତକୁ ଭାଜପାର ପ୍ରବେଶପଥ କୁହାଯାଉଥିବା କର୍ନାଟକର ୨୨୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନରେ କ୍ଷମତାକୁ ଫେରିବା ପାଇଁ ଭାଜପା ସବୁ ପ୍ରକାର ଉଦ୍ୟମ କରିବ। ଏଠି ଦୁର୍ବଳ ବିରୋଧୀ ଗୈରିକ ଦଳ ପାଇଁ ଏକ ଆସେଟ୍ ବୋଲି କୁହାଯାଉଛି।

**ତେଲଙ୍ଗାନା:** ଆନ୍ଧ୍ର ପ୍ରଦେଶରୁ ଅଲଗା ହେବା ପରେ ଏହି ସର୍ବକନିଷ୍ଠ ରାଜ୍ୟରେ ୨୦୧୮ରେ ଅନୁଷ୍ଠିତ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ମୋଟ୍ ୧୧୯ ଆସନ ମଧ୍ୟରୁ ୮୮ ଦଖଲ କରିଥିଲା। ତାଙ୍କ ଦଳ ଏବେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)ରେ ପରିବର୍ତ୍ତିତ ହୋଇଛି ଏବଂ ଜାତୀୟ ରାଜନୀତିରେ କେସିଆର୍ ପତିଆରା ବଢ଼ାଇବାକୁ ଉଦ୍ୟମ ଚଳାଇଛନ୍ତି। ଆସନ ଦୃଷ୍ଟିରୁ ଟିଆର୍ଏସ୍ ପରେ କଂଗ୍ରେସ ଏବଂ ଏଆଇଏମ୍ଆଇଏମ୍ ସ୍ଥିତି ମଜଭୁତ ଥିବାବେଳେ ଗତ ଜୁଲାଇରେ ଭାଜପା ଏଠାରୁ ମିଶନ ସାଉଥ୍ ଆରମ୍ଭ କରିଛି।

**ଉତ୍ତର-ପୂର୍ବର ୪ ରାଜ୍ୟ:** ୨୦୧୮ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ପ୍ରଥମ ଥର ପାଇଁ ୩୫ ଆସନ ଦଖଲ କରିଥିବାବେଳେ ବାମ ଦଳ ସହ ଏହାର ଭୋଟ ବ୍ୟବଧାନ ଥିଲା ମାତ୍ର ୧.୩୭%। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ଭାଜପାର ବିପ୍ଳବ ଦେବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଗତ ମେ'ରେ ଶାସକ ଦଳ ବିପ୍ଳବଙ୍କ ସ୍ଥାନରେ ମାଣିକ ଶାହାଙ୍କୁ ମୁଖ୍ୟମନ୍ତ୍ରୀ କରିଛି। ତେବେ ଶାସକ ଦଳ ଭିତରେ ନେତାଙ୍କ କନ୍ଦଳ ବିରୋଧୀଙ୍କୁ ସୁହାଇପାରେ। ଏଠାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବଳ ବଢୁଥିବାରୁ ୨୦୨୩ ନିର୍ବାଚନ ରୋଚକ ହେବ ବୋଲି କୁହାଯାଉଛି। ଉତ୍ତର-ପୂର୍ବର ଅନ୍ୟ ୨ ରାଜ୍ୟ ମେଘାଳୟ ଓ ନାଗାଲାଣ୍ଡରେ ମଧ୍ୟ ଫେବୃୟାରୀ-ମାର୍ଚ୍ଚରେ ନିର୍ବାଚନ ହେବ। ମେଘାଳୟରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ବିଧାନସଭାର ୬୦ ଆସନରୁ ୨୧ରେ ସୀମିତ ରହିଥିଲା। ଭଜପା ଓ ଅନ୍ୟ ଦଳ ସମର୍ଥନରେ କନରାଡ୍ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ସରକାର ଗଢ଼ିଲା। ଆଗାମୀ ନିର୍ବାଚନରେ ଭାଜପା ଶାସକ ମେଣ୍ଟର ନେତୃତ୍ୱ ନେବାକୁ ଚାହୁଁଥିବାରୁ ଏନ୍‌ପିପି ସହ ତିକ୍ତତା ବଢ଼ିଛି। ଏଥର ଟିଏମ୍‌ସି ଶାସକ ମେଣ୍ଟକୁ କଡ଼ା ଟକ୍କର ଦେଇପାରେ। ନାଗାଲାଣ୍ଡରେ ନ୍ୟାଶନାଲ ଡେମୋକ୍ରାଟିକ୍ ପାର୍ଟି-ଭାଜପା ମେଣ୍ଟ ସରକାର ଚାଲିଛି। ଆସନ୍ତା ନିର୍ବାଚନରେ ଭାଜପା ୨୦ ଆସନରେ ଲଢ଼ି ଏନ୍‌ଡିପିପିର ୪୦ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଯୋଜନା କରିଛି। ନଭେମ୍ବରରେ ହେବାକୁ ଥିବା ମିଜୋରାମ ବିଧାନସଭା ନିର୍ବାଚନରେ ଶାସକ ମିଜୋ ନ୍ୟାଶନାଲ ଫ୍ରଣ୍ଟ ସହ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ।

## କେଜ୍‌ରିୱାଲ ଫ୍ୟାକ୍ଟର

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଗୁଜରାଟରେ ପ୍ରାୟ ୧୩% ଭୋଟ ପାଇବା ସହ ଜାତୀୟ ଦଳର ମାନ୍ୟତା ଲାଭ କରିବାକୁ ଯୋଗ୍ୟ ହୋଇଛି। ଜାତୀୟ ରାଜନୀତିରେ ବୃହତ୍ ଭୂମିକା ନେବାକୁ ଲକ୍ଷ୍ୟ ରଖିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପାଇଁ ଏହାକୁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଏତିକି ନୁହେଁ, ଦୀର୍ଘ ୧୫ ବର୍ଷ ଧରି ଭାଜପା ଦଖଲରେ ଥିବା ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)କୁ ମଧ୍ୟ ଏଏପି ଛଡ଼ାଇନେଇଛି। ଆଗକୁ ଏହି ଧାରା ବଜାୟ ରହିଲେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏଏପିର ପ୍ରାଧାନ୍ୟ ବଢ଼ିବ। ପଞ୍ଜାବ ଓ ଦିଲ୍ଲୀରେ କ୍ଷମତାସୀନ ଏଏପି ସାରା ଦେଶରେ ଆବଶ୍ୟକ ରଣନୀତି ପ୍ରୟୋଗ କରି ଲଢ଼ିଲେ କେଜ୍‌ରିୱାଲ ଯେ କେବଳ ବଡ଼ ବିରୋଧୀ ଫ୍ୟାକ୍ଟର ହେବେ ତାହା ନୁହେଁ, ବରଂ କେନ୍ଦ୍ରରେ କ୍ଷମତାସୀନ ଭାଜପା ପାଇଁ ମୁଣ୍ଡବ୍ୟଥାର କାରଣ ସାଜିବେ।






























# ୨୦୨୩କୁ ସ୍ୱାଗତ

ନୂଆ ଆଶା, ନୂଆ ସମ୍ଭାବନାକୁ ନେଇ ଆସିଛି ନୂଆବର୍ଷ। ଜିରୋନାଇଟ୍ ସେଲିବ୍ରେଶନ ଭିତରେ ୨୦୨୨କୁ ବିଦାୟ ଜଣାଇ ୨୦୨୩କୁ ସ୍ୱାଗତ କରିଛନ୍ତି ଓଡ଼ିଶାବାସୀ। ସାଙ୍ଗସାଥୀ, ପରିବାର ଓ ପ୍ରିୟଜନଙ୍କ ମେଳରେ ହସଖୁସିରେ, ଭୋଜିଭାତରେ, ନାଚଗୀତରେ ବିତିଥିଲା ଏହି ବିଦାୟ-ସ୍ୱାଗତର ଅଭୁଲା ସମୟ। ରାଜଧାନୀ ଭୁବନେଶ୍ୱର, ଶ୍ରୀକ୍ଷେତ୍ର ପୁରୀ, ରୌପ୍ୟନଗରୀ କଟକ ସମେତ ଗାଁଠୁ ସହର ସବୁଠି ଦେଖିବାକୁ ମିଳିଥିଲା ଉତ୍ସାହ, ଉତ୍କଣ୍ଠା, ଆଉ ଆନନ୍ଦର ପର୍ବ। ବେଳାଭୂମି, ମନ୍ଦିର, ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିବାବେଳେ ବିଭିନ୍ନ ହୋଟେଲ, କ୍ଲବ୍, ବାର୍, ରେସ୍ତୋଁରାରେ ଜିରୋନାଇଟ୍ ସେଲିବ୍ରେଶନରେ ହୋଇଥିଲା ସ୍ୱତନ୍ତ୍ର ଆୟୋଜନ। ଲେଜର ଲାଇଟ୍, ଡିଜେ ନାଇଟ୍ ସହ ସଙ୍ଗୀତ, ଭଳିକି ଭଳି ସୁଆଦିଆ ଖାଦ୍ୟର ମଜା ଉଠାଇଥିଲେ ଲୋକେ। ଏମିତି ଉତ୍ସାହ ଭିତରେ ଓଡ଼ିଶାବାସୀ ନୂଆ ବରଷର ନୂଆ ସକାଳକୁ ସ୍ୱାଗତ କରିସାରିଥିଲେ।




ନୂଆ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ କଟକ କ୍ଲବ ଏବଂ ଓସିଏ କ୍ଲବରେ ଜିରୋନାଇଟ୍ ସେଲିବ୍ରେଶନ ।



କଟକ କ୍ଲବ।



କଟକ ମିଶନ୍‌ରୋଡସ୍ଥିତ ୟୁନିୟନ୍ କ୍ଲବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।





କଟକ ଓସିଏ କ୍ଲବ।



ଭୁବନେଶ୍ୱରର ଏଚ୍‌ଏଚ୍‌ଆଇ ହୋଟେଲ।




ଭୁବନେଶ୍ୱରର ଶହୀଦନଗରସ୍ଥିତ ହୋଟେଲ ଏମ୍ପାୟାର୍ସରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ମସ୍‌ଗୁଲ ରାଜଧାନୀବାସୀ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଣୟ



@ ସେହେନ୍‌ସା



@ ଦେବବ୍ରତ



@ ପ୍ରଗତି



@ ଅମର

# ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ଶହୀଦ ମାଧୋ ସିଂ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମର ସାମଗ୍ରିକ ଇତିହାସରେ ଜମିଦାର ମାଧୋ ସିଂଙ୍କ ଦେଶପ୍ରେମ, ତ୍ୟାଗ ଓ ବଳିଦାନର ଦୃଷ୍ଟାନ୍ତ ଅନନ୍ୟ ତଥା ବିରଳ। ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଦ୍ୱିତୀୟ ଶହୀଦ। ୨୦ ଗ୍ରାମକୁ ନେଇ ଗଠିତ ସମ୍ବଲପୁର ନିକଟବର୍ତ୍ତୀ ଘେଁସ୍‌ର ଏହି ଜମିଦାର ପ୍ରଚଣ୍ଡ ସ୍ୱାଭିମାନୀ, ସ୍ୱାଧୀନଚେତା ଓ ପ୍ରଜାବତ୍ସଳ ଶାସକ ଭାବେ ସୁପରିଚିତ ଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ପଦାଙ୍କ ଅନୁସରଣ କରି ସେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଘର୍ଷ ଚଳାଇଥିଲେ। ମାତୃଭୂମିର ସ୍ୱାଧୀନତା ରକ୍ଷା ପାଇଁ ସେ ବିଦ୍ରୋହୀ ପାଲଟିଥିଲେ। ୧୮୫୬ ଡିସେମ୍ବରରେ ସଂଗୋଡ଼ା ଘାଟିରେ ଇଂରେଜ ବାହିନୀ ଓ ମାଧୋ ସିଂଙ୍କ ମଧ୍ୟରେ ସଂଘଟିତ ଯୁଦ୍ଧରେ ବିଦ୍ରୋହୀମାନେ କ୍ୟାପ୍‌ଟେନ୍ ଉଡ୍‌ବ୍ରିଜ୍‌ଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ୧୮୫୮ ଡିସେମ୍ବର ୩୧ରେ ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିଲା ବୋଲି ଅତିଥିମାନେ କହିଛନ୍ତି। ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ କୁଞ୍ଜଳ ସିଂହ କ୍ଲବ୍ ଘେଁସ ପକ୍ଷରୁ ସୂଚନା ଭବନଠାରେ ଶହୀଦ ମାଧୋ ସିଂଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ବୀରତା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମୁଖ୍ୟବକ୍ତା ବରଗଡ଼ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ଗଡ଼ତୀୟା ଏବଂ ସମ୍ମାନିତ ଅତିଥି ଭାବେ ଶହୀଦ କୁଞ୍ଜଳ ସିଂହ କ୍ଲବ୍ ଘେଁସ୍‌ର ସଭାପତି ଅଶୋକ କୁମାର ପୂଜାହାରୀ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶହୀଦ କୁଞ୍ଜଳ ସିଂହ କ୍ଲବ୍ ପକ୍ଷରୁ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ରସରକେଲି, ପଞ୍ଚରସି, ଢୁଟ୍‌କୁଢୁଟା ଆଦି ପରିବେଷିତ ହୋଇଥିଲା। ନିବେଦିତା ବେହେରା ସଂଯୋଜନା ଓ କ୍ଲବ୍‌ର ସହସମ୍ପାଦକ ସୁକୁମାର ଭୋଇ ଧନ୍ୟବାଦ ଦେଇଥିଲେ।


ରାଜ୍ୟସ୍ତରୀୟ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ରାଜ୍ୟସ୍ତରୀୟ ବୀରତା ଦିବସ

# କାଳୀୟ ଦଳନ, କଂସଙ୍କ ଆପାତ ବୈଠକ

## ବରଗଡ଼ ଧନୁଯାତ୍ରା

ମଥୁରାନଗରୀ/ଗୋପପୁର,୩୧।୧୨

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ। ଏହି ଦିବସରେ ଉଭୟ ମଥୁରା ଓ ଗୋପପୁର ଦୃଶ୍ୟାଭିନୟ ଗୁଡ଼ିକ ଚିତ୍ତାକର୍ଷକ ଥିଲା। ମଥୁରାନଗରୀରେ ମହାରାଜ କଂସ ନିଜର ମନ୍ତ୍ରୀ, ସେନାପତି, ସୈନ୍ୟ, ସାମନ୍ତଙ୍କ ଗହଣରେ ନଗର ଭ୍ରମଣ କରିଥିଲେ। ସେହିପରି ଗୋପପୁରରେ ଶ୍ରୀକୃଷ୍ଣଙ୍କ ଲୀଳାଖେଳ ଚମତ୍କାର ଥିଲା।

ଅପରାହ୍ନରେ କଂସ ମହାରାଜ ମଥୁରା ଭ୍ରମଣ ତଥା ଦିଗ୍‌ବିଜୟ ପାଇଁ ବ୍ରହ୍ମଚାରୀ ଅଭିମୁଖେ ବାହାରିଥିଲେ। ବାଟରେ ମଥୁରାଧିପତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦିଗ୍‌ବିଜୟ ସାରି କଂସ ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲ ମଞ୍ଚକୁ ଆସିଥିଲେ। ସେଠାରେ କଳାକାରମାନେ ନାଚଗୀତ ପରିବେଷଣ କରିଥିଲେ। ନାଚଗୀତରେ ମସଗୁଲ ହେବା ପରେ ମହାରାଜ କଂସ ହାଟପଦାସ୍ଥିତ ରାଜଦରବାରକୁ ଯାଇଥିଲେ ଏବଂ ଗୋପପୁର ପ୍ରେରିତ ରାକ୍ଷସୀ, ରାକ୍ଷସଙ୍କ ନିଧନ ନେଇ ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ କରିଥିଲେ।

ଅନ୍ୟପଟେ ଗୋପୀ, ଗୋପାଙ୍ଗନାମାନେ ଯମୁନା ପାରି ହୋଇ ମଥୁରାକୁ ଦହି ବିକିବାକୁ ଯାଇଥିଲେ। ଗୋପପୁରରେ ଶ୍ରୀକୃଷ୍ଣ ଓ ବଳରାମ ଗୋପାଳ ବାଳକ, ଗୋପବାସୀଙ୍କ ଗହଣରେ ନଗର ପରିକ୍ରମା କରିଥିଲେ। ପରେ ଶ୍ରୀକୃଷ୍ଣ, ବଳରାମ ଜିରା ନଦୀ କୂଳ ବେଣୁବାବା ମଠକୁ ଯାଇଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବେଣୁବାବାଙ୍କ ମଠ ସମ୍ମୁଖରେ ଦଧିଭାଣ୍ଡ ଭଙ୍ଗା, ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ ଆକଟ, ଯାମଳାର୍ଜ୍ଜୁନ ଭଞ୍ଜନ, ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ବଂଶୀ ପ୍ରଦାନ ପରେ କାଳିନ୍ଦୀ ହ୍ରଦରେ କାଳୀୟ ଦଳନ ଦୃଶ୍ୟାଭିନୟ ହୋଇଥିଲା।


ଗୋପପୁରରେ କାଳୀୟ ଦଳନ ଦୃଶ୍ୟାଭିନୟ।

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ପଦ୍ମପୁର ସେବା ସମବାୟ ସମିତିର ସମସ୍ତ ଚାଷୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ନମିତା ନାୟକ
ଉପସଭାପତି, ସେବା ସମବାୟ ସମିତି,ପଦ୍ମପୁର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ବାସୁଦେବପୁର ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ୨୦୨୩ ସମସ୍ତଙ୍କ ପାଇଁ ମଙ୍ଗଳ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ବିଷ୍ଣୁବ୍ରତ ରାଉତରାୟ
ବିଧାୟକ, ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ବାସୁଦେବପୁରର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ବାଦଲ କାଣ୍ଡି
ସରପଞ୍ଚ, ଜଗନ୍ନାଥ ପ୍ରସାଦ

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ବାସୁଦେବପୁରର ସମସ୍ତ ଚାଷୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ବନମାଳୀ ମହାକୁଡ଼
ସମ୍ପାଦକ,ଗଦି ସେବା ସମବାୟ ସମିତି,ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ଭଦ୍ରକ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ଚଳିତ ବର୍ଷ ଶିକ୍ଷାକ୍ଷେତ୍ରରେ ଭଦ୍ରକ ଉନ୍ନତି କରୁ ମୋର କାମନା।
ବାଦଲ କିଶୋର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,ଭଦ୍ରକ

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ଏଡତାଳ ସେବା ସମବାୟ ସମିତିର ସମସ୍ତ ଚାଷୀ ଓ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଭରତ କୁମାର ନାୟକ
ସଭାପତି, ଏଡତାଳ ସେବା ସମବାୟ ସମିତି,ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ଭଦ୍ରକ ସଂସଦୀୟ କ୍ଷେତ୍ରର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ଜଗନ୍ନାଥଙ୍କ କୃପାରୁ ନୂତନ ବର୍ଷ-୨୦୨୩ ମଙ୍ଗଳମୟ ହେଉ।
ମଞ୍ଜୁଲତା ମଣ୍ଡଳ
ଏମପି, ଭଦ୍ରକ

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ସାହାଡା ସେବା ସମବାୟ ସମିତିର ସମସ୍ତ ଚାଷୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ବନିତା ମୁଦୁଲି
ସଭାପତି, ସାହାଡ଼ା ସେବା ସମବାୟ ସମିତି

ଅଭିନନ୍ଦନ
ନୂତନ ବର୍ଷ-୨୦୨୩ ଉପଲକ୍ଷେ ବାରିପଦା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭକାମନା।
ଇନ୍ସପେକ୍ଟର ମଧୁମିତା ମହାନ୍ତି
ଥାନାଧିକାରୀ,ବାରିପଦା ସଦର ଥାନା,ମୟୂରଭଞ୍ଜ

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ୨୦୨୩ ସମସ୍ତଙ୍କ ପାଇଁ ଖୁସି ଆଣିଦେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଚିନ୍ତାମଣି ନାୟକ
ସରପଞ୍ଚ, ସୁଗୋ ଗ୍ରାମ ପଞ୍ଚାୟତ, ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ବାସୁଦେବପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭକାମନା।
ଭାଗୀରଥି ବଳ
ପୂର୍ବତନ ସରପଞ୍ଚ,ଜଗନ୍ନାଥପ୍ରସାଦ,ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ୨୦୨୩ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ମୁକ୍ତିକାନ୍ତ ମଣ୍ଡଳ
ପୂର୍ବତନ ବିଧାୟକ, ଧାମନଗର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ପଦ୍ମପୁର ଓ ବାସୁଦେବପୁରର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଅଶୋକ ନାୟକ
ସମାଜସେବୀ, ପଦ୍ମପୁର, ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ୨୦୨୩ ସମସ୍ତଙ୍କ ପାଇଁ ଖୁସି ଆଣିଦେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
କାଳନ୍ଦୀ ସାହୁ
ଛାତ୍ର ସଭାପତି,ବିଜେଡି,ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ଏଡତାଳ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭକାମନା।
ବିମଳ କିଶୋର ପଲେଇ
ସମିତିସଭ୍ୟ, ଏଡତାଳ,ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ଗୋରାମାଟି ପଞ୍ଚାୟତବାସୀଙ୍କୁ ଅଭିନନ୍ଦନ ଓ ଶୁଭକାମନା।
ଭାଗ୍ୟବତୀ ମହାକୁଡ଼
ସରପଞ୍ଚ, ଗୋରାମାଟି, ଭଦ୍ରକ

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ୨୦୨୩ ସମସ୍ତଙ୍କ ପାଇଁ ଖୁସି ଆଣିଦେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଅନିରୁଦ୍ଧ ନାୟକ
ସମ୍ପାଦକ,ପଦ୍ମପୁର,ସୁଗୋ,ଏଡତାଳ ସେବା ସମବାୟ ସମିତି, ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ଗୋରାମାଟି ପଞ୍ଚାୟତର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଗଣେଶ ପ୍ରସାଦ ମଲ୍ଲିକ
ପୂର୍ବତନ ସରପଞ୍ଚ,ଗୋରାମାଟି, ଭଦ୍ରକ

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
କୃଷ୍ଣଚନ୍ଦ୍ର ଘଡ଼େଇ
୨୧ ନଂ. ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି,ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ୨୦୨୩ ଉପଲକ୍ଷେ ବାହାନଗା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଅଭିନନ୍ଦନ ଓ ଶୁଭକାମନା।
ବିନୋଦ କୁମାର ମହାରଣା
ଅଧକ୍ଷ,ବାହାନଗା ମହାବିଦ୍ୟାଳୟ,ବାଲେଶ୍ୱର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ୨୦୨୩ ସମସ୍ତଙ୍କ ପାଇଁ ଖୁସି ଆଣିଦେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଅରୁଣ କୁମାର ମହାନ୍ତି
ସରପଞ୍ଚ, ରାଜଘରପୋଖରୀ ଗ୍ରାମପଞ୍ଚାୟତ, ବାସୁଦେବପୁର

ନୂତନ ବର୍ଷ ୨୦୨୩ ଉପଲକ୍ଷେ ବାସୁଦେବପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଜଗବନ୍ଧୁ ଖିଲାର
ବ୍ଲକ ଯୁବ ବିଜେଡି ସଭାପତି, ବାସୁଦେବପୁର

ଅଭିନନ୍ଦନ
ନୂତନ ବର୍ଷ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଇନ୍ସପେକ୍ଟର ମନୋରମା ବାରିକ
ବାଲେଶ୍ୱର ଜିଲ୍ଲା କାର୍ଯ୍ୟାଳୟ

ନୂତନ ବର୍ଷ ୨୦୨୩
ବାସୁଦେବପୁର ଜନସାଧାରଣଙ୍କ ପାଇଁ ଶୁଭ ଓ ମଙ୍ଗଳମୟ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ମାନସ ରଞ୍ଜନ ସାହୁ
ନଗର ସଭାପତି, ବିଜେଡି, ବାସୁଦେବପୁର

## ନୂଆ ବର୍ଷରେ ସମସ୍ତ ବଡ଼ ପ୍ରକଳ୍ପ କାମ ଶେଷ ହେବ



୨୦୨୩ ଓଡ଼ିଶା କ୍ରୀଡ଼ା ପାଇଁ ଏକ ଗୌରବର ବର୍ଷ ହେବ। ହକି ବିଶ୍ୱକପ୍ ଭଳି ଏକ ବଡ଼ ଇଭେଣ୍ଟ ଆୟୋଜନ କରି ଓଡ଼ିଶା ଇତିହାସ ସୃଷ୍ଟି କରିବ। ରାଜ୍ୟ ସରକାରଙ୍କ ଦ୍ୱାରା ଗତ ୩ ବର୍ଷ ଧରି ଚାଲିଥିବା ସମସ୍ତ ମେଗା ପ୍ରକଳ୍ପ କାର୍ଯ୍ୟ ୨୦୨୩ରେ ଶେଷ ହେବ। ନୂତନ ବର୍ଷରେ ରାଜ୍ୟର ୧୦ ଲକ୍ଷ ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ, ପାନୀୟ ଜଳ ପାଇଁ ଚାଲିଥିବା ବଡ଼ ପ୍ରୋଜେକ୍ଟ କାମ ଶେଷ ହେବ। ରାଉରକେଲାକୁ ବ୍ୟବସାୟିକ ବିମାନ ଉଡ଼ାଣ ଆରମ୍ଭ ହେବ। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୨୦୨୩ରେ ସରିବ। ସମସ୍ତ ସହରାଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଶେଷ ହେବ। ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

**- ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ**

**୨୦୨୩ ବର୍ଷ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡ଼ା, ମନୋରଞ୍ଜନ ଆଦି କ୍ଷେତ୍ର ପାଇଁ ନୂଆ ଆଶା, ଉତ୍ସାହ ଓ ସମ୍ଭାବନା ଆଣିଦେବ ବୋଲି ସମସ୍ତେ ଆଶାବାଦୀ।**

## କୃଷି, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଶିକ୍ଷା, ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ



ଗତ କିଛିବର୍ଷ ଧରି ରାଜ୍ୟର ବହୁ ଅଭିବୃଦ୍ଧି ଘଟିଛି। ନୂତନ ବର୍ଷରେ ରାଜ୍ୟକୁ ଭଲ ରାଜସ୍ୱ ମିଳିବା ସହ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ହେବ। ରାଜ୍ୟର ସାମଗ୍ରିକ ଘରୋଇ ଅଭିବୃଦ୍ଧି (ଜିଏସ୍‌ଡିପି) ସନ୍ତୋଷଜନକ ହେବ। ବିଭିନ୍ନ କ୍ଷେତ୍ରରେ ରାଜ୍ୟ ରୂପାନ୍ତରଣର ଫଳ ଦେଖିବାକୁ ମିଳିବ। ବିଏସ୍‌କେୱାଇ ଭବିଷ୍ୟତରେ ଏହା ସ୍ୱାସ୍ଥ୍ୟ ଓ ପୁଷ୍ଟି କ୍ଷେତ୍ରରେ ଅନୁକୂଳ ଫଳାଫଳ ପ୍ରଦାନ କରିବ। ପିଲାମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷା ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ଭଳି ବିପତ୍ତିରୁ ରକ୍ଷା କରନ୍ତୁ। ନୂତନ ବର୍ଷ ରାଜ୍ୟ ଓ ଆମ ସମସ୍ତଙ୍କ ପାଇଁ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ।

**- ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର**

## ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ



ନବବର୍ଷ ୨୦୨୩ ସମସ୍ତଙ୍କ ପାଇଁ ସଫଳତା ଓ ସମୃଦ୍ଧିର ବର୍ଷ ହେଉ। ଗ୍ରାମାଞ୍ଚଳ ରାସ୍ତାର ଆଲୋକୀକରଣଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ସେବା ପ୍ରଦାନ କରିବା, ଆର୍ଥିକ ସ୍ତରରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ କୋଚିଂ ଆଦି ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବ। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ନିରନ୍ତର ଶକ୍ତି ଉତ୍ପାଦନ କରି ଓଡ଼ିଶାର ଶକ୍ତି ଚାହିଦା ପୂରଣ କରିବା ଦିଗରେ କାର୍ଯ୍ୟ କରିବ।

**- ବିଷ୍ଣୁପଦ ସେଠୀ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ**

## ନୂଆ ଆଶା, ସଫଳତା

ନବବର୍ଷ ୨୦୨୩ରେ ସମସ୍ତଙ୍କୁ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ଏହି ନବବର୍ଷ ସମସ୍ତଙ୍କ ପାଇଁ ନୂଆ ଆଶା, ଆକାଂକ୍ଷା ଓ ସଫଳତା ଆଣିଦେଉ। ବିତିଯାଇଥିବା ସମୟର ଅନୁଭବକୁ ପାଥେୟକରି ପରିଶ୍ରମ ଦ୍ୱାରା ନୂତନ ବର୍ଷକୁ ସୁଖ ଓ ସମୃଦ୍ଧିରେ ପରିଣତ କରିବାକୁ ଉଦ୍ୟମ କରାଯିବ।

**- ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

## ସଂସ୍କୃତି ବିଭାଗର ସମ୍ପୂର୍ଣ୍ଣ ପୁନଃବିନ୍ୟାସ କରାଯିବ



ଦୁଇବର୍ଷ ଧରି କରୋନାରେ ପୀଡ଼ିତ ସଂସ୍କୃତି ବିଭାଗ ୨୦୨୨ରେ ପୁଣି ମୁଣ୍ଡ ଟେକି ଉଠିଥିଲା। କଳାକାରଙ୍କ ପେଟପାଟଣା ପାଇଁ କାର୍ଯ୍ୟକ୍ରମ ସବୁ ପ୍ରସ୍ତୁତ କରାଯାଇଥିଲା। ୨୦୨୩ରେ ବିଭାଗର ସମ୍ପୂର୍ଣ୍ଣ ପୁନଃବିନ୍ୟାସ କରାଯିବାର ସଙ୍କଳ୍ପ ରହିଛି। ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ପାଠାଗାର ଓ ପ୍ରତ୍ନତତ୍ତ୍ୱ ଶାଖାର ନୂତନ ନିର୍ଦ୍ଦେଶାଳୟ ଗଠନ କରାଯିବ। ରାଜ୍ୟ ସଂଗ୍ରହାଳୟ ଓ ରାଜ୍ୟ ପାଠାଗାରର ଉନ୍ନତିକରଣ କରି ତାକୁ ବିଶ୍ୱସ୍ତରୀୟ କରାଯିବ। ବିଭାଗର ସମସ୍ତ ଖାଲି ପଦବୀ ପୂରଣ କରିବାକୁ ଅଧିକ କାର୍ଯ୍ୟକ୍ଷମ କରାଯିବ। ନୂଆବର୍ଷ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ଏବଂ ସମସ୍ତେ ସୁସ୍ଥ ଓ ନିରାପଦ ଜୀବନଯାପନ କରନ୍ତୁ।

**- ରଞ୍ଜନ କୁମାର ଦାସ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**









































































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁୟାରୀ ୧/୨୦୨୩ Bhubaneswar, Sunday, January 1/ 2023

## ସଂକ୍ଷେପରେ

### ବିହାର ମଦମୃତ୍ୟୁ ମାଷ୍ଟରମାଇଣ୍ଡ ଗିରଫ

**ନୂଆଦିଲ୍ଲୀ,୩୧।୧୨(ପି.ଟି.):** ବିହାର ମଦମୃତ୍ୟୁ ପାଇଁ ଦାୟୀ ମୁଖ୍ୟ ଅଭିଯୁକ୍ତ ରାମବାବୁ ମାହତୋଙ୍କୁ ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚ୍ ନୂଆଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଗିରଫ କରିଛି। ତାଙ୍କ ଘର ବିହାରର ସରନ ଜିଲାରେ। ଚଳିତ ମାସ ଆରମ୍ଭରେ ଉକ୍ତ ଜିଲାରେ ବିଷାକ୍ତ ମଦ ପିଇ ଅନ୍ୟୁନ ୮୦


ରାମବାବୁ ମାହତୋ

ଜଣଙ୍କର ଜୀବନ ଯାଇଥିଲା। ମଦ ନିଷେଧ ଥିବା ବିହାରକୁ ବେଆଇନ ମଦ ଯୋଗାଣ ଓ ଅନ୍ୟାନ୍ୟ ମାମଲାର ତଦନ୍ତ ଜାରି ରହିଥିବା ବେଳେ ମାହତୋ ଦିଲ୍ଲୀର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆତ୍ମଗୋପନ କରିଥିବା ପୋଲିସକୁ ସୂଚନା ମିଳିଥିଲା।

### ବସ୍-ଏସ୍‌ୟୁଭି ଧକ୍କା: ୯ ମୃତ

**ଗାନ୍ଧୀନଗର,୩୧।୧୨:** ଗୁଜରାଟର ନଭସାରି ଜିଲାରେ ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଅହମଦାବାଦ-ମୁମ୍ବାଇ ଜାତୀୟ ରାଜପଥରେ ଏକ ବସ୍ ଏବଂ ଏସ୍‌ୟୁଭି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଏସ୍‌ୟୁଭିର ୮ ଜଣ ଯାତ୍ରୀ ଏବଂ ଲକ୍‌ଜୁରି ବସ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା ବୋଲି ନଭସାରି ଏସ୍‌ପି ଋଷିକେଶ ଉପାଧ୍ୟାୟ କହିଛନ୍ତି। ଏସ୍‌ୟୁଭି ଯାତ୍ରୀମାନଙ୍କ ଘର ଅଙ୍କଲେଶ୍ୱର। ସେମାନେ ଭାଲସାଦ୍‌ରୁ କାମ ସାରି ଘରକୁ ଫେରୁଥିଲେ। ଦୁର୍ଘଟଣା ମୃତକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ଆଲୋକ ଶର୍ମାଙ୍କୁ ନାଇଟ୍‌ହୁଡ୍ ଉପାଧି ଦେବେ କିଙ୍ଗ୍ ଚାର୍ଲ୍ସ

**ଲଣ୍ଡନ,୩୧।୧୨(ପି.ଟି.):** ବ୍ରିଟେନ ରାଜା ଚାର୍ଲ୍ସ ତୃତୀୟଙ୍କ ପ୍ରଥମ ନୂଆବର୍ଷ ସମ୍ମାନ ତାଲିକା ଶନିବାର ପ୍ରକାଶ ପାଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ କପ୍‌୨୬ରେ ନେତୃତ୍ୱ ଲାଗି ଭାରତୀୟ ବଂଶୋଦ୍ଭବ ବ୍ରିଟେନର ପୂର୍ବତନ ମନ୍ତ୍ରୀ ଆଲୋକ ଶର୍ମାଙ୍କୁ ନାଇଟ୍‌ହୁଡ୍‌ରେ ସମ୍ମାନିତ କରାଯାଇଛି। ଆଗ୍ରାରେ ଜନ୍ମିତ ଆଲୋକ


ଆଲୋକ ଶର୍ମା

ଗତ ଅକ୍ଟୋବର ପର୍ଯ୍ୟନ୍ତ ବ୍ରିଟେନରେ ମନ୍ତ୍ରୀ ଥିଲେ। ବ୍ରିଟେନ ରାଜାଙ୍କ ନାମରେ ସମ୍ମାନ ତାଲିକାରେ ତାଙ୍କୁ ମିଶାଇ ୩୦ରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବ ପ୍ରଚାରକ, ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ଡାକ୍ତର ଓ ପରୋପକାରୀ ରହିଛନ୍ତି।



ନବବର୍ଷ ୨୦୨୩କୁ ଅଷ୍ଟ୍ରେଲିଆବାସୀ ସ୍ୱାଗତ କରିଛନ୍ତି। ଏହି ଅବସରରେ ସିଡ୍‌ନୀ ଅପେରା ହାଉସ୍ ଏବଂ ହାର୍ବର ବ୍ରିଜ୍ ଆଲୋକମାଳାରେ ଝଲସି ଉଠିଛି। ୨ ବର୍ଷର କୋଭିଡ୍ କଟକଣା ହଟିବା ପରେ ସିଡ୍‌ନୀ ସହରରେ ଏହା ହେଉଛି ପ୍ରଥମ ନବବର୍ଷ ସେଲିବ୍ରେଶନ୍, ଯେଉଁଥିରେ ଲକ୍ଷାଧିକ ଲୋକ ସାମିଲ ହୋଇଛନ୍ତି।

# ଚାଇନାକୁ କୋଭିଡ୍ ତଥ୍ୟ ମାଗିଲା ଡବ୍ଲ୍ୟୁଏଚ୍‌ଓ

## ଜାନୁୟାରୀରେ ପ୍ରଥମ ପିକ୍

ବେଜିଂ,୩୧।୧୨

ଚାଇନା ଏହାର କଠୋର 'ଜିରୋ କୋଭିଡ୍' କଟକଣା ହଟାଇବା ପରେ ସେଠାରେ ମହାମାରୀ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଛି। ଚାଇନାରେ କୋଭିଡ୍-୧୯ ସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥା ରିଅଲ ଟାଇମ୍ ତଥ୍ୟ ନିୟମିତ ଶେୟାର କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବେଜିଂକୁ ନିର୍ଦ୍ଦେଶ ଦେଇଛି। ଜେନେଟିକ୍ ସିକ୍ୱେନ୍ସିଂ, ହସ୍ପିଟାଲରେ ଭର୍ତ୍ତି ହେଉଥିବା ରୋଗୀ, ମୃତ୍ୟୁସଂଖ୍ୟା ଏବଂ ଟିକାକରଣ ସମ୍ପର୍କରେ ଡବ୍ଲ୍ୟୁଏଚ୍‌ଓ ଚାଇନା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ସବିଶେଷ ତଥ୍ୟ ମାଗିଛି। କୋଭିଡ୍ ମାମଲା ଅତ୍ୟଧିକ ବୃଦ୍ଧିକୁ ନେଇ ଡବ୍ଲ୍ୟୁଏଚ୍‌ଓ ଏବଂ ଚାଇନା ଅଧିକାରୀଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ସ୍ଥିତି ନିୟନ୍ତ୍ରଣ ଲାଗି ଡବ୍ଲ୍ୟୁଏଚ୍‌ଓ ସହାୟତା ପ୍ରସ୍ତାବ ଦେଇଥିଲା। ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ କୋଭିଡ୍ ବିପଜ୍ଜନକ ହୋଇଥିବାରୁ ଟିକା ଏବଂ ବୁଷ୍ଟର ଡୋଜ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଡବ୍ଲ୍ୟୁଏଚ୍‌ଓ ଦୋହରାଇଛି। କୋଭିଡ୍ ନିୟନ୍ତ୍ରଣ ପାଇଁ ବେଜିଂ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନ, ଜାତୀୟ ରୋଗ ନିୟନ୍ତ୍ରଣ ଓ ପ୍ରତିକାର ପ୍ରଶାସନ ଡବ୍ଲ୍ୟୁଏଚ୍‌ଓକୁ ଅବଗତ କରାଇଥିଲେ।



ଚାଇନାରେ କୋଭିଡ୍ ସଂକ୍ରମଣ ଜାନୁୟାରୀ ୧୩ରେ ପ୍ରଥମ ଶୀର୍ଷ ଛୁଇଁବାକୁ ଯାଉଛି। ସେତେବେଳକୁ ଦେଶରେ ଦୈନିକ ସଂକ୍ରମଣ ୩୭ ଲକ୍ଷରେ ପହଞ୍ଚିବ। ଏହାର ୧୦ ଦିନ ପରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ଦିନକୁ ୨୫,୦୦୦ ହେବ ବୋଲି ବ୍ରିଟେନ୍‌ର ଏକ ଗବେଷଣା ସଂସ୍ଥା ଏୟାରଫିନିଟି ପକ୍ଷରୁ ଆକଳନ କରାଯାଇଛି। ଜାନୁୟାରୀ ମାସରେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୮୪,୦୦୦ ହେବାକୁ ଥିବାବେଳେ ଏପ୍ରିଲ ଶେଷ ସୁଦ୍ଧା ଏହା ୧୭ ଲକ୍ଷରେ ପହଞ୍ଚିବ ବୋଲି କୁହାଯାଇଛି। ଚାଇନାର ବିଭିନ୍ନ ପ୍ରଦେଶରୁ ତଥ୍ୟ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ଏବେ ଯେଉଁସବୁ ଅଞ୍ଚଳରେ ସଂକ୍ରମଣ ବଢ଼ୁଛି ସେଠାରେ ପ୍ରଥମ ପିକ୍ ଆସନ୍ତା ୧୩ ତାରିଖ ବେଳକୁ ଆସିଯିବ ବୋଲି ଆଞ୍ଚଳିକ ତଥ୍ୟ ଧାରାକୁ ବ୍ୟବହାର କରି ସଂକ୍ରାମକ ରୋଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଅନ୍ୟ ଅଞ୍ଚଳର ସଂକ୍ରମଣ ବୃଦ୍ଧି ଅନୁଯାୟୀ ଦ୍ୱିତୀୟ ପିକ୍ ଦେଖାଦେବ। ବେଜିଂରେ ସଂକ୍ରମଣ ଶୀର୍ଷରେ ପହଞ୍ଚି ସାରିଥିବାବେଳେ ସପ୍ତାହେ ଦୁଇ ସପ୍ତାହ ମଧ୍ୟରେ ସେଠାରେ ମୃତ୍ୟୁସଂଖ୍ୟା ଶୀର୍ଷ ଛୁଇଁବା ଆକଳନ କରାଯାଇଛି। ଦ୍ୱିତୀୟ ପିକ୍ ମାର୍ଚ୍ଚ ୩ ବେଳକୁ ଆସିବାକୁ ଥିବାବେଳେ ସେତେବେଳକୁ ଦୈନିକ ସଂକ୍ରମଣ ୪୨ ଲକ୍ଷ ହେବ ବୋଲି କୁହାଯାଇଛି। ପରବର୍ତ୍ତୀ ସମୟରେ ଗ୍ରାମାଞ୍ଚଳରେ ସର୍ବାଧିକ ସଂକ୍ରମଣ ହେବା ଆଶଙ୍କା କରାଯାଉଛି। କୋଭିଡ୍ ସଂକ୍ରମଣ ବଢ଼ିବା ସହ ଚାଇନାର ହସ୍ପିଟାଲଗୁଡ଼ିକରେ ରୋଗୀ ଭର୍ତ୍ତି ହୋଇଛନ୍ତି। ଦେଶର ଆର୍ଥିକ କାରବାର ଗୁରୁତର ପ୍ରଭାବିତ ହୋଇଛି।

# ଟୁଇଟରରେ ଭାରତର ଭୁଲ୍ ମାନଚିତ୍ର

## ପ୍ରତିବାଦ ପରେ ହଟାଇଲା

ନୂଆଦିଲ୍ଲୀ,୩୧।୧୨

ଟୁଇଟର ହ୍ୟାଣ୍ଡଲରେ ଭାରତର ଭୁଲ୍ ମାନଚିତ୍ର ପ୍ରକାଶ ପାଇଥିଲା। କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଶନିବାର ଏନେଇ ଉକ୍ତ ମେସେଜିଂ ପ୍ଲାଟ୍‌ଫର୍ମକୁ ଚେତାବନୀ ଦେବା ପରେ ଉକ୍ତ ଫଟୋକୁ ହଟାଇ ଦିଆଯାଇଛି। ଟୁଇଟର ଭୁଲ୍ ମ୍ୟାପ୍ ପୋଷ୍ଟ କରିଥିବାରୁ ଏଥିପାଇଁ କ୍ଷମା ମାଗିଛି। ଟୁଇଟରରେ ପୋଷ୍ଟ ହୋଇଥିବା ଭାରତ ମାନଚିତ୍ରରେ ପାକ୍ ଅଧିକୃତକୁ ବାଦ୍ ଦିଆଯିବା ସହ କେତେକ ଭାରତୀୟ ଅଞ୍ଚଳକୁ ଚାଇନାରେ ଥିବା ଦର୍ଶାଯାଇଥିଲା। ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଚେତାବନୀରେ କୁହାଯାଇଥିଲା, ଯଦି ଭାରତରେ ରହି ବ୍ୟବସାୟ କରିବାକୁ ଚାହାନ୍ତି, ତେବେ ସମସ୍ତ ପ୍ଲାଟ୍‌ଫର୍ମ ଠିକ୍ ମ୍ୟାପ୍ ବ୍ୟବହାର କରନ୍ତୁ। ଆଇଟି ମନ୍ତ୍ରୀ ତାଙ୍କ ଚେତାବନୀରେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମର ମୂଳ କମ୍ପାନୀ ମେଟାକୁ ଯୋଡ଼ିଥିଲେ। ଉକ୍ତ ମ୍ୟାପ୍‌କୁ ହ୍ୱାଟ୍ସଆପ୍ ସଙ୍ଗେ ସଙ୍ଗେ ଡିଲିଟ୍ କରିବା ସହ ଭୁଲ୍ ଦର୍ଶାଇଥିବାରୁ ଆଇଟି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି ଓ କ୍ଷମା ମାଗିଛି। ଭବିଷ୍ୟତରେ ହ୍ୱାଟ୍ସଆପ୍ ଏଥିପ୍ରତି ସତର୍କ ରହିବ ବୋଲି କହିଛି।

# ବର୍ଷକରେ କଶ୍ମୀରରେ ୧୮୬ ଆତଙ୍କବାଦୀ ନିହତ, ୧୫୯ ଗିରଫ

## ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୫୬ ପାକିସ୍ତାନୀ

ଜମ୍ମୁ,୩୧।୧୨

ଜମ୍ମୁ-କଶ୍ମୀରରେ ବିଦାୟୀ ବର୍ଷ ୨୦୨୨ରେ ମୋଟ ୧୮୬ ଆତଙ୍କବାଦୀ ନିହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୬ ଜଣ ପାକିସ୍ତାନୀ। ଏହା ବ୍ୟତୀତ ବର୍ଷକ ମଧ୍ୟରେ ୧୫୯ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସୁରକ୍ଷା ବଳ ପାଇଁ ୨୦୨୨ ସବୁଠୁ ସଫଳ ବର୍ଷ ଥିଲା ବୋଲି ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ ଶନିବାର କହିଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳକୁ ଆତଙ୍କବାଦ ଶୂନ୍ୟ କରିବା ଦିଗରେ ପୋଲିସ ଓ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥା ଠିକ୍ ଦିଗରେ ଅଗ୍ରସର ହୋଇଛି ବୋଲି ବର୍ଷଶେଷ ଖବରଦାତା ସମ୍ମିଳନୀରେ ଦିଲ୍‌ବାଗ କହିଛନ୍ତି। ବିଦାୟୀ ବର୍ଷରେ ୧୪୬ଟି ପାକିସ୍ତାନୀ ଟେରୋର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ କରାଯାଇଛି। ପ୍ରତି ମଡ୍ୟୁଲ୍‌ରେ ୪ରୁ ୫ ଜଣ ସଦସ୍ୟ ଥିଲେ ଏବଂ ସେମାନଙ୍କୁ ନିର୍ଦ୍ଦିଷ୍ଟ ତଥା ଟାର୍ଗେଟ କିଲିଂ କରିବା ଏବଂ ଗ୍ରେନେଡ୍, ଆଇଇଡିରେ ଆକ୍ରମଣ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ୨୦୨୨ରେ ଜମ୍ମୁ-କଶ୍ମୀରର ୧୦୦ ଜଣ ଯୁବକ ଆତଙ୍କବାଦରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିହତ ହୋଇଛନ୍ତି। ସକ୍ରିୟ ଆତଙ୍କବାଦୀଙ୍କ ସଂଖ୍ୟା ହ୍ରାସ କରିବା ଦିଗରେ ସୁରକ୍ଷା ବଳ କାର୍ଯ୍ୟ କରୁଛି।

# ଆସାମ: ମୂଳ ଜିଲାରେ ମିଶିଲା ୪ ଜିଲା

ଗୁଆହାଟୀ,୩୧।୧୨

ଆସାମ ସରକାର ଶନିବାର ୪ଟି ଜିଲା ବିଶ୍ୱନାଥ, ହୋଜାଇ, ବାଜଲି ଏବଂ ତାମୁଲପୁରକୁ ମୂଳ ଜିଲା ସହ ସାମିଲ କରିଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟ ଅତୀତରେ ମୂଳ ଜିଲାଠାରୁ ଅଲଗା ହୋଇ ଏହି ୪ ଜିଲା ଗଠିତ ହୋଇଥିଲା। ଆସାମରେ ଜାନୁୟାରୀ ୧ରୁ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ ହେଉଛି। ପ୍ରଶାସନିକ କ୍ଷେତ୍ରରେ ଅଦଳବଦଳ ଉପରେ ନିର୍ବାଚନ କମିଶନ ନିଷେଧାଦେଶ ଲଗାଇବା ପୂର୍ବରୁ ରାଜ୍ୟ କ୍ୟାବିନେଟ ଉପରୋକ୍ତ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଶନିବାର ଜିଲା ମିଶ୍ରଣ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଆସାମରେ ୩୫ ଜିଲା ରହିଥିଲା। ସୋନିତପୁର ଜିଲାରୁ ଅଲଗା ହୋଇ ବିଶ୍ୱନାଥ ଗଠନ ହୋଇଥିବାବେଳେ ନାଗାଁଇରୁ ହୋଜାଇ, ବରପେଟାରୁ ବାଜଲି ଏବଂ ବକ୍ସା ଜିଲାରୁ ତାମୁଲପୁର ଗଠନ ହୋଇଥିଲା। ତାହା ସ୍ଥାୟୀ ନୁହେଁ। ନିର୍ଦ୍ଦିଷ୍ଟ ପ୍ରଶାସନିକ ଉଦ୍ଦେଶ୍ୟ ଏବଂ ଆସାମ ତଥା ସମାଜର ହିତ ଦୃଷ୍ଟିରୁ ୪ ଜିଲାକୁ ସେମାନଙ୍କ ମୂଳ ଜିଲା ସହ ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଗଲା। ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀ ଏଥିରେ ଖୁସି ନ ଥିଲେ ମଧ୍ୟ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିଷ୍ପତ୍ତି ନେବାକୁ ପଡ଼ିଲା ବୋଲି କହିଛନ୍ତି। ତେବେ ପୋଲିସ ଜିଲା ଏବଂ ବିଚାର ବ୍ୟବସ୍ଥା ପୂର୍ବଭଳି ରହିବ।

# ଭାଜପା ବିରୋଧରେ ଅଦୃଶ୍ୟ ସ୍ରୋତ ବହୁଛି: ରାହୁଲ

ନୂଆଦିଲ୍ଲୀ,୩୧।୧୨

ଦେଶରେ ଭାଜପା ବିରୋଧରେ ଏକ ବଡ଼ ଧରଣର ଅଦୃଶ୍ୟ ସ୍ରୋତ ପ୍ରବାହିତ ହେଉଛି। ତେଣୁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଦେଶବାସୀଙ୍କ ଆଗରେ ବିକଳ୍ପ ଉପସ୍ଥାପନ କରିବା ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଆହ୍ୱାନ ଦେଇଛନ୍ତି। ଲୋକଙ୍କ ପାଇଁ କାମ କରିବା ଓ ଚିନ୍ତା କରିବା ଲାଗି ଭାରତ ଯୋଡ଼ୋ ଯାତ୍ରା ଏକ ନୂଆ ମାର୍ଗ ଦେଖାଇଛି। ଭାଜପାକୁ ଟକ୍କର ଦେବାକୁ ହେଲେ କଂଗ୍ରେସ ଏବଂ ଅନ୍ୟ ନେତାମାନଙ୍କ ମଧ୍ୟରେ ଆପୋସ ସମ୍ମାନ ରହିବା ଆବଶ୍ୟକ। ଏହି ଦୃଷ୍ଟିଭଙ୍ଗୀ ନେଇ ବିରୋଧୀ ଏକାଠି ହେଲେ ଭାଜପା ପକ୍ଷେ ନିର୍ବାଚନ ଜିତିବା କଷ୍ଟକର ହୋଇପଡ଼ିବ। ସେଥିପାଇଁ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହିବା ସହ ଜନସାଧାରଣଙ୍କ ପାଖରେ ବିକଳ୍ପ ଦୃଷ୍ଟିଭଙ୍ଗୀ ପହଞ୍ଚାଇବା ଆବଶ୍ୟକ ବୋଲି ରାହୁଲ କହିଛନ୍ତି।



ଭାଜପାକୁ କଂଗ୍ରେସ ନେତା ସମାଲୋଚନା କରିବା ସହ ଏହି ଦଳକୁ ସେ ଗୁରୁ ବିବେଚନା କରନ୍ତି ବୋଲି କହିଛନ୍ତି। କ'ଣ ନ କରିବାକୁ ହେବ ତାହା ଗୈରିକ ଦଳ ସ୍ମରଣ କରାଇ ଦେଇଥାଏ। ଏହି ଦଳ ଯେତେ ସମାଲୋଚନା କରେ, କଂଗ୍ରେସ ପାଇଁ ନିଜ ନୀତି ଆଦର୍ଶ ବୁଝିବା ସେତେ ସହଜ ହୋଇଥାଏ ବୋଲି ରାହୁଲ କହିଛନ୍ତି। ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ଆଉ କୌଶଳଗତ ରାଜନୈତିକ ଲଢ଼େଇ ହୋଇ ରହିନାହିଁ। ବିରୋଧୀ ଏକ କେନ୍ଦ୍ରୀୟ ଆଦର୍ଶଗତ ଢାଞ୍ଚା ଆବଶ୍ୟକ କରେ, ଯାହା କଂଗ୍ରେସ ଦେଇପାରିବ। ତେବେ ବିରୋଧୀ ଦଳଗୁଡ଼ିକ ଯେପରି ଆରାମ ଅନୁଭବ କରନ୍ତି, ତାହା ଆମକୁ ନିଶ୍ଚିତ କରିବାକୁ ହେବ ବୋଲି କଂଗ୍ରେସ ନେତା କହିଛନ୍ତି। ରାହୁଲଙ୍କ ନେତୃତ୍ୱରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ସଫଳ ହୋଇଛି। ଏହି ପଦଯାତ୍ରାର ସ୍ୱର ଓ ଅନୁଭବକୁ ଆମେ ଅନୁଭବ କରିପାରିଛୁ ବୋଲି ରାହୁଲ କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

୨୦୨୩

ଭୁବନେଶ୍ୱର, ରବିବାର, ଜାନୁୟାରୀ ୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Sunday, January 1/2023 Page 20 | ପୃଷ୍ଠା-୧


# ମାର୍ଚ୍ଚ ୧ରୁ ଯୁକ୍ତ୨ ପରୀକ୍ଷା

## ■ ଫେବୃୟାରୀ ୧ରୁ ୧୦ ପ୍ରାକ୍ଟିକାଲ ■ ପରୀକ୍ଷା ଦେବେ ୩,୫୬,୪୪୯ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଏ ନେଇ ଶନିବାର ସିଏଚ୍ଏସ୍ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାର୍ଚ୍ଚ ୧ରୁ ଯୁକ୍ତ୨ ବିଜ୍ଞାନ ପରୀକ୍ଷା, ୨ତାରିଖରୁ କଳା ଓ ବାଣିଜ୍ୟ ଏବଂ ୩ ତାରିଖରୁ ଧନ୍ଦାମୂଳକ ଶିକ୍ଷା ବିଷୟରେ ପରୀକ୍ଷା ହେବ। ଏପ୍ରିଲ ୫ରେ ପରୀକ୍ଷା ଶେଷ ହେବ। ଉକ୍ତଦିନ କଳା ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ରହିଛି। ସମସ୍ତ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଅଧିକାଂଶ ପରୀକ୍ଷା ଅପରାହ୍ନ ୧ଟାରେ ଶେଷ ହେବାକୁ ଥିବାବେଳେ ଆଉକିଛି ବିଷୟରେ ପରୀକ୍ଷା ୧୧ଟା ୩୦, ୧୨ଟା, ୧୨ଟା ୩୦, ୧ଟା ୨୦ରେ ସରିବ। ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ଓ ୧୫ ମିନିଟ୍ ପୂର୍ବରୁ ପରୀକ୍ଷା ହଲ୍‌ରେ ବସିବାକୁ କୁହାଯାଇଛି। ସେହିପରି ପରୀକ୍ଷା ଆରମ୍ଭ ସମୟର ୧୫ ମିନିଟ୍ ପୂର୍ବରୁ ଉତ୍ତର ଖାତା ଓ ୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଦିଆଯିବ। ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପଢ଼ିବା ପାଇଁ ୫ ମିନିଟ୍ ଦିଆଯିବ। ୧୦ଟାରେ ଉତ୍ତର ଲେଖିବା ଆରମ୍ଭ କରିବେ। ତେବେ ମାର୍ଚ୍ଚରୁ ଥିଓରି ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଫେବୃୟାରୀ ୧ରୁ ଆରମ୍ଭ ହୋଇ ୧୦ ତାରିଖ ମଧ୍ୟରେ ଶେଷ ହେବ। ପରୀକ୍ଷା ସମୟରେ ଛାତ୍ରୀଛାତ୍ର, ଶିକ୍ଷକ କୋଭିଡ୍ ଗାଇଡ୍‌ଲାଇନ୍‌କୁ ବାଧ୍ୟତାମୂଳକ ଭାବେ ପାଳନ କରିବେ। ଜାନୁୟାରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ର ଚୂଡ଼ାନ୍ତ ହେବ। ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକ ସିସିଟିଭି ସର୍ଭିଲାନ୍ସରେ ରହିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ମୋଟ ୩,୫୬,୪୪୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରେ ୩,୩୮,୭୪୭ଜଣ ରେଗୁଲାର ଏବଂ ୧୭,୭୦୨ଜଣ ଏକ୍ସରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୨,୧୯,୧୧୦ ଜଣ ଥିବାବେଳେ ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୧୧୦ଜଣ ରହିଥିବା ସିଏଚ୍ଏସ୍ଇ ପକ୍ଷରୁ ସୂଚନା ଦିଆଯାଇଛି।



୨୦୨୨ର ଶେଷ ସୂର୍ଯ୍ୟାସ୍ତ: ପୁରୀ ବେଳାଭୂମିରେ ଅସ୍ତଗାମୀ ସୂର୍ଯ୍ୟର ଦୃଶ୍ୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ୨୦୦ ବିଲିୟନ୍ ଡଲାର କ୍ଷତି ସହିଥିବା ବିଶ୍ୱର ପ୍ରଥମ ବ୍ୟକ୍ତି ମସ୍କ

**ୱାଶିଂଟନ୍, ୩୧।୧୨:** ମାଇକ୍ରୋ-ବ୍ଲଗିଂ ସାଇଟ୍ ଟୁଇଟର ସିଇଓ ଏଲନ ମସ୍କ ନିଜ ନାଁରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ବ୍ଲୁମ୍‌ବର୍ଗ ରିପୋର୍ଟ ମୁତାବକ ଟେସ୍‌ଲା-ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ବିଶ୍ୱର ପ୍ରଥମ ଲୋକ, ଯାହାଙ୍କୁ ୨୦୦ ବିଲିୟନ୍ ଡଲାରର କ୍ଷତି ସହିବାକୁ ପଡ଼ିଛି। ବଜାରରେ



ଏଲନ ମସ୍କ

ବୈଦ୍ୟୁତିକ କାର୍ କମ୍ପାନୀ ଟେସ୍‌ଲାର ଶେୟାର୍ ଖସିବା ଫଳରେ ମସ୍କ ଏ ପ୍ରକାର ଅସୁବିଧାରେ ପଡ଼ିଥିବା କୁହାଯାଉଛି। ଏତେବଡ଼ ପରିମାଣର କ୍ଷତି ସହିବା ପରେ ମସ୍କଙ୍କ ସମ୍ପତ୍ତି ୧୩୭ ବିଲିୟନ୍ ଡଲାରରେ ପହଞ୍ଚିଛି। ଇକମର୍ସ କମ୍ପାନୀ ଆମାଜନ ମାଲିକ ଜେଫ ବେଜୋସଙ୍କ ପରେ ୨୦୨୧ରେ ଏଲନ ମସ୍କ ଥିଲେ ବିଶ୍ୱର ଦ୍ୱିତୀୟ ବ୍ୟକ୍ତି ଯିଏ, ୨୦୦ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ ହୋଇପାରିଥିଲେ। ୨୦୨୧ ନଭେମ୍ବର ୪ ବେଳକୁ ମସ୍କଙ୍କ ସମ୍ପତ୍ତି ୩୪୦ ବିଲିୟନ୍ ଡଲାର ଆକଳନ କରାଯାଇଥିବାବେଳେ ସେ ବିଶ୍ୱର ସବୁଠୁ ଧନୀ ତାଲିକାର ଶୀର୍ଷରେ ରହିଥିଲେ। ୨୦୨୧ରେ ଟେସଲାର ଚାହିଦା ଖୁବ୍ ବଢ଼ିଯାଇଥିଲା ଫଳରେ ସେହିବର୍ଷ ଅକ୍ଟୋବର ବେଳକୁ ଟେସ୍‌ଲାର ବଜାର ପୁଞ୍ଜି ବଢ଼ି ୧ ଟ୍ରିଲିୟନ୍ ଡଲାରରେ ପହଞ୍ଚିଥିଲା। ☞ପୃଷ୍ଠା–୫

# ଚାକିରି ନାଁରେ ବଡ଼ ଠକେଇ

## ୫୦ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ଶିକାର

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**



ଜାଫର ଅହମ୍ମଦ

■ ମାଷ୍ଟରମାଇଣ୍ଡ୍ ବି.ଟେକ ଯୁବକ ଉତ୍ତରପ୍ରଦେଶରୁ ଗିରଫ
■ ନକଲି ସରକାରୀ ୱେବ୍‌ସାଇଟ୍ ଖୋଲି ଲୁଟୁଥିଲେ
■ ୫ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ପଚରାଉଚରା

ସାରା ଦେଶକୁ ବ୍ୟାପିଛି ଠକେଇ ର‌୍ୟାକେଟ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଗୁଜରାଟ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଆଦି ବିଭିନ୍ନ ରାଜ୍ୟରେ ଜାଲ ବିଛାଇ ଚାକିରି ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଠକିନେଇଥିବା ମାଷ୍ଟରମାଇଣ୍ଡଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉତ୍ତରପ୍ରଦେଶ ଆଲିଗଡରୁ ଗିରଫ କରିଛି। ସେ ହେଲେ ଇଞ୍ଜିନିୟର ଜାଫର ଅହମ୍ମଦ (୨୫)। ଇଓଡବ୍ଲ୍ୟୁ ଏକ ମାମଲା (ନଂ.୧୭/୨୦୨୨) ରୁଜୁ କରି ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ୫ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣି ପଚରାଉଚରା କରୁଛି ଇଓଡବ୍ଲ୍ୟୁ। ଅନ୍ୟ ୨ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରାଯାଉଛି। ଜାଫର ନକଲି ସରକାରୀ ୱେବ୍‌ସାଇଟ୍ ଖୋଲି ଜୀବନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା, ଗ୍ରାମୀଣ ସମାଜ ମାନବ ସ୍ୱାସ୍ଥ୍ୟ ସେବା, ଭାରତୀୟ ଜନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଜରିଆରେ ପାଖାପାଖି ୫୦ ହଜାର ଚାକିରି ଆଶାୟୀଙ୍କଠାରୁ ଟଙ୍କା ଠକିନେଇଥିବା ଜଣାପଡିଛି। ଦେଶରେ ଏହା ସବୁଠୁ ବଡ ନିଯୁକ୍ତି ଠକେଇ ର‌୍ୟାକେଟ ବୋଲି ଇଓଡବ୍ଲ୍ୟୁ ଡିଆଇଜି ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ଏଥିସହ ଅନ୍ୟ ରାଜ୍ୟର ତଦନ୍ତକାରୀ ସଂସ୍ଥାକୁ ମଧ୍ୟ ଆଲର୍ଟ କରାଯାଇଛି।

ଡିଆଇଜିଙ୍କ ସୂଚନାନୁଯାୟୀ, ବି.ଟେକ୍ ପାସ୍ କରିଥିବା ପ୍ରାୟ ୩ଜଣ ବ୍ୟକ୍ତି ଓ ଜଣେ ୱେବ୍‌ସାଇଟ୍ ଏକ୍ସପର୍ଟଙ୍କୁ ନେଇ ଠକ ଜାଫର ଟିମ୍ କରିଥିଲେ। ଏଥିସହ ଏକ ଗ୍ରୁପ୍ ତିଆରି କରି କିଛି ପ୍ରଫେଶନାଲ ଇଞ୍ଜିନିୟର, ୱେବ୍‌ସାଇଟ୍ ଡେଭଲପର ଓ କଲ୍ ସେଣ୍ଟର କର୍ମଚାରୀଙ୍କ ସହାୟତାରେ ଠକେଇ ର‌୍ୟାକେଟ ଚଳାଇଥିଲେ। ☞ପୃଷ୍ଠା–୫

# ଆତ୍ମବିଶ୍ୱାସ ଦେଲା ନୂଆ ଜୀବନ

## ବୋଟ୍ ବୁଡ଼ିଯିବା ପରେ ସମୁଦ୍ରରେ ୨ ଦିନ

**ୱାଶିଂଟନ୍**



ନୂଆବର୍ଷ ଲାଗି ବ୍ରାଜିଲର ଡେଭିଡ୍ ସୋରେସ ମାଛ ଧରିବା ପାଇଁ ବୋଟ୍ ନେଇ ସମୁଦ୍ରକୁ ଯାଇଥିଲେ। ଡେଭିଡ୍ ମାଛ ନେଇ ଫେରିବା ବାଟକୁ ଘରଲୋକେ ଚାହିଁବସିଥାନ୍ତି। କିନ୍ତୁ ବହୁ ସମୟ ବିତିଯିବା ପରେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ଡେଭିଡ୍‌ଙ୍କ ଘରଲୋକେ ଜାଣିସାରିଥିଲେ ସେ କୌଣସି ଅସୁବିଧାରେ ପଡ଼ିଛନ୍ତି। ଯଦିଓ ତାଙ୍କର ଘରକୁ ଫେରିବା ଆଶା କ୍ଷୀଣ ହୋଇଯାଇଥିଲା ତଥାପି ତାଙ୍କ ପରିବାର ଲୋକେ ଭାବୁଥିଲେ ଯେ, ସେ ନିଶ୍ଚୟ ଫେରିଆସିବେ। ଶେଷରେ ସେୟା ହିଁ ହେଲା।

ଖ୍ରୀଷ୍ଟମାସ ରାତିରେ ୪୫ ବର୍ଷୀୟ ଡେଭିଡ୍ ବ୍ରାଜିଲର ସାଓ ଜୋଆଓ ଡା ବାରାସ୍ଥିତ ଆଟାଫୋନା ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ। ସମୁଦ୍ର ମଝିରେ ପହଞ୍ଚିଲାବେଳକୁ ହଠାତ୍ ନିୟନ୍ତ୍ରଣ ହରାଇ ସେ ବୋଟ୍‌ରୁ ଖସିପଡ଼ିଥିଲେ। ପହଁରି ପହଁରି ବୋଟ୍ ନିକଟକୁ ଯିବା ପାଇଁ ସେ ଯେତେ ଚେଷ୍ଟା କରିଥିଲେ ସୁଦ୍ଧା ସମୁଦ୍ର ଲହରି ତାଙ୍କ ପାଇଁ ବାଧକ ସାଜିଥିଲା। ପ୍ରଥମ ୧୦ ମିନିଟ ତାଙ୍କ ପାଇଁ ସଂଘର୍ଷପୂର୍ଣ୍ଣ ଥିବା ଡେଭିଡ୍ କହିଛନ୍ତି। କାରଣ ସମୁଦ୍ର ଜଳ ଏତେ ଥଣ୍ଡା ଥିଲା ଯେ, ସେଥିରେ ନିମିଷେ ମଧ୍ୟ ରହିବା କଷ୍ଟକର ହୋଇପଡ଼ିଥିଲା। ଏହାପରେ ସେ ସମୁଦ୍ର କୂଳକୁ ଯିବାକୁ ଚେଷ୍ଟାକଲେ। ରାତିର କିଟିମିଟି ଅନ୍ଧାରରେ କୂଳ ଖୋଜିବା ସହଜ ନ ଥିଲା। ପାଖାପାଖି ୪ ଘଣ୍ଟା କାଳ ଥଣ୍ଡା ସମୁଦ୍ର ପାଣିରେ ପହଁରିବା ପରେ ଡେଭିଡ୍ ୫ ମାଇଲ୍ ଦୂରକୁ ଯାଇ ଏକ ବୋୟ (ନୌଚାଳନା ଦିଗ ନିର୍ଦ୍ଧାରଣ ପାଇଁ ସମୁଦ୍ରରେ ଥିବା ଟାୱାର) ପାଇଥିଲେ। ଶେଷରେ ଟାୱାରରେ ସେ ଦୁଇଦିନ ଆଶ୍ରୟ ନେଲେ। ଡେଭିଡ୍ ଘରକୁ ନ ଫେରିବା ଦେଖି ତାଙ୍କ ପରିବାର ସଦସ୍ୟମାନେ ଥାନାରେ ଏ ନେଇ ରିପୋର୍ଟ କରିଥିଲେ। ଘଟଣାର ୨ ଦିନ ପରେ କେତେଜଣ ମତ୍ସ୍ୟଜୀବୀ ବୋଟ୍ ନେଇ ମାଛଧରିବା ପାଇଁ ଯାଉଥିବାବେଳେ ଟାୱାରରେ ତାଙ୍କୁ ବସିଥିବାର ସେମାନେ ଦେଖିଥିଲେ। ସେ ଅସୁବିଧାରେ ପଡ଼ିଥାଇପାରନ୍ତି ଭାବି ଟାୱାର ନିକଟକୁ ଯାଇଥିଲେ। ବିନା ଖାଦ୍ୟ, ଶୀତ, କାକରରେ ୨ ଦିନ କାଟିବା ପରେ ଶେଷରେ ଡେଭିଡ୍ ଘରକୁ ଫେରିଥିଲେ। ବିଳମ୍ବରେ ହେଲେ ବି କେହି ନା କେହି ତାଙ୍କୁ ସାହାଯ୍ୟ କରିବେ ଓ ସେ ପୁଣିଥରେ ପରିବାର ନିକଟକୁ ଫେରିବେ ବୋଲି ଡେଭିଡ୍‌ଙ୍କ ମନରେ ଆଶା ଥିବା ସେ କହିଛନ୍ତି।




DADLS - 81

ନବବର୍ଷ–୨୦୨୩ ଅବସରରେ ବାର୍ତ୍ତା

ନବବର୍ଷ–୨୦୨୩ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0224/2223



ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ନୂଆବର୍ଷର ଶୁଭେଚ୍ଛା

DADLS - 81

ନୂଆବର୍ଷ ୨୦୨୩ ଅବସରରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ଓଡ଼ିଶା ପାଇଁ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।

— ଜୟ ଜଗନ୍ନାଥ —

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0224/2223



ନବବର୍ଷ–୨୦୨୩ ଅବସରରେ ବାର୍ତ୍ତା

DADLS - 81

ଇଂରାଜୀ ନବବର୍ଷ ୨୦୨୩ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।

ନବବର୍ଷ ଆପଣମାନଙ୍କ ପାଇଁ ନୂଆ ସମ୍ଭାବନା ଓ ଆଶା–ଆକାଂକ୍ଷାର ବର୍ଷ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଉଠୁ ଏହାହିଁ ମୋର କାମନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ
ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0224/2223

# ନୂଆ ସମ୍ଭାବନା

## ଏକଛତ୍ରବାଦ ଦୂର କରି ଗଣତନ୍ତ୍ର ପ୍ରତିଷ୍ଠା ଉପରେ ଗୁରୁତ୍ୱ ରହିବ



ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖସମୃଦ୍ଧି, ଭାଇଚାରର ବର୍ଷ ହେଉ। ଆସନ୍ତୁ ସମସ୍ତେ ଦଳଗତ ନିର୍ବିଶେଷରେ ମା' ମାଟିର ସେବା କରିବା। ନୂତନ ବର୍ଷ ନିର୍ବାଚନ ବର୍ଷ ହୋଇପାରେ। ରାଜ୍ୟରୁ କେମିତି ଏକଛତ୍ରବାଦ ଦୂରହେବ, ଗଣତନ୍ତ୍ର ପ୍ରତିଷ୍ଠା ହେବ ସେ ଦିଗରେ ଉଦ୍ୟମ କରାଯିବ।

- ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା

## ସବୁଜ, ପ୍ରଦୂଷଣମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ



ନୂତନ ବର୍ଷରେ ସବୁଜ, ପ୍ରଦୂଷଣ ମୁକ୍ତ ଏବଂ ଗୌରବମୟ ଓଡ଼ିଶା ଗଠନ ପାଇଁ ଏକ ବୃହତ୍ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଉଦ୍ୟମ କରାଯିବ। ନୂତନ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

- କେ. ମୁରୁଗେସେନ, ରାଜ୍ୟ ପରିବେଶ ନିର୍ଦ୍ଦେଶକ

## ଭୁବନେଶ୍ୱର ବିଶ୍ୱ ଦରବାରରେ ଆହୁରି ପ୍ରତିଷ୍ଠିତ ହେଉ



ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ପ୍ରଭୁ ଜଗନ୍ନାଥଙ୍କ ପାଖରେ ମୋର ପ୍ରାର୍ଥନା ଭୁବନେଶ୍ୱରବାସୀ ସୁଖ, ଶାନ୍ତିରେ ରୁହନ୍ତୁ। ଭୁବନେଶ୍ୱର ବିଶ୍ୱ ଦରବାରରେ ଆହୁରି ପ୍ରତିଷ୍ଠିତ ହେଉ। ବହୁତ ଭଲଭାବେ ବିଶ୍ୱକପ୍ ହକି ଆୟୋଜନ ହେଉଛି। ସହରବାସୀ ଏହାର ମଜା ନିଅନ୍ତୁ। ଭୁବନେଶ୍ୱରକୁ ପୁଣିଥରେ ୧ନଂ ସହରରେ ପରିଣତ କରିବା ପାଇଁ ଆମେ ସମସ୍ତେ ମିଳିମିଶି ଚେଷ୍ଟା କରିବା।

- ସୁଲୋଚନା ଦାସ, ଭୁବନେଶ୍ୱର ମେୟର

## ଓଡ଼ିଆ ସିନେମାର ସଫଳତା ସାରା ଦେଶ ଦେଖିବ



ଓଡ଼ିଆ ସିନେମା ପାଇଁ ୨୦୨୨ ଶେଷ ବେଳକୁ ଏକ ଭଲ ଅଧ୍ୟାୟ ସୃଷ୍ଟି ହୋଇଛି। ଓଡ଼ିଆ ଦର୍ଶକ ଯାହା ଖୋଜୁଥିଲେ ତାହା ସେମାନେ ଏବେ ପାଇଛନ୍ତି। ଓଡ଼ିଆ ସିନେମା କ'ଣ କରିପାରେ ତାହା ସମଗ୍ର ଭାରତବର୍ଷ ଦେଖିବ। ଏହି ଧାରାକୁ ଆମକୁ ବଜାୟ ରଖିବାକୁ ପଡିବ। ଆମ ଓଡ଼ିଆ ମାଟିର ନିଜସ୍ୱ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବା।

- ଅତିସ ରାଉତ, ଚଳଚ୍ଚିତ୍ର ପ୍ରଯୋଜକ

## ସଙ୍ଗୀତ କ୍ଷେତ୍ରରେ ନୂଆ ପରିବର୍ତ୍ତନ ଆସୁଛି



ସଙ୍ଗୀତ କ୍ଷେତ୍ରରେ ବହୁତ ନୂଆ ନୂଆ ପରିବର୍ତ୍ତନ ଆସୁଛି। ଲୋକଙ୍କ ଟେଷ୍ଟ ବଦଳିଲାଣି। ତାହାକୁ ଦୃଷ୍ଟିରେ ରଖି ସଙ୍ଗୀତ ନିର୍ଦ୍ଦେଶକମାନେ ଗୀତ ରଚନା କରୁଛନ୍ତି। ବହୁ ନୂଆନୂଆ କଣ୍ଠଶିଳ୍ପୀମାନେ ମଧ ଇଣ୍ଡଷ୍ଟ୍ରିକୁ ଆସିଲେଣି। ଏବେ ଓଡ଼ିଆ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତ ପାଇଁ ଶୁଭ ସମୟ ଆସୁଛି। ବିଭିନ୍ନ ରାଜ୍ୟ ତଥା ଦେଶ ବିଦେଶରେ ଏହାର ପ୍ରଶଂସକ ବଢୁଛନ୍ତି।

- ଅଭିଜିତ୍ ମିଶ୍ର, କଣ୍ଠଶିଳ୍ପୀ

## ଚଳଚ୍ଚିତ୍ର ଜଗତ ତା'ର ସ୍ଥାନ ବଜାୟ ରଖୁ



୨୦୨୩ ସମସ୍ତଙ୍କ ପାଇଁ ଅନେକ ସଫଳତା, ସମୃଦ୍ଧି, ହସ ଓ ଖୁସି ଆଣି ଦେଉ। ୨୦୨୨ ଚଳଚ୍ଚିତ୍ର ଜଗତ ପାଇଁ ମଧ ବେଶ୍ କିଛି ଶୁଭ ସଙ୍କେତ ନେଇ ଆସିଥିଲା। ଲୋକେ ପ୍ରେକ୍ଷାଳୟକୁ ଫେରିଛନ୍ତି। ଚଳଚ୍ଚିତ୍ର ପ୍ରତି ଏକ ଭିନ୍ନ ଚିନ୍ତାଧାରା ସୃଷ୍ଟି ହୋଇଛି। ଆଗାମୀ ବର୍ଷରେ ଚଳଚ୍ଚିତ୍ର ଜଗତ ପୁନଃ ତା'ର ସ୍ଥାନ ବଜାୟ ରଖିବାର ଆଶା ସବୁ କଳାକାରଙ୍କ ମନରେ ଗଢ଼ି ଉଠିଛି। ଆସୁଥିବା ବର୍ଷ ସମସ୍ତଙ୍କ ପାଇଁ ଶୁଭମୟ ହେଉ ବୋଲି ଜଗନ୍ନାଥଙ୍କ ପାଖେ ମୋର ପ୍ରାର୍ଥନା।

- ଦିବ୍ୟାଦିଶା ମହାନ୍ତି, ଅଭିନେତ୍ରୀ

## ଭୁବନେଶ୍ୱରବାସୀଙ୍କୁ ଭଲସେବା ଜାରି ରହିବ



ଭୁବନେଶ୍ୱରବାସୀଙ୍କୁ ଭଲ ସେବା ଯୋଗାଇ ଦେବା ପାଇଁ ବିଏମ୍‌ସି ସର୍ବଦା ଚେଷ୍ଟା କରୁଛି। ଏହି ଧାରା ନୂଆ ବର୍ଷରେ ବି ବଜାୟ ରହିବ। ତେବେ ସହରରେ ପରିମଳ ଏବଂ ସୌନ୍ଦର୍ଯ୍ୟକରଣକୁ ଅଧିକ ଫୋକସ୍ ଦିଆଯିବ। ସେହିଭଳି ବର୍ଷ ଆରମ୍ଭରୁ ସହରବାସୀଙ୍କ ପାଇଁ ଡଟ୍ ଫେଷ୍ଟର ଆୟୋଜନ କରାଯାଉଛି। ଭୁବନେଶ୍ୱରକୁ ଏକ ସୁସ୍ଥ, ସୁନ୍ଦର ଏବଂ ସମୃଦ୍ଧ ସହର ଭାବେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି।

- ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର

## ଟାଇମିଂରେ ଉନ୍ନତି ଆଣିବା ମୁଖ୍ୟ ଲକ୍ଷ୍ୟ



ବିଗତ ବର୍ଷ ମୋର ପ୍ରଦର୍ଶନ ବହୁତ ଭଲ ରହିଥିଲା। ମୁଁ ଭାଗ ନେଇଥିବା ଅଧିକାଂଶ ପ୍ରତିଯୋଗିତାରେ ପଦକ ପାଇଥିଲି। ୨୦୨୨ରେ ମୋର ମୋଟ ପଦକ ସଂଖ୍ୟା ୭ ରହିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ଅଂଶଗ୍ରହଣ କରିଥିଲି। ଗତ ସିଜନରେ ଅନ୍ୟ ଭାରତୀୟ ଆଥଲେଟଙ୍କ ଅପେକ୍ଷା ମୋର ଟାଇମିଙ୍ଗ ମଧ ଭଲ ରହିଛି। ୨୦୨୩ରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍, ୱାର୍ଲଡ ୟୁନିଭରସିଟି ଗେମ୍ସ, ଏସିଆନ ଗେମ୍ସ ଆଦି ଅନେକ ବଡ଼ ପ୍ରତିଯୋଗିତା ଅଛି। ଏ ସବୁଥିରେ ଭାଗନେବା ଏବଂ ପଦକ ପାଇବା ସହ ଟାଇମିଂରେ ଉନ୍ନତି ଆଣିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଏଥିପାଇଁ ମୁଁ କଠିନ ପରିଶ୍ରମ କରୁଛି ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ନେଇ ଆଶା ମଧ ରଖିଛି। ୨୦୨୩ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

- ଅଲିମ୍ପିଆନ ଦୂତି ଚାନ୍ଦ






















## 'କବି କଳାଚାତୁରି' ପୁସ୍ତକ ଉନ୍ମୋଚିତ

ବାଲିପାଟଣା,ଡି.ଏନ୍.ଏ.): ଶିଶୁ ଅନନ୍ତଙ୍କ ପୀଠରେ ଶନିବାର ଲେଖକ ନିରଞ୍ଜନ ବିଶ୍ୱାଳଙ୍କ ଲିଖିତ 'କବି କଳାଚାତୁରି' ପୁସ୍ତକ ଉନ୍ମୋଚିତ ହୋଇଛି। ସଂଳାପ ଲେଖକ ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ ଶୈଳାଧିରାଜ ତନୟା ଶତପଥୀ, ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ରାଜ୍ୟ ପାଲା ପରିଷଦ ସଭାପତି ମଦନ ମୋହନ ଜେନା, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, କବି ପ୍ରବୀର ମହାନ୍ତି, ଶିଶୁ ଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, କବି ସନ୍ତୋଷ କୁମାର ପଟ୍ଟନାୟକ, ଶିକ୍ଷକ ନେତା ଆଲୋକ ରଞ୍ଜନ ସାହୁ, ରଶ୍ମିରଞ୍ଜନ ପଣ୍ଡା, ରମାରଞ୍ଜନ ଦାସ ଉପସ୍ଥିତ ଥିଲେ।



## ଆଜିଠୁ ଶ୍ରୀମନ୍ଦିରକୁ ମୋବାଇଲ ମନା

ପୁରୀ ଅଫିସ,୩୧।୧୨: ଜାନୁୟାରୀ ୧ରୁ ଶ୍ରୀମନ୍ଦିର ପରିସରକୁ କେହି ବି ମୋବାଇଲ ଫୋନ ନେଇପାରିବେ ନାହିଁ। ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନେ ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରରେ କରାଯାଇଥିବା ମୋବାଇଲ ଷ୍ଟାଣ୍ଡରେ ଫୋନ ରଖି ଶ୍ରୀମନ୍ଦିରକୁ ଯିବାକୁ ନିଷ୍ପତ୍ତି ହୋଇଛି।






# ୧୪ରୁ 'ଏକାମ୍ର ୱାକ୍'

■ରବି ଦହିବରା, ରାମଭାଇ ଚା'ର ମଜାନେବେ ପର୍ଯ୍ୟଟକ

■ବାର୍ଡ ୱାଚିଂ, ଜଙ୍ଗଲ ସଫାରି ବୁଲିବାକୁ ସୁଯୋଗ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଦେଶ ବିଦେଶରୁ ଆସିବାକୁ ଥିବା ପର୍ଯ୍ୟଟକଙ୍କ ଲାଗି ରାଜଧାନୀରେ ଆରମ୍ଭ ହେବାକୁ ଯାଉଛି 'ଏକାମ୍ର ୱାକ୍'। ସହରର କଳା, ସଂସ୍କୃତି, ପରମ୍ପରା, ଖାଦ୍ୟ ସହ ଅନ୍ୟାନ୍ୟ ବିଶେଷତ୍ୱ ସମ୍ପର୍କରେ ପର୍ଯ୍ୟଟକଙ୍କୁ ଅବଗତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି। ଏଥିରେ ଫୁଡ୍ ଟ୍ରେଲ୍, ମ୍ୟୁଜିୟମ୍ ଟ୍ରେଲ୍, ନେଚର୍ ୱାକ୍ ରହିଛି। 'ବାର୍ଡ ୱାଚିଂ', ଜଙ୍ଗଲ ସଫାରି ଏବଂ 'ଔଷଧୀୟ ବୃକ୍ଷ ୱାକ୍'ର ସୁଯୋଗ ମଧ୍ୟ ରହିଛି। ଭ୍ରମଣକାରୀଙ୍କୁ ବିଭିନ୍ନ ସ୍ଥାନର ବିଶେଷତ୍ୱ ସମ୍ପର୍କରେ ଜଣାଇବା ପାଇଁ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ନିପୁଣ ଗାଇଡ୍‌ଙ୍କୁ ନିୟୋଜିତ କରାଯାଇଛି। ଫୁଡ୍ ଟ୍ରେଲ୍‌ରେ ପର୍ଯ୍ୟଟକ ଖାରବେଳନଗରସ୍ଥିତ ଆନ୍ନା ଉପମା, ୟୁନିଟ୍-୬ସ୍ଥିତ ରବି ବରା ଦୋକାନରୁ ବରା, ଇନ୍ଦ୍ରଧନୁ ମାର୍କେଟସ୍ଥିତ ରବି ଦହିବରା, ସିଆର୍‌ପିସ୍ଥିତ ରାମ ଭାଇ ଚା', ଲିଙ୍ଗରାଜ ମନ୍ଦିର ଅଞ୍ଚଳର କୋରାଖଇ, ଅନନ୍ତ ବାସୁଦେବଙ୍କ ପ୍ରସାଦ ସହ ଓଡ଼ିଶା ହୋଟେଲ, ଡ଼ାଲମା, ନିମନ୍ତ୍ରଣ ହୋଟେଲର ପ୍ରସିଦ୍ଧ ଖାଦ୍ୟର ମଜା ନେଇପାରିବେ। ସେହିପରି ମ୍ୟୁଜିୟମ୍ ଟ୍ରେଲରେ ପର୍ଯ୍ୟଟକମାନେ ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ, କଳାଭୂମି ଓ ପଠାଣି ସାମନ୍ତ ପ୍ଲାନେଟାରିୟମ ବୁଲି ବିଭିନ୍ନ ତଥ୍ୟ ସଂଗ୍ରହ କରିପାରିବେ। ତେବେ ଜଙ୍ଗଲ ସଫାରି ମଜାନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଭରତପୁର ଚନ୍ଦକା ବଣରେ ପରିଭ୍ରମଣର ସୁଯୋଗ ମିଳିବ। ପର୍ଯ୍ୟଟକଙ୍କୁ ଏକ ସ୍ୱାଗତ କିଟ୍ ଦିଆଯିବ। ଯେଉଁଥିରେ ଟ୍ରେଲ୍ ସମ୍ପର୍କିତ ସବିଶେଷ ତଥ୍ୟ ରହିବ। ବିଡିଏ ପକ୍ଷରୁ ନିର୍ଦ୍ଧାରିତ ଦେୟ ଦେଇ ଏହି ଟ୍ରେଲରେ ଯେକୌଣସି ବ୍ୟକ୍ତି ସାମିଲ ହୋଇପାରିବେ। ୬ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଏହି ଟ୍ରେଲ ଦେୟମୁକ୍ତ ରହିବ। ପର୍ଯ୍ୟଟକଙ୍କୁ ପରିଭ୍ରମଣ କାଳରେ ପାନୀୟଜଳ, ପଇଡ଼ ପାଣି ଏବଂ ଫଳ ଦିଆଯିବ। କୋଭିଡ୍ କଟକଣା ମଧ୍ୟରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ।

## ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ : ଡିସିପି

ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ) - ରାଜଧାନୀରେ ଶୃଙ୍ଖଳିତ ତଥା ସୁରକ୍ଷିତ ନୂଆବର୍ଷ ସେଲିବ୍ରେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ଡିସିପି ପ୍ରତୀକ ସିଂହ କହିଛନ୍ତି, ନୂଆବର୍ଷ ସେଲିବ୍ରେଶନବେଳେ ଟ୍ରାଫିକ୍ ନିୟମ ମାନିବା ସହ ମଦ ନିଶାରେ ଗାଡ଼ି ଚଲାନ୍ତୁ ନାହିଁ। ଏହାସହ ୫୦ କିମିରୁ ଅଧିକ ବେଗରେ ଯାଆନ୍ତୁ ନାହିଁ। ପାର୍ଟିକୁ ଯାଉଥିଲେ ସାଙ୍ଗରେ ଡ୍ରାଇଭର ନେଇ ଯାଆନ୍ତୁ। ନୋ ପାର୍କିଂ ଜୋନ୍‌ରେ ଗାଡ଼ି ରଖନ୍ତୁ ନାହିଁ। ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି ସିଂ ସତର୍କ କରାଇ ଦେଇଛନ୍ତି।











# ତ୍ରିକୋଣୀୟ ପ୍ରେମରୁ ହତ୍ୟା

ବାରଙ୍ଗରୁ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ

■ମହିଳାଙ୍କ ସମେତ ୨ ଗିରଫ

■ ୩ ଜରିଗୋଟାଳି ଥିଲେ

ବାରଙ୍ଗ,୩୧।୧୨(ଡି.ଏନ.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ ବାରଙ୍ଗ ବଜାର ନିକଟ ଅର୍ଦ୍ଧନିର୍ମିତ କୋଠାଘରୁ ଜଣେ ଯୁବକଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ମୃତକଙ୍କ ପରିଚୟ ମିଳିଥିବା ବେଳେ ସେ ହେଲେ କେନ୍ଦୁଝର ଜିଲାର ନଣ୍ଡା। ଏଥିସହ ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ଧାନମଣ୍ଡଳ ପୁରୁଷୋତ୍ତମପୁର ଶାସନ ଗାଁର ପାନା ସିଂ ଓ କଟକ ଜିଲା ବଡ଼ମ୍ବାର ବଡଦଣ୍ଡସାହି ଗାଁର କୈଳାସଚନ୍ଦ୍ର ସାହୁ ଓରଫ କାଳିଆ। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୨୧୩/୨୨) ରୁଜୁ ହୋଇଛି। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଓ ତ୍ରିକୋଣୀୟ ପ୍ରେମ ହିଁ ହତ୍ୟାର ମୁଖ୍ୟ କାରଣ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନ୍-୬ ଏସିପି ରମେଶଚନ୍ଦ୍ର ବିଷୋୟୀ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟାରେ ବାରଙ୍ଗ ବଜାରସ୍ଥିତ ଏକ ଅର୍ଦ୍ଧନିର୍ମିତ କୋଠାଘରେ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଥାନା ସୀମା ବିବାଦରୁ ମୃତଦେହ ଦୀର୍ଘ ସମୟ ପଡ଼ିରହିଥିଲା। ଶେଷରେ ନନ୍ଦନକାନନ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରୁ ହତ୍ୟାକାଣ୍ଡ ଜଣାପଡିଥିଲା। ବାରଙ୍ଗ ବଜାରର ପରିବା ବେପାରୀଙ୍କଠାରୁ ମୃତକ ଜଣକ ଜରିଗୋଟାଳି ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ବଜାରରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରି ଅନ୍ୟ ଦୁଇଜଣ ଏଥିରେ ସାମିଲ ଥିବା ଜଣାପଡିଥିଲା। ଏସ୍ଆଇ ସୌଭାଗ୍ୟ ଭୋଇ ସଦଳବଳେ ମୁଣ୍ଡଳି ଅଞ୍ଚଳରେ ଚଢ଼ାଉ କରି ପାନା ଓ କାଳିଆଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଥାନାକୁ ଆଣି ପଚରାଉତରା କରିବାରୁ ଦୁହେଁ ହତ୍ୟା କରିଥିବା ମାନିଥିଲେ। ସେମାନେ ମୃତକ ନଣ୍ଡାର ପରିଚୟ ଦେବା ସହ ହତ୍ୟା ପଛର ପ୍ରେମ କାହାଣୀ କହିଥିଲେ। ନଣ୍ଡା ବାରଙ୍ଗରେ ରହି ଜରି ଗୋଟାଉଥିବା ବେଳେ ପାନା ଓ କାଳିଆ ମୁଣ୍ଡଳି ପାଖରେ ରହି ଟ୍ରେନରେ ଆସି ବାରଙ୍ଗ ବଜାରରେ ଜରି ଗୋଟାଇବା ଭିତରେ ନଣ୍ଡାଙ୍କ ସହ ସାକ୍ଷାତ ହୋଇଥିଲା। ପାନା ଓ କାଳିଆଙ୍କ ମଧ୍ୟରେ ଆଗରୁ ପ୍ରେମ ସମ୍ପର୍କ ଥିବାବେଳେ ପରେ ନଣ୍ଡା ସହ ପାନାର ସମ୍ପର୍କ ବଢ଼ିଥିଲା। କାଳିଆ ଏହା ଜାଣିବା ପରେ ନଣ୍ଡାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଗତ ରବିବାର ବାରଙ୍ଗରୁ ହାଣ୍ଡିଆ ପିଇସାରିବା ପରେ ପାନା ସହ ନଣ୍ଡା ଓ କାଳିଆ ଉକ୍ତ ଅର୍ଦ୍ଧନିର୍ମିତ କୋଠାଘରକୁ ଯାଇଥିଲେ। ସେଠାରେ କାଳିଆ ଏକ ଇଟାରେ ନଣ୍ଡାର ମୁହଁ ଓ ମୁଣ୍ଡକୁ ଛେଚି ହତ୍ୟା କରିଥିଲା।











# ପ୍ଲାନେଟୋରିୟମ:୧୭ ଶୋ' ଦେଖିଲେ ୨,୩୮୯ ଦର୍ଶକ

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଛି। ବର୍ଷର ଶେଷଦିନ ଅର୍ଥାତ୍ ଶନିବାର ୧୭ଟି ଶୋ' ଦେଖିଛନ୍ତି ୨ହଜାର ୩୮୯ଜଣ ଦର୍ଶକ। ପୂର୍ବ ପ୍ରସ୍ତୁତି ଅନୁସାରେ ସକାଳ ୧୦ଟାରୁ ରାତି ୯ଟା ମଧ୍ୟରେ ପ୍ରତି ଅଧଘଣ୍ଟା ବ୍ୟବଧାନରେ ଗୋଟିଏ ଗୋଟିଏ ଶୋ' କରାଯାଇଥିଲା। ଅଧିକାଂଶ ଦିନ ୨୦ଟି ଶୋ' ହୋଇଥିଲା। ବହୁ ଦର୍ଶକ ଓଡ଼ିଶା ବାହାରୁ ଆସୁଥିବାରୁ ଅଧିକ ସଂଖ୍ୟକ ଶୋ' ହିନ୍ଦୀ ଭାଷାରେ ପ୍ରଦର୍ଶିତ ହୋଇଥିଲା। ସେହିପରି ଶୋ'ଗୁଡିକ ଓଡ଼ିଆ ଓ ଇଂଲିଶରେ ମଧ୍ୟ ହୋଇଥିଲା। ତେବେ ୩୧ ତାରିଖ ପର୍ଯ୍ୟନ୍ତ ୮ଦିନରେ ମୋଟ୍ ୧୫୦ଟି ଶୋ'ରେ ୨୧ହଜାର ୫୮୩ ସଂଖ୍ୟକ ଦର୍ଶକଙ୍କଠାରୁ ମୋଟ୍ ୪ଲକ୍ଷ ୮୪ ହଜାର ୬ଶହ ୫୫ ଟଙ୍କା ମିଳିଥିଲା। ଏହା ପ୍ଲାନେଟାରିୟମ୍‌ର ୩୨ ବର୍ଷ ଇତିହାସରେ ସର୍ବାଧିକ। ସୂଚନାଯୋଗ୍ୟ, ସାଧାରଣ ଦିନରେ ୪ରୁ ୫ଟି ଶୋ' ହୋଇଥାଏ।











# ନନ୍ଦନକାନନରେ ରେକର୍ଡ ପର୍ଯ୍ୟଟକ

ବାରଙ୍ଗ,୩୧।୧୨(ଡି.ଏନ.ଏ.): ନନ୍ଦନକାନନକୁ ୨୦୨୨ର ଶେଷ ୬ଦିନରେ ରେକର୍ଡ ସଂଖ୍ୟକ ୨,୨୬,୮୫୦ ପର୍ଯ୍ୟଟକ ଆସିଥିଲେ। ସେମାନଙ୍କ ମଧ୍ୟରେ ଅଫ୍‌ଲାଇନରେ ୨,୦୯୬୨୦ ଓ ଅନ୍‌ଲାଇନରେ ୧୭,୧୬୪ ଜଣ ପର୍ଯ୍ୟଟକ ଟିକେଟ କରିଥିବାବେଳେ ୬୬ଜଣ ଦିବ୍ୟାଙ୍ଗ ବିନା ଦେୟରେ ନନ୍ଦନକାନନ ବୁଲିଥିଲେ। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ଏହି ୬ ଦିନରେ ମୋଟ ୧୨୬୭୮ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବାବେଳେ ବର୍ଷ ଶେଷଦିନ ଶନିବାରରେ ୧୦୮୬ଜଣ ପର୍ଯ୍ୟଟକ ଆସିଥିଲେ ବୋଲି ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଦି ଡିଭାଇନ୍ ଲାଇଫ୍ ସୋସାଇଟି ପକ୍ଷରୁ ପ୍ରାର୍ଥନା ସଭା, ଦିବ୍ୟଜୀବନ ସଂଘ, ୟୁନିଟ-୨, ଅଶୋକ ନଗର, ସକାଳ ୬ଟା।
- ଦିବ୍ୟଜ୍ୟୋତି ସେବାଶ୍ରମ ପକ୍ଷରୁ ପ୍ରାଥନା ସଭା, ଉଦୟ ବିହାର, ପାତ୍ରପଡ଼ା, ସକାଳ ୭ଟା।
- ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାର୍ଥନା ସଭା, ଓଁନିବାସ, ୟୁନିଟ-୯, ସକାଳ ୭ଟା।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ୟୁନିଟ୍-୯, ସକାଳ ୯ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ 'ମା ପରି କିଏ ହେବ' କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ପେନ୍‌ସିଲ ସୀସାରେ ନୂତନ ବର୍ଷକୁ ସ୍ୱାଗତ

**ଖୋର୍ଦ୍ଧା ଅଫିସ,୩୧।୧୨:** ଜଟଣୀ ଗୋପୀନାଥପୁର ହାଟବଜାରର ସୂକ୍ଷ୍ମ କଳାକାର ଏଲ୍.ଇଶ୍ୱର ରାଓ ଚଳିତ ବର୍ଷ ନିଆରା ଢଙ୍ଗରେ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏକ ୮ଇଞ୍ଚର ପେନସିଲ ସୀସାରେ ହାପି ନ୍ୟୁ ୟିଏର-୨୦୨୩ ଲେଖି ଶୁଭେଚ୍ଛା ଜଣାଇଛନ୍ତି। ଏଥିଲାଗି ତାଙ୍କୁ ଦୁଇ ଦିନ ସମୟ ଲାଗିଥିବା ରାଓ କହିଛନ୍ତି।







# ୩ କାର୍ଯ୍ୟାଳୟ ଦାୟିତ୍ୱରେ ଜଣେ ଅଧିକାରୀ

**ବେଗୁନିଆ ବ୍ଲକ**
- ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ
- ବଢୁଛି ଅସନ୍ତୋଷ,ନିଯୁକ୍ତି ଦାବି

ବେଗୁନିଆ,୩୧।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୩ଟି ପ୍ରମୁଖ କାର୍ଯ୍ୟାଳୟ ଦାୟିତ୍ୱରେ ଜଣେ ଅଧିକାରୀ କାର୍ଯ୍ୟ ତୁଲାଉଛନ୍ତି। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଠିକ୍ ସମୟରେ ଲୋକେ ସେବା ପାଇପାରୁନାହାନ୍ତି। ଏ ନେଇ ଜନଅସନ୍ତୋଷ ବଢ଼ିବା ସହ ତୁରନ୍ତ ନୂତନ ଅଧିକାରୀ ନିଯୁକ୍ତି ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଲାଞ୍ଚ ନେବା ବେଳେ ବେଗୁନିଆ ତହସିଲଦାର ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉକ୍ତ ଦିନଠାରୁ ତାଙ୍କ ସ୍ଥାନରେ ନୂତନ ତହସିଲଦାର ନିଯୁକ୍ତି ଦିଆ ନ ଯାଇ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଦେଶନାମା ପ୍ରକାଶ ପାଇବା ପରେ ବିଡିଓ ସାହୁ ୩ଟି ପ୍ରମୁଖ କାର୍ଯ୍ୟାଳୟ ବ୍ଲକ, ତହସିଲ ଓ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ତୁଲାଉଛନ୍ତି। ଯଦି ବିଡିଓ କୌଣସି କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ଗୋଟିଏ କାର୍ଯ୍ୟାଳୟକୁ ଯାଉଛନ୍ତି ତେବେ ଅନ୍ୟ ଦୁଇଟି କାର୍ଯ୍ୟାଳୟରେ ସରକାରୀ ସେବା ଏକପ୍ରକାର ଠପ୍ ହୋଇଯାଉଛି। ତେବେ କାର୍ଯ୍ୟ ଲାଗି କାର୍ଯ୍ୟାଳୟକୁ ଆସୁଥିବା ଲୋକେ ସେବା ନ ପାଇ ଫେରିଯାଉଛନ୍ତି। ସେହିପରି ଗ୍ରାମରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଦାୟିତ୍ୱ ବିଡିଓଙ୍କର ହୋଇଥିଲେ ମଧ୍ୟ ଅନେକ କାର୍ଯ୍ୟ ଯୋଗୁ ସେ ସବୁ ସମୟରେ ଯାଇପାରୁନାହାନ୍ତି। ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ନିରୀକ୍ଷକ ପଦବୀ ଖାଲି ପଡ଼ିଥିବାରୁ ସପ୍ତାହକୁ ୨ ଦିନ ସୋମବାର ଓ ଶୁକ୍ରବାର ଲୋକଙ୍କ ଜମି ରେଜିଷ୍ଟ୍ରେଶନ କରାଯାଉଛି। ଏହାର ନିରୀକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଡିଓ ସାହୁ। ବିଶେଷକରି ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତହସିଲ କାର୍ଯ୍ୟାଳୟରେ। ଏଠାରେ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ଅନେକ କର୍ମଚାରୀ ପଦବୀ ଖାଲି ପଡ଼ିଛି। ସମସ୍ତ କାର୍ଯ୍ୟକୁ ବିଡିଓ ସମ୍ଭାଳୁଛନ୍ତି। ଉକ୍ତ ୩ ପ୍ରମୁଖ କାର୍ଯ୍ୟାଳୟରେ ସେବା ବାଧାପ୍ରାପ୍ତ ହେବା ସହ ଲୋକଙ୍କୁ ଠିକ୍ ସମୟରେ ସେବା ମିଳିପାରୁନାହିଁ। ଅନ୍ୟପକ୍ଷରେ ବିଡିଓ ୩ଟି କାର୍ଯ୍ୟାଳୟର କାର୍ଯ୍ୟ ଯୋଗୁ ବ୍ୟସ୍ତ ରହୁଥିବାରୁ ବେଆଇନ ଖଣି ଖନନ ଉପରେ ଚଢ଼ାଉ ହୋଇପାରୁନାହିଁ। ଫଳରେ ପଥର ଚୋରାଚାଲାଣ ବଢ଼ିବା ସହ ମାଫିଆ ଉତ୍ପାତ ବଢ଼ିବାରେ ଲାଗିଛି। ଏଥିଯୋଗୁ ସରକାର ରାଜସ୍ୱ ହରାଉଛନ୍ତି। ତେବେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଅଧିକାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ଜିଲାପାଳଙ୍କ ଜରିଆରେ ବେଗୁନିଆର ଏକ ପ୍ରମୁଖ ସଙ୍ଗଠନ ପତ୍ର ପ୍ରଦାନ କରିଛି। ଏ ସମ୍ପର୍କରେ ୩ଟି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବିଡିଓ ସାହୁ କୁହନ୍ତି, ସରକାରୀ କାର୍ଯ୍ୟରେ କୌଣସି ବ୍ୟାହତ ସୃଷ୍ଟି ହୋଇନାହିଁ। ଯଦି କୌଣସି ଜନସାଧାରଣ ସେବା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ କାର୍ଯ୍ୟାଳୟରେ ଭେଟନ୍ତୁ ବୋଲି ସେ କହିଛନ୍ତି।

# ଟ୍ରକ୍ ବୋଝେଇ ୩ ଶହ କୁଇଣ୍ଟାଲ ଧାନ ଜବତ

## ତେଲଙ୍ଗାନା ଚାଲାଣ ବେଳେ ଧରାପଡ଼ିଲା

**ଖୋର୍ଦ୍ଧା ଅଫିସ,୩୧।୧୨:** ଖୋର୍ଦ୍ଧାରେ ଧାନମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ ଧାନ ବାହାର ରାଜ୍ୟକୁ ଚାଲାଣ ହେଉଛି। ଗାଁରେ ବେପାରୀ, ଦଲାଲମାନେ ପଶି ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଧାନ କିଣି ନେଉଛନ୍ତି। ଏନେଇ 'ଧରିତ୍ରୀ'ରେ ଗତ ଡିସେମ୍ବର ୩୧ ରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ, ଜିଲା ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବେଆଇନ ଭାବେ ଧାନ ଚାଲାଣକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି। ଶନିବାର ଟାଙ୍ଗୀ ଅଞ୍ଚଳରୁ ବେଆଇନ ଭାବେ ଧାନ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଖବରପାଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଜାତୀୟ ରାଜପଥ କୁହୁଡି ଫାଣ୍ଡି ନିକଟରେ ଚଢ଼ାଉ କରି ୩ଶହ କୁଇଣ୍ଟାଲ ୬୩କେଜି ଧାନ ଜବତ କରିଛନ୍ତି। ଟ୍ରକ(ଟିଏସ-ଓଆଇୟୁସି-୧୮୩୦)କୁ କୁହୁଡି ଫାଣ୍ଡିରେ ଜିମା ଦିଆଯାଇଥିବା ବେଳେ ଡ୍ରାଇଭର ଅଟକ ରହିଛି। ଜବତ ଧାନକୁ ନିକଟସ୍ଥ ଜଗନ୍ନାଥ ରାଇସମିଲକୁ ଦିଆଯାଇଛି ବୋଲି ଯୋଗାଣ ଅଧିକାରୀ ପଣ୍ଡା କହିଛନ୍ତି।

ପ୍ରକାଶ ଯେ, ଜିଲାରେ ବିଧିବଦ୍ଧ ଭାବେ ଧାନମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ସୋମବାର ଠାରୁ ସମସ୍ତ ମଣ୍ଡିରେ ଧାନ କିଣାଯିବ। ତେବେ ଧାନ ଅମଳ ପରଠାରୁ ଦଲାଲମାନେ ଗାଁରେ ପଶି ଚାଷୀଙ୍କ ସହ ଯୋଗାଯୋଗ କରି ଖଳାକୁ ଧାନ ଆଣିବା ପୂର୍ବରୁ ବିଲରୁ କମ୍ ଦାମରେ ଧାନ କିଣି ନେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଶନିବାର କୌଣସି ସୂତ୍ରରୁ ଖବରପାଇ ଜିଲା ଯୋଗାଣ ବିଭାଗର ଏକ ଟିମ ଜାତୀୟ ରାଜପଥରେ ଚଢ଼ାଉ କରିଥିଲେ। ଯୋଗାଣ ଅଧିକାରୀ ପଣ୍ଡା, ଟାଙ୍ଗୀ ମାର୍କେଟିଂ ଅଫିସର ଅରୁଣ କୁମାର ଲେଙ୍କା, କୁହୁଡି ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ୧୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ଅପରାହ୍ନରେ ଯାଞ୍ଚ କରିଥିଲେ। ଏହି ସମୟରେ କୁହୁଡି ଫାଣ୍ଡି ନିକଟରେ ଏକ ଟ୍ରକକୁ ସନ୍ଦେହରେ ଅଟକାଇ ପଚରାଉଚୁରା କରିବା ବେଳେ ଧାନ ତେଲଙ୍ଗନା ଚାଲାଣ ହେଉଥିବା ଏବଂ ନିକଟସ୍ଥ ଚାଷୀଙ୍କଠାରୁ ଧାନକିଣିଥିବା ଡ୍ରାଇଭର ସ୍ୱୀକାର କରିଥିଲା। ପରେ ଯୋଗାଣ ବିଭାଗ ଟ୍ରକ ବୋଝଇ ଧାନକୁ ଜବତ କରିଥିଲା। ଆଗାମୀ ଦିନରେ ଯାଞ୍ଚ ପ୍ରକିୟାଙ୍କୁ କଡାକଡି କରାଯିବ ବୋଲି ପଣ୍ଡା କହିଛନ୍ତି।

# ୪ରୁ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ଖୋର୍ଦ୍ଧା ଅଫିସ,୩୧।୧୨:** ବକ୍ସି ଜଗବନ୍ଧୁ(ବିଜେବି)ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୪ ତାରିଖରୁ ତିନିଦିନ ବ୍ୟାପୀ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ସମ୍ବନ୍ଧୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ୨୧୦ ଜଣ ଛାତ୍ରୀଛାତ୍ର ଏବଂ ତାଙ୍କ ଗାଇଡ୍ ଶିକ୍ଷକମାନେ ଯୋଗଦେବେ। ଏନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏଡିଇଓ) ସ୍ନିଗ୍ଧା ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୦ଟି ବ୍ଲକର ବ୍ଲକ ଶିକ୍ଷାଧିକାରୀ ଏବଂ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶୃଙ୍ଖଳା ଦୃଷ୍ଟିରୁ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବ। ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସେକ୍ ଗହ୍ୱର ଅଲ୍ଲୀ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ଦାଶ ଓ ଜିଲା ସମ୍ପାଦକ ସୁଧାକର ମହାପାତ୍ର ଶୃଙ୍ଖଳିତ, ବ୍ୟବସ୍ଥିତ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂହ ବୈଠକରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ଅଭିରାମ ବେହେରା ସହଯୋଗ କରିଥିଲେ। ମିଳିତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।




# କଳା, ସଂସ୍କୃତି ସମ୍ପର୍କ ଯୋଡ଼ିଥାଏ

## ଭଜନ, ଶାସ୍ତ୍ରୀୟ ସଙ୍ଗୀତରେ ନୂତନ ବର୍ଷକୁ ସ୍ୱାଗତ

**ଖୋର୍ଦ୍ଧା ଅଫିସ,୩୧।୧୨:** ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ସବୁଠି ରହିଛି ଉତ୍ସାହ। ଅନେକ ସ୍ଥାନରେ ଜିରୋ ନାଇଟ ସେଲିବ୍ରେଶନ ଚାଲିଥିବା ବେଳେ ଖୋର୍ଦ୍ଧାରେ ନିଆରା ଢଙ୍ଗରେ ପାଳନ ହୋଇଛି। ଏକ ଘରୋଇ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଜୟୀ ରାଜଗୁରୁ ଭବନ ପରିସରରେ ଆୟୋଜିତ ହୋଇଯାଇଛି କଳାକାର ଉତ୍ସବ। ନାଚଗୀତ ପରିବର୍ତ୍ତେ ଚାଲିଥିଲା ଭଜନ, ଶାସ୍ତ୍ରୀୟ ସଙ୍ଗୀତ ଆସର। କଣ୍ଠଶିଳ୍ପୀଙ୍କ ଦ୍ୱାରା ଆହେ ନୀଳ ଶୈଳ, ଥକାମନ ଚାଲ ଯିବା, ଆରେ ମୁଁ ଶ୍ରୀକ୍ଷେତ୍ର ଯିବି ଆଦି ଶ୍ରୀଜଗନ୍ନାଥଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଖୋର୍ଦ୍ଧା ସବ୍‌ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ, ବିଜେଡି ନଗର ସଭାପତି ମହମ୍ମଦ ଆରିଫ, ସାମାଜିକ କର୍ମୀ ଲଳିତ ମୋହନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କଳା, ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହା ପରସ୍ପର ମଧ୍ୟରେ ସମ୍ପର୍କକୁ ନିବିଡ଼ କରିଥାଏ। ଉତ୍କଳୀୟ ସଂସ୍କୃତି ଆଜି ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି ବୋଲି ବିଧାୟକ ମିତ୍ର କହିଥିଲେ। ରବି ନାରାୟଣ ମିଶ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାଳିଜାଈ ପୀଠରେ ପର୍ଯ୍ୟଟକଙ୍କ ଭିଡ଼

**କୃଷ୍ଣପ୍ରସାଦ,୩୧।୧୨(ଡି.ଏନ୍.ଏ.):** ପୁରୀ ଜିଲା ଅନ୍ତର୍ଗତ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଈଙ୍କ ପୀଠ ନବବର୍ଷର ଅବ୍ୟବହିତ ପୂର୍ବରୁ ଶନିବାର ଚଳଚଞ୍ଚଳ ହୋଇଉଠିଥିଲା। ସକାଳଠାରୁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନୌବିହାର, ବିଦେଶୀ ପକ୍ଷୀ ଓ କାଳିଜାଈ ପୀଠ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଭିଡ଼ ନିୟନ୍ତ୍ରଣ ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଡ୍ ପ୍ରସ୍ତୁତ କରାଯାଇଛି। କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ପୀଠରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ ପ୍ରସିଦ୍ଧ ମକର ମେଳା ମହୋତ୍ସବ ନିମନ୍ତେ ଏଠାରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।












## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର କଲେଜର ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପୌରନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଓ କ୍ରୀଡାବିତ୍ ବିପିନ ବିହାରୀ ମହାନ୍ତି ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି କହିଥିଲେ। ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଆଥ୍‌ଲେଟିକ କ୍ଲବ ଉପସଭାପତି ସଞ୍ଜୟ କୁମାର ଧଳ, ସହଯୋଗୀ ଉପସଭାପତି ବସନ୍ତ କୁମାର ବିଶ୍ୱାଳ, ଡ. ମମତା ସାହୁ, ଚନ୍ଦ୍ରଶେଖର ପଣ୍ଡା, କ୍ରୀଡା ଶିକ୍ଷକ ବୈଦ୍ୟନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩୬୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା

କଟକ ସଦର,୩୧।୧୨(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁରଠାରେ ଶୁକ୍ରବାର ୩୬୩ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରାକେଶ ବେହେରା, ସମର ବେହେରା, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ବିଭୂତି ଭୂଷଣ ପରିଡା ପ୍ରମୁଖ ଯୋଗଦେଇଥିଲେ।




# ୩ ପର୍ଯ୍ୟାୟରେ ହେବ କୃଷିଗଣନା ସର୍ବେକ୍ଷଣ

**କୃଷି ଗଣନା ସର୍ବେକ୍ଷଣ ପାଇଁ ସମନ୍ୱୟ କମିଟି ବୈଠକ**

**କଟକ ଅଫିସ, ୩୧।୧୨**

ଜିଲାରେ କୃଷିଗଣନା ସର୍ବେକ୍ଷଣ ୩ଟି ପର୍ଯ୍ୟାୟରେ କରାଯିବ। ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମରେ ଜମିର ମାଲିକାନା ଓ ଜମିର ଆକାର, ବ୍ୟକ୍ତିଗତ କୃଷି, ଯୁଗ୍ମ କୃଷି, ଆନୁଷ୍ଠାନିକ କୃଷି, କୃଷି ଯନ୍ତ୍ରପାତି ଉପଯୋଗ, ଜୈବିକ ଓ ରାସାୟନିକ ସାର ଏବଂ ଔଷଧ ଆଦିର ବ୍ୟବହାର ସମ୍ପର୍କରେ ତଥ୍ୟ ସଂଗ୍ରହ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଏକାଦଶ କୃଷିଗଣନା ସର୍ବେକ୍ଷଣ ନିମନ୍ତେ ପ୍ରଥମ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ ପ୍ରଥମଥର ପାଇଁ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର କୃଷିଗଣନା କଟକ ଜିଲାର ୨୦୬୯ଟି ଗ୍ରାମରେ ଶତପ୍ରତିଶତ ସର୍ବେକ୍ଷଣ କରାଯିବ। ଏଥିନିମନ୍ତେ ୧୪୩ ଗଣନାକାରୀ ଓ ୪୮ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା କ୍ଷେତ୍ର ପରିସଂଖ୍ୟାନକାରୀ, ରାଜସ୍ୱ ବିଭାଗ ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀମାନେ ସର୍ବେକ୍ଷଣ କରିବେ। ଏଥିସହ ଜିଲାର ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀ, ପରିସଂଖ୍ୟାନ ଅଧିକାରୀ, ରାଜସ୍ୱ ନିରୀକ୍ଷକମାନେ ସର୍ଭେକୁ ନିରୀକ୍ଷଣ ନିମନ୍ତେ ନିଯୋଜିତ ହେବେ। ରାଜସ୍ୱ ବିଭାଗ ସହଯୋଗରେ ପର୍ଯ୍ୟବେକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଚଳିତ ବର୍ଷ କୃଷି ଗଣନାର ତଥ୍ୟ ପ୍ରଥମଥର ପାଇଁ ଡିଜିଟାଲ ମୋବାଇଲ ଆପ୍‌ରେ ଉପଲବ୍ଧ ହେବ। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଜନା ଓ ପର୍ଯ୍ୟବେକ୍ଷଣ ସହକାରୀ ନିର୍ଦ୍ଦେଶକ କବିତା ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଧାନଗଦାରେ ନିଆଁ ଲଗାଇ ଅଭିଯୁକ୍ତ ଗିରଫ

**କଟକ ସଦର,୩୧।୧୨(ଡି.ଏନ୍.ଏ.)**

କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସ ତଳସାହି ଗ୍ରାମର ସୁଧୀର ମହାରଣା ନାମକ ବ୍ୟକ୍ତିଙ୍କ ଧାନଗଦାରେ ନିଆଁ ଲଗାଇବା ଅଭିଯୋଗରେ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଅରକ୍ଷିତ ମହାରଣା(୫୫)। ଗୁରୁବାର ରାତିରେ ଅରକ୍ଷିତ ଧାନଗଦାରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୪୫/୨୨) ରୁଜୁ କରିଥିଲା।







# ପ୍ରତିବାଦକାରୀଙ୍କୁ ଜିଲାପାଳଙ୍କ ଦୁର୍ବ୍ୟବହାର ଅଭିଯୋଗ

**ତହସିଲ ଅଫିସ ସ୍ଥାନାନ୍ତର ଦାବିରେ ଧାରଣା ଜାରି**

**ମଙ୍ଗୁଳି-ଜଗତପୁର, ୩୧।୧୨(ଡି.ଏନ.ଏ.)**

କଟକ ଜଗତପୁରଠାରେ ଥିବା ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟକୁ ସ୍ଥାନାନ୍ତର ଦାବିରେ ୧୦ ଦିନ ହେବ ଗଣଧାରଣା ଜାରି ରହିଛି। ଶନିବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଡିଓ ଆଶୁତୋଷ ମିଶ୍ର, ଅତିରିକ୍ତ ବିଡିଓ ଏବଂ ସ୍ଥାନୀୟ ପୋଲିସ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଯଥାଶୀଘ୍ର ଧାରଣା ପ୍ରତ୍ୟାହାର ପାଇଁ କହିଥିବା ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି। ନ୍ୟାୟ ଦେବା ପରିବର୍ତ୍ତେ ଜିଲାପାଳଙ୍କ ଏଭଳି ବ୍ୟବହାରକୁ ଟାଙ୍ଗୀ ଅଞ୍ଚଳବାସୀ ସହ୍ୟ କରିବେ ନାହିଁ। ଆଗାମୀ ଦିନରେ ସର୍ବଦଳୀୟ ବୈଠକ କରାଯାଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଆବାହକ ତଥା ଆଇନଜୀବୀ ପ୍ରଭାତ କୁମାର ପ୍ରହରାଜ କହିଛନ୍ତି। ଏ ନେଇ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




# ଉଠାଦୋକାନୀଙ୍କୁ ଥାଇଥାନ ପାଇଁ ଦାବି

**କଟକ ଅଫିସ,୩୧।୧୨**

ଉଠା ଦୋକାନୀଙ୍କୁ ଥାଇଥାନ ପାଇଁ କଟକ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆବଜାର ଅଞ୍ଚଳରେ ଖାଲିଥିବା ସରକାରୀ ଜାଗାରେ ତୁରନ୍ତ ସେମାନଙ୍କୁ ଥଇଥାନ କରାଯାଉ ବୋଲି ସଂଘ ଦାବି କରିଛି। ଏନେଇ ସଂଘ ସଭାପତି ପ୍ରକାଶ ଦାସ କହିଛନ୍ତି, ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଏଥିପାଇଁ ସହରର ବିଭିନ୍ନ ସ୍ଥାନରୁ ଶତାଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। ନିକଟରେ ନୂଆବଜାର ଅଞ୍ଚଳରୁ ଉଚ୍ଛେଦ କରାଯାଇଛି। ପ୍ରତିଦିନ ପେଟପାଟଣା ପାଇଁ ରାସ୍ତାପାର୍ଶ୍ୱରେ ବ୍ୟବସାୟ କରି କରିଆସୁଥିବା ଉଠା ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରା ନ ଗଲେ ସେମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇଯିବ ବୋଲି ସେ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ଶ୍ରୀଧର ବେହେରା ଓ ଫକୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# ନାଟକ 'ମୁଁ ଫେରିଆସିଛି' ମଞ୍ଚସ୍ଥ

**କଟକ ଅଫିସ,୩୧।୧୨**

ବକ୍ସିବଜାରସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ବି' ଗ୍ରୁପ୍ ପକ୍ଷରୁ ଡ. ବିଧୁଭୂଷଣ ପଣ୍ଡାଙ୍କ ରଚିତ ନାଟକ 'ମୁଁ ଫେରିଆସିଛି' ମଞ୍ଚସ୍ଥ ହୋଇଯାଇଛି। ହେମନ୍ତ ଦାଶଙ୍କ ନିର୍ଦ୍ଦେଶନା ଓ ବିନୟ ଦାସଙ୍କ ସଙ୍ଗୀତ ସଂଯୋଜନାରେ ପରିବେଷିତ ଏହି ନାଟକ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା। ବିଭିନ୍ନ ଭୂମିକାରେ ଆଲୋକ ନାୟକ, ଶ୍ରୀବତ୍ସ ମହାନ୍ତି, ଚନ୍ଦନ କୁମାର ସାହୁ, ସୁଜିତ୍ ଦାସ, ସତ୍ୟ ପୃଷ୍ଟି, କୃଷ୍ଣ ବାବୁ, ଆୟୁଷ୍ମାନ୍ ସାହୁ, ସଚିନ ମହାନ୍ତି, ସୁଭଦ୍ରା ମହାରଣା, ସ୍ୱପ୍ନାରାଣୀ ପାତ୍ର, ତପସ୍ୱିନୀ ସେଠୀ ଓ ସୌମ୍ୟାଶ୍ରୀ ଦାସ ପ୍ରମୁଖ ଅଭିନୟ କରିଥିଲେ। ଏହି ଅବସରରେ ଥିଏଟରର ସଭାପତି ପ୍ରଣବ କର ଓ ସମ୍ପାଦିକା ଆହ୍ଲାଦିନୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଏସିପି ତାପସ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ଅମିତାଭ ମହାପାତ୍ର, ଅଭିନେତ୍ରୀ ରାଧାରାଣୀ ସରକାର ଅତିଥି ଭାବେ ଯୋଗଦେଇଥିଲେ। ମହମ୍ମଦ ସଫିଉଲ ହକ୍, ରଶ୍ମିତା ପରିଜା, ଦୀପକ ଦାସ, ଅଶୋକ ସାହୁ, ଜଳନ୍ଧର ମହାନ୍ତି, ଛବି ସାହୁ, ବସନ୍ତ ଦାସ, ଅଶୋକ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# 'ଅନ୍ନପୂର୍ଣ୍ଣା ଥିଲେ ଅନନ୍ୟ ବ୍ୟକ୍ତିତ୍ୱ'

**ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରାଣାଙ୍କ ଶ୍ରାଦ୍ଧବାର୍ଷିକୀ**

**କଟକ ଅଫିସ, ୩୧।୧୨:** ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଓ ସର୍ବୋଦୟ ପରିବାର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରାଣାଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀଭବନଠାରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ହାଇକୋର୍ଟର ପୂର୍ବତନ ବିଚାରପତି ଚୌଧୁରୀ ପ୍ରତାପ କେଶରୀ ମିଶ୍ର ସଭାପତିତ୍ୱ କରି କହିଥିଲେ, ଅନ୍ନପୂର୍ଣ୍ଣା ଥିଲେ ଅନନ୍ୟ ସାଧିକା ଓ ବିରଳ ବ୍ୟକ୍ତିତ୍ୱ। ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ପ୍ରତିଟି କ୍ଷେତ୍ରରେ ଅନ୍ନପୂର୍ଣ୍ଣାଙ୍କ ଯୋଗଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏଥିରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସଭାପତି ମିହିର ପ୍ରତାପ ଦାସ, ଡ. ସତ୍ୟ ରାୟ, ଜୟନ୍ତୀ ମଞ୍ଜରୀ ରଥ, ଡ. ସ୍ୱପ୍ନା ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି, ଜୟନ୍ତ ଦାସ, ରାମଚନ୍ଦ୍ର ଶୁକ୍ଳ, ଅନ୍ନପୂର୍ଣ୍ଣା ସାହୁ, କୃଷ୍ଣାରାଣୀ ବୋଷ୍, ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ କସ୍ତୁରବା ଟ୍ରଷ୍ଟର ରାଜ୍ୟ ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ ଅନ୍ନପୂର୍ଣ୍ଣା ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ୍ କାର୍ଯ୍ୟକ୍ରମ ସଂଯୋଜନା ଓ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।



# ଆଜିଠୁ ଶ୍ରୀମନ୍ଦିରକୁ ମୋବାଇଲ ମନା

**ପୁରୀ ଅଫିସ,୩୧।୧୨:** ଜାନୁୟାରୀ ୧ ଅର୍ଥାତ୍ ରବିବାର ଇଂଲିଶ ନବବର୍ଷଠାରୁ ଶ୍ରୀମନ୍ଦିର ପରିସରକୁ କେହି ବି ମୋବାଇଲ ଫୋନ ନେଇପାରିବେ ନାହିଁ। ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନେ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରରେ କରାଯାଇଥିବା ମୋବାଇଲ ଷ୍ଟାଣ୍ଡରେ ଫୋନ ରଖି ଶ୍ରୀମନ୍ଦିରକୁ ଯିବେ। ତେବେ ବିନା କ୍ୟାମେରା ଥିବା ଫୋନ ସେବାୟତମାନେ ଶ୍ରୀମନ୍ଦିର ଭିତରକୁ ନେଇପାରିବେ। ଯଦି କେହି ମୋବାଇଲ ନେଇ ଶ୍ରୀମନ୍ଦିର ଭିତରକୁ ଯିବାବେଳେ ଧରାପଡନ୍ତି, ତେବେ ତାଙ୍କଠାରୁ ଜରିମାନା ଆଦାୟ କରାଯିବ। ତେବେ ମହାପ୍ରଭୁଙ୍କ ନୀତି ନିର୍ଘଣ୍ଟ ଜାଣିବା ପାଇଁ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ଗୋଟିଏ ସ୍ମାର୍ଟଫୋନ ରହିବ। ସୂଚନାଯୋଗ୍ୟ, ପୂର୍ବରୁ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀ ଶ୍ରୀମନ୍ଦିରକୁ ମୋବାଇଲ ନେଉଥିଲେ। ପରେ ଫଟୋ ବାରମ୍ବାର ଭାଇରାଲ ହେବା ପରେ ପୋଲିସ ଓ ସେବାୟତଙ୍କ ପାଇଁ ଶ୍ରୀମନ୍ଦିରକୁ ମୋବାଇଲ ବାରଣ କରାଗଲା। ପରେ ଶ୍ରୀମନ୍ଦିର ଛତିଶା ନିଯୋଗ ଓ ପରିଚାଳନା କମିଟି ମିଟିଂରେ ଉକ୍ତ ନିଷ୍ପତ୍ତି ହୋଇଥିଲା।




## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧୨।୨୦୨୨

| | |
|---|---|
| ୪,୫୩,୪୮୦ ଟଙ୍କା | |
| ସୁନା | ୩.୬୦୦ ଗ୍ରାମ |
| ରୁପା | ୨୨.୫୦୦ ଗ୍ରାମ |

# ନୂଆବର୍ଷ ନେଇ ଉତ୍ସବମୁଖର ଶ୍ରୀକ୍ଷେତ୍ର

**ପୁରୀ ଅଫିସ,୩୧।୧୨**

ବିଦାୟ ନେଇଛି ୨୦୨୨ବର୍ଷ। ଏଥିସହ ବର୍ଷର ଅନେକ ସୁଖଦୁଃଖର ଅନୁଭୂତି ଦେଇଥିବା ବେଳେ ଛାଡ଼ିଯାଇଛି ଅନେକ ସ୍ମୃତି। ପୁରୀବାସୀଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକ ଇଂଲିଶ ବର୍ଷ ୨୦୨୨କୁ ବିଦାୟ ଦେବା ସହ ନୂଆ ଆଶା ନେଇ ୨୦୨୩କୁ ସ୍ୱାଗତ କରିଛନ୍ତି। ନୂତନ ବର୍ଷରେ ବେଳାଭୂମିରେ ପ୍ରଥମ ସୂର୍ଯ୍ୟଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ବର୍ଷ ଆରମ୍ଭ କରିବା ପାଇଁ ପୁରୀରେ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ଏଥିପାଇଁ ସହର ଉତ୍ସବମୁଖର ହୋଇପଡ଼ିଛି। ପୁରୀ ସହରରେ ଥିବା ହୋଟେଲ, ଲଜ୍‌ଗୁଡ଼ିକୁ ଆଗୁଆ ସବୁ ବୁକିଂ କରିଦେଇଛନ୍ତି। ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ହୋଇଥିବା ବ୍ୟାରିକେଡକୁ ମାର୍କେଟ ଛକ ସମ୍ପ୍ରସାରଣ କରାଯାଇଛି। ଡିସେମ୍ବର ୩୧ ବର୍ଷର ଶେଷ ଦିନରେ ସେତେଟା ଗହଳି ପରିଲକ୍ଷିତ ହୋଇ ନ ଥିଲେ ମଧ୍ୟ ନୂଆବର୍ଷରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିବ। ଏଥିପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡକୁ ସୁନ୍ଦର ଭାବେ ସଜାଯାଇଛି। ଭକ୍ତଙ୍କୁ ମହାପ୍ରଭୁଙ୍କ ନୀତିକାନ୍ତିର ସୂଚନା ଦେବା ପାଇଁ ବ୍ୟାରିକେଡ ଭିତରେ ଏଲ୍‌ଇଡି ଲଗାଯାଇଛି। ଏଥିସହ ଚପଲ ଷ୍ଟାଣ୍ଡ, ରେଟ ଚାର୍ଟ ଲଗାଯାଇଛି। ଶନିବାର ମହାପ୍ରଭୁଙ୍କ ନୀତିକାନ୍ତିକୁ ତ୍ୱରାନ୍ୱିତ କରାଯିବା ନେଇ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ବଡ଼ଦାଣ୍ଡରେ ସମସ୍ତ ଉଠାଦୋକାନ ବନ୍ଦ ରଖାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଏସ୍‌ପି କେ.ବିଶାଲ ସିଂହ ସୂଚନା ଦେଇଛନ୍ତି। ସେହିପରି ବେଳାଭୂମିରେ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ନିରାପଦ ସମୁଦ୍ର ସ୍ନାନ ପାଇଁ ଲାଇଫଗାର୍ଡଙ୍କୁ ତାଲିମ ଦିଆଯାଇଛି। ସେହିପରି ବର୍ଷର ଶେଷଦିନରେ ଭକ୍ତ ଓ ପର୍ଯ୍ୟଟକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟାରେ ବେଳାଭୂମି ଯାଇ ଶେଷ ସୂର୍ଯ୍ୟାସ୍ତ ଦେଖିଥିଲେ। ଗାଜିଆବାଦରୁ ଆସିଥିବା ପୂର୍ଣ୍ଣିମା ଦତ୍ତାରୟ କହିଛନ୍ତି, ଶ୍ରୀଜଗନ୍ନାଥ ଡାକିଥିବାରୁ ନୂଆବର୍ଷ ଅବସରରେ ପୁରୀ ଆସି ବର୍ଷର ଅନ୍ତିମ ଦିବସରେ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇପାରିଲି । ପ୍ରଶାସନ ପକ୍ଷରୁ ଭଲ ବ୍ୟବସ୍ଥା କରାଯାଇଛି।




# ଶ୍ରୀମନ୍ଦିର ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି

**ପୁରୀ ଅଫିସ,୩୧।୧୨**

୨୦୨୨ ବର୍ଷର ଶେଷଦିନରେ ଶ୍ରୀମନ୍ଦିରରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଛି। ସୂଚନାଯୋଗ୍ୟ, ନୀଳଚକ୍ରରେ ଶୁକ୍ରବାର ବନ୍ଧାଯାଇଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ନେଇ ଶନିବାର ଚୂନରା ସେବକ ଦେଖିଥିଲେ। ପତିତପାବନ ବାନା ଉଡୁଥିବା ସମୟରେ ଜୋରରେ ପବନ ହେଲେ କିମ୍ବା ଝଡ଼ ବର୍ଷା ହେଲେ ବାନା ଶୂନ୍ୟରେ ଆପେ ଆପେ ଗଣ୍ଠି ପଡ଼ିଯାଇଥାଏ। ଯେହେତୁ ବାନା ଶୂନ୍ୟରେ ଗଣ୍ଠି ପଡୁଥିବାରୁ ଏହି ଗଣ୍ଠିକୁ ଶୂନ୍ୟ ଗଣ୍ଠି ବୋଲି କୁହାଯାଇଥାଏ। ଏ ନେଇ ଚୂନରା ସେବାୟତ ଶରତ କୁମାର ମହାନ୍ତି କୁହନ୍ତି, ଶୂନ୍ୟଗଣ୍ଠି ପ୍ରାୟତଃ ଦେଖିବାକୁ ମିଳି ନ ଥିବାବେଳେ ବର୍ଷକୁ ଥରେ ୨ଥର ହୋଇଥାଏ। ଉକ୍ତ ଗଣ୍ଠିକୁ ଖୋଲିବା କଷ୍ଟକର ହୋଇଥିବାରୁ ଧାରୁଆ ଅସ୍ତ୍ରରେ କଟାଯାଇଥାଏ। ଗୋଟେ ଗଣ୍ଠିର ଓଜନ ୫ରୁ ୧୦ କେଜି ପର୍ଯ୍ୟନ୍ତ ରହିଥାଏ। ଏହି ଶୂନ୍ୟ ଗଣ୍ଠିର ଅନେକ ମାହାତ୍ମ୍ୟ ରହିଛି। ଏହି ଶୂନ୍ୟଗଣ୍ଠିକୁ ଭକ୍ତମାନେ ତାଙ୍କ ଘରେ ବା ଦାଣ୍ଡ ଦୁଆରେ ରଖିଥାନ୍ତି। ଏହାଦ୍ୱାରା ଖରାପ ଗ୍ରହଙ୍କ ଦୃଷ୍ଟି ଘରେ ପଡ଼ି ନ ଥାଏ। ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନରେ ଶୂନ୍ୟ ଗଣ୍ଠି ବାନାକୁ ରଖିଥାନ୍ତି। ଅପରପକ୍ଷେ ପ୍ରସବ କରିବାକୁ ଥିବା ମହିଳା ଶୂନ୍ୟ ଗଣ୍ଠିକୁ ଧୋଇ ସେଇ ପାଣିକୁ ପିଇବା ଦ୍ୱାରା ପ୍ରସବ କଷ୍ଟ ଲାଘବ ହୋଇଥାଏ। ତେଣୁ ଭକ୍ତମାନେ ଚୂନରା ସେବାୟତଙ୍କୁ କିଛି ପ୍ରାପ୍ୟ ଦେଇ ଏହି ଶୂନ୍ୟଗଣ୍ଠି ନେଇଥାନ୍ତି। ଶୂନ୍ୟ ଗଣ୍ଠିକୁ ଲୋକଙ୍କ ମତରେ ବ୍ରହ୍ମ ଗଣ୍ଠି ବୋଲି ମଧ୍ୟ କୁହାଯାଇଥାଏ। ତେବେ ପୂର୍ବରୁ ଯେତେବେଳେ ଶ୍ରୀମନ୍ଦିର ନୀଳଚକ୍ରରେ ୧୫୧ ହାତିଆ ବାନା ଲାଗୁଥିଲା, ସେତେବେଳେ ଏହି ଶୂନ୍ୟଗଣ୍ଠି ଦେଖିବାକୁ ମିଳୁଥିଲା। କିନ୍ତୁ ବର୍ତ୍ତମାନ ନୀଳଚକ୍ରରେ ୧୪ହାତିଆ ବାନା ଲାଗୁଥିବାରୁ ଏହି ଶୂନ୍ୟ ଗଣ୍ଠି ପ୍ରାୟତଃ ଦେଖିବା ବିରଳ ବୋଲି ମହାନ୍ତି କହିଛନ୍ତି।

# ଇଂଲିଶ ନବବର୍ଷରେ ମହାପ୍ରଭୁଙ୍କୁ ରାତିରୁ ଉଠାଇବାକୁ ନାପସନ୍ଦ

**ପୁରୀ ଅଫିସ ୩୧।୧୨ :** ଜାନୁୟାରୀ ୧ ଇଂଲିଶ ନବବର୍ଷରେ ମହାପ୍ରଭୁଙ୍କୁ ରାତି ୧ଟାରେ ଉଠାଇ ନୀତି କରିବା ସହ ରାତି ଅଧରୁ ଦର୍ଶନ କରିବାକୁ ନାପସନ୍ଦ କରିଛନ୍ତି ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ। ସେ ଏକ ଭିଡିଓ ଜାରି କରି କରି ନୂତନ ବର୍ଷ ପାଳନ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଜାନୁୟାରୀ ୧କୁ ସମସ୍ତେ ନୂତନବର୍ଷ ଭାବେ ପାଳନ କରିବାକୁ ଯାଉଛନ୍ତି। ମାତ୍ର ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବବର୍ଷ ଭାବେ ପାଳନ କରାଯାଇଥାଏ। ସେହିପରି ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଇଥାଏ। ମାତ୍ର ଏବେ ଇଂଲିଶ ନବବର୍ଷ ପାଳନକୁ ଯାକଜମକ କରୁଥିବାରୁ ଓଡ଼ିଆ ନବବର୍ଷ ଫିକା ପଡୁଛି। ଯାହାର ମୂଳ କାରଣ ଇଂଲିଶ ନବବର୍ଷ ପାଳନ ନେଇ ଶ୍ରମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ କିଛିଦିନ ହେବ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଏହି ଅବସରରେ ରାତି ୧ଟାରୁ ମହାପ୍ରଭୁଙ୍କୁ ନିଦରୁ ଉଠାଯାଇ ନୀତି କରାଯିବ। ବ୍ୟାରିକେଡ ପ୍ରସ୍ତୁତ କରାଯାଉଛି। ଏହିଭଳି ପରମ୍ପରାକୁ ଶ୍ରୀମନ୍ଦିର ପ୍ରଶାସନ ପ୍ରୋତ୍ସାହନ ଦେଉଛି। କାରଣ ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ଯେଉଁଭଳି ଚାଲିବ ଭକ୍ତ ସେହିପରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ସମସ୍ତ ଦିନ ଭଳି ନିର୍ଦ୍ଧାରିତ ସମୟରେ ଶ୍ରୀମନ୍ଦିର ଦ୍ୱାରଖୋଲା ଯାଇଥିଲେ ଭଲ ହୋଇଥାନ୍ତା। ତେଣୁ ମହାପ୍ରଭୁଙ୍କୁ ରାତିଅଧରୁ ନ ଉଠାଯାଉ ବୋଲି ରଥ ଅନୁରୋଧ କରିଛନ୍ତି।

# ଯୋଗ ଶିକ୍ଷାକେନ୍ଦ୍ରର ଫୁଡ୍ ମହୋତ୍ସବ

**ପୁରୀ ଅଫିସ,୩୧।୧୨**

୨୦୨୨ବର୍ଷକୁ ବିଦାୟ ଜଣାଇବା ସହ ୨୦୨୩କୁ ସ୍ୱାଗତ କରିବାର ଲକ୍ଷ୍ୟ ନେଇ ଶନିବାର ଆଖଣ୍ଡଳମଣି ମନ୍ଦିର ପରିସରରେ ଆଖଣ୍ଡଳମଣି ଯୋଗ ଶିକ୍ଷା କେନ୍ଦ୍ର ପକ୍ଷରୁ ଏକ ଫୁଡ୍ ମହୋତ୍ସବ ପାଳିତ ହୋଇଛି। ଯୋଗ ଶିକ୍ଷା କେନ୍ଦ୍ରର ମହିଳା ଓ ପୁରୁଷମାନେ ଘରେ ପିଠା ପ୍ରସ୍ତୁତ କରି ଆଣିଥିଲେ। ଫୁଲର ସମ୍ଭାର ଭିତରେ ଝୋଟି ଚିତାରେ ସୁନ୍ଦର ପରିବେଶ ସୃଷ୍ଟି କରାଯାଇ ତା'ଉପରେ ପିଠା ଆଦି ରଖାଯାଇଥିଲା। ପ୍ରାୟ ୫୫ରୁ ଊର୍ଦ୍ଧ୍ୱ ପ୍ରକାରର ପିଠା, ଛେନାପୋଡ଼, ଛେନାପିଠା ଆଦି ପ୍ରସ୍ତୁତ କରାଯାଇ ସମସ୍ତ ଶିକ୍ଷାର୍ଥୀମାନଙ୍କ ଭିତରେ ବଣ୍ଟନ କରାଯାଇଥିଲା। ଯୋଗଗୁରୁ ମନୋଜ ନାୟକ ସମସ୍ତ ଶିକ୍ଷାର୍ଥୀଙ୍କୁ ଧନ୍ୟବାଦ ଦେଇଛନ୍ତି।




















୨୦୨୩ରେ ମୁକ୍ତି ଲାଭ କରିବାକୁ ଥିବା ଚର୍ଚ୍ଚିତ ଚଳଚ୍ଚିତ୍ର 'ଆଦିପୁରୁଷ'ର ଏକ ଦୃଶ୍ୟରେ ସୁପରଷ୍ଟାର୍ ପ୍ରଭାସ



# ଏ ବର୍ଷ ପରଦାରେ

ଚଳିତ ବର୍ଷ ପରଦା ଉପରକୁ ଆସିବାକୁ ଥିବା ସମ୍ଭାବ୍ୟ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା।

**ଜାନୁୟାରୀ ୧୩**
■କୁତ୍ତେ(ଅର୍ଜୁନ କପୁର, ତବୁ)
**ଜାନୁୟାରୀ ୨୦**
■ମିଶନ ମଜ୍‌ନୁ (ସିଦ୍ଧାର୍ଥ ମାଲହୋତ୍ରା, ରଶ୍ମିକା ମାନ୍ଧାନା)
**ଜାନୁୟାରୀ ୨୫**
■ପଠାନ୍ (ଶାହରୁଖ ଖାନ୍, ଦୀପିକା ପାଦୁକୋନ୍)
**ଜାନୁୟାରୀ ୨୬**
■ଗାନ୍ଧୀ ଗଡ୍‌ସେ-ଏକ ଯୁଦ୍ଧ (ଦୀପକ ଆନ୍ତାନୀ, ଚିନ୍ମୟ ମଣ୍ଡେଲକର)
**ଫେବୃୟାରୀ ୩**
■ଅଲମୋଷ୍ଟ ପ୍ୟାର୍ ଉଇଥ୍ ଡିଜେ ମୋହବତ୍ (କରନ୍ ମେହେଟ୍ଟା, ଆଲୟା ଏଫ.)
**ଫେବୃୟାରୀ ୧୦**
■ଶେହେଜାଦା (କାର୍ତ୍ତିକ ଆର୍ଯ୍ୟନ, କ୍ରୀତି ସାନନ)
**ଫେବୃୟାରୀ ୧୭**
■ମଇଦାନ (ଅଜୟ ଦେବଗନ, ପ୍ରିୟାମଣି)
**ଫେବୃୟାରୀ ୨୪**
■ସେଲ୍‌ଫି (ଅକ୍ଷୟ କୁମାର, ନୁସରତ ଭରୁଚା)
**ମାର୍ଚ୍ଚ ୩**
■ମିସେସ ଚାଟାର୍ଜୀ ଭର୍ସେସ ନରୱେ (ରାଣୀ ମୁଖାର୍ଜୀ)
**ମାର୍ଚ୍ଚ ୮**
■ତୁ ଝୁଠି ମେ ମକ୍କାର (ରଣବୀର କପୁର, ଶ୍ରଦ୍ଧା କପୁର)
**ମାର୍ଚ୍ଚ ୩୦**
■ଭୋଲା (ଅଜୟ ଦେବଗନ, ତବୁ)
**ଏପ୍ରିଲ ୭**
■ବୱାଲ୍ (ବରୁଣ ଧାୱନ, ଜାହ୍ନବୀ କପୁର)
**ଏପ୍ରିଲ ୨୧**
■କିସି କା ଭାଇ କିସି କି ଜାନ୍ (ସଲମାନ ଖାନ୍, ପୂଜା ହେଗ୍‌ଡେ)
**ଏପ୍ରିଲ ୨୮**
■ରକି ଔର ରାନୀ କି ପ୍ରେମ୍ କାହାନୀ (ରଣବୀର ସିଂ, ଆଲିୟା ଭଟ୍ଟ)
**ମେ ୧୨**
■ୟାରିୟାଁ-୨ (ଦିବ୍ୟା ଖୋସଲା, କୁମାର ପର୍ଲ ଭି. ପୁରୀ)
**ମେ ୨୬**
■ସ୍ୱତନ୍ତ୍ର ବୀର୍ ସବରକର (ରଣଦୀପ ହୁଡା, ଅଙ୍କିତା ଲୋଖାଣ୍ଡେ)
**ଜୁନ୍ ୨**
■ଯୱାନ (ଶାହରୁଖ ଖାନ୍, ନୟନତାରା,ବିଜୟ ସେତୁପତି)
**ଜୁନ୍ ୧୬**
■ଆଦିପୁରୁଷ (ପ୍ରଭାସ, ସୈଫ ଅଲ୍ଲୀ ଖାନ୍, କ୍ରୀତି ସାନନ୍)
**ଜୁନ୍ ୨୩**
■ଡ୍ରିମ୍ ଗର୍ଲ-୨ (ଆୟୁଷ୍ମାନ ଖୁରାନା, ଅନନ୍ୟା ପାଣ୍ଡେ)
**ଜୁନ୍ ୨୯**
■ସତ୍ୟପ୍ରେମ୍ କି କଥା (କାର୍ତ୍ତିକ ଆର୍ଯ୍ୟନ, କିଆରା ଆଡଭାନୀ)
**ଜୁଲାଇ ୭**
■ୟୋଦ୍ଧା (ସିଦ୍ଧାର୍ଥ ମାଲହୋତ୍ରା, ଦିଶା ପଟାନି)
**ଅଗଷ୍ଟ ୧୧**
■ଆନିମଲ୍ (ରଣବୀର କପୁର, ରଶ୍ମିକା ମନ୍ଧାନା)
**ଅଗଷ୍ଟ ୧୫**
■ତାରିକ୍ (ଜନ୍ ଆବ୍ରାହମ୍)
**ସେପ୍ଟେମ୍ବର ୫**
■ହାପି ଟିଚର୍ସ ଡେ (ନିମ୍ରତ କୌର, ରାଧିକା ମଦନ)
**ନଭେମ୍ବର୧୦**
■ଟାଇଗର-୩ (ସଲମାନ ଖାନ୍, କ୍ୟାଟ୍ରିନା କୈଫ)
■ହଣ୍ଡ୍ରେଡ୍ ପର୍‌ସେଣ୍ଟ (ଜନ୍ ଆବ୍ରାହମ୍, ନୋରା ଫତେହି)
**ଡିସେମ୍ବର ୧**
■ସାମ୍ ବାହାଦୁର (ଭିକି କୌଶଲ, ସାନ୍ୟା ମାଲହୋତ୍ରା)
**ଡିସେମ୍ବର ୨୨**
■ବଡେ ମିଆଁ ଛୋଟେ ମିଆଁ (ଅକ୍ଷୟ କୁମାର, ଟାଇଗର ଶ୍ରଫ)
■ଡୁନ୍‌କି (ଶାହରୁଖ ଖାନ୍, ତାପସୀ ପାନ୍ନୁ)

**ସୂଚନା:** ଏ ବର୍ଷ ଅକ୍ଟୋବରରେ କୌଣସି ହିନ୍ଦୀ ସିନେମା ମୁକ୍ତିଲାଭ ବିଷୟରେ ତାଲିକାରେ ଉଲ୍ଲେଖ କରାଯାଇନାହିଁ।



ଚଳଚ୍ଚିତ୍ର କୁତ୍ତେ



ଚଳଚ୍ଚିତ୍ର ପଠାନ୍



ଚଳଚ୍ଚିତ୍ର ବୱାଲ୍



ଚଳଚ୍ଚିତ୍ର କିସି କା ଭାଇ କିସି କି ଜାନ୍



ଚଳଚ୍ଚିତ୍ର ଯୋଦ୍ଧା



ଚଳଚ୍ଚିତ୍ର ସାମ୍ ବାହାଦୁର




ବଡେ ମିଆଁ ଛୋଟେ ମିଆଁ

'ଡ୍ୟୁନ୍: ପାର୍ଟ-୨'





'ଓମ୍ ଶ୍ରୀ ପ୍ରଜାପତୟେ ନମଃ' ସମ୍ପିତ- କୁକିଜ୍

# ଓଡ଼ିଆ ସିନେମା

୨୦୨୨ରେ ମୋଟ ୩୩ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। ତା'ସହ ଆଉ କେତେକ ସିନେମାର ଶୁଟିଂ ଏବଂ ପୋଷ୍ଟ ପ୍ରଡକ୍ସନ କାମ ମଧ୍ୟ ଚାଲୁ ରହିଥିଲା। ଚଳିତବର୍ଷ ମୁକ୍ତିଲାଭ କରିବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ରର ତାଲିକା ବେଶ୍ ଲମ୍ବା। ଏ ବର୍ଷ ପରଦାରେ ଭିନ୍ନ ଭିନ୍ନ କାହାଣୀକୁ ଆଧାର କରି ପ୍ରସ୍ତୁତ ଓଡ଼ିଆ ଚିତ୍ର ଦେଖିବାକୁ ମିଳିବ। ୨୦୨୩ ପ୍ରାରମ୍ଭରେ ମୁକ୍ତିଲାଭ କରୁଛି 'ଧୋ ରେ ବାଇଆ ଧୋ'। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଏହି ଫିଲ୍ମରେ ହାସ୍ୟାଭିନେତା ହରିହର ମହାପାତ୍ରଙ୍କୁ ଦର୍ଶକ ଆଉ ଏକ ନୂଆ ଭୂମିକାରେ ଦେଖିବାକୁ ପାଇବେ। ଅନ୍ୟପକ୍ଷରେ କିଛି ବର୍ଷର ଗ୍ୟାପ୍ ପରେ ଅନୁଭବ ମହାନ୍ତି ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି। ସେ ଅଭିନୟ କରୁଥିବା ତଥା ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ 'ଲଭ୍ ଇନ୍ ଲଣ୍ଡନ'ର ଶୁଟିଂ ଚାଲୁ ରହିଛି ଏବଂ ଫିଲ୍ମଟି ଚଳିତ ବର୍ଷ ମୁକ୍ତିଲାଭ କରିବ। ଆଉ ଏକ ଚର୍ଚ୍ଚିତ ସିନେମା 'ବାପା ସୁପରମ୍ୟାନ୍' ଏ ବର୍ଷ ରିଲିଜ ହେବ। ଅନ୍ୟତମ ଆଗଧାଡିର ତଥା ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ବାପା ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏ ବର୍ଷ ରିଲିଜ ହେବାକୁ ଥିବା ପ୍ରମୁଖ ଓଡ଼ିଆ ସିନେମାଗୁଡିକ ମଧ୍ୟରେ ରହିଛି- 'ଶଙ୍କର' (ସିଦ୍ଧାନ୍ତ ମହାପାତ୍ର), 'ପୁଷ୍କର' (ସବ୍ୟସାଚୀ ମିଶ୍ର, ସୁପ୍ରିୟା), 'କଳାପାହାଡ' (ଚନ୍ଦନ କର), 'ଜୟୀ ରାଜଗୁରୁ' (ବିଶ୍ୱରୂପ ମିଶ୍ର), 'ମହର୍ଷି' (ଚନ୍ଦନ କର), 'ପ୍ରିୟେ ତୁ ମୋର ସିଏ' (ଅମ୍ଲାନ, ଏଲିନା ପ୍ରିୟଦର୍ଶିନୀ), 'ଓମ୍ ଶ୍ରୀ ପ୍ରଜାପତୟେ ନମଃ' (ସମ୍ପିତ, କୁକିଜ୍), 'ଲିଙ୍ଗରାଜ ମନ୍ଦିର' (ଭୂମିକା ଦାଶ), 'ଶମ୍ଭୁ' (ଶୁଭମ୍, ତମନ୍ନା), 'ହାତକଡି' (ଜ୍ୟୋତି ନାୟକ, ସୁପ୍ରିୟା), 'ଏମ.ଭି.-୭୯: ସପନ କୁଣ୍ଡୁ' (ବିଶ୍ୱରୂପ ମିଶ୍ର), 'ବେସାହାରା' (ଜ୍ୟୋତି ନାୟକ, ସୁପ୍ରିୟା), 'ଆଇନା କେବେ ମିଛ କହେନା' (ଦୀପକ, ମୁସକାନ୍), 'ଟି' (ମୋହିତ କୁମାର ପୁରୀ, ହିମାଦ୍ରି ତନୟା ଦାସ), 'ତୋର ମୋର କଟି' (ଶୈଳେନ୍ଦ୍ର, ଶୀତଲ), 'କଫି ଶପ୍' (ଅଭିଷେକ ଗିରି, ପ୍ରକୃତି ମିଶ୍ର), 'ସଦର ଥାନାରୁ ଇନ୍ସପେକ୍ଟର ସନା' (ବର୍ଣ୍ଣି ଆର. ସାମଲ, ଅର୍ଚ୍ଚିତା ମହାନ୍ତି) ଏବଂ 'ମାମା ୱେଡ୍‌ସ ପାପା' (ଅଭିଷେକ, ପ୍ରିୟଙ୍କା) ।

'ବେସାହାରା'ରେ ଜ୍ୟୋତି-ସୁପ୍ରିୟା





'ସ୍ପାଇଡର-ମ୍ୟାନ୍: ଆକ୍ରସ ଦ ସ୍ପାଇଡର-ଭର୍ସ'

# ହଲିଉଡ୍

ଚଳିତ ବର୍ଷ ମୁକ୍ତିଲାଭ ଅପେକ୍ଷାରେ ଥିବା ପ୍ରମୁଖ ହଲିଉଡ୍ ଫିଲ୍ମଗୁଡିକ ହେଲା- 'ଓପେନହିମର' (ସେଲିଆନ୍ ମର୍ଫି, ଇମଲି ବ୍ଲଣ୍ଟ), 'ମିଶନ ଇମ୍ପସିବଲ୍-ଡେଡ୍ ରିନକିଙ୍ଗ-ପାର୍ଟ-୧' (ଟମ୍ କ୍ରୁଜ୍, ପମ୍ କ୍ଲେମିନଟିଫ), 'ଟ୍ରାନ୍ସଫରମର୍ସ: ରାଇଜ ଅଫ ଦ ବିଷ୍ଟସ' (ମାଇକେଲ ୟୋହୋ, ପିଟି ଡେଭିଡସନ୍), 'ଗାର୍ଡିଆନ୍ସ ଅଫ୍ ଦ ଗ୍ୟାଲେକ୍ସି: ଭଲ୍ୟୁମ-୩' (କ୍ରିସ୍ ପ୍ରାଟ୍ଟ, ଜୋ ସାଲଡାନା), 'ଆକ୍ୱାଆମ୍ୟାନ୍ ଆଣ୍ଡ ଦ ଲଷ୍ଟ କିଙ୍ଗଡମ୍' (ଜାସନ୍ ମୋମୋଆ, ବେନ୍ ଆଫଲେକ୍), 'ଦ ମାର୍ଭେଲସ୍' (ବ୍ରି ଲାର୍ସନ, ଟିହୋନା ପାରିସ୍), 'ଇଣ୍ଡିଆନା ଜୋନ୍‌ସ ଆଣ୍ଡ ଦ ଡାଏଲ ଅଫ ଡେଷ୍ଟିନି' (ହ୍ୟାରିସନ୍ ଫର୍ଡ, ମ୍ୟାଡସ ମିକେଲସେନ୍), 'ଦ ଫ୍ଲାସ୍' (ମାଇକେଲ ସାନନ, ବେନ୍ ଆଫ୍ଲେକ୍), 'କ୍ରାଭେନ୍ ଦ ହଣ୍ଟର' (ଆରୋନ୍ ଟେଲର ଜନସନ, ରୁସେଲ୍ କ୍ରୋ), 'ସ୍ପାଇଡର-ମ୍ୟାନ୍: ଆକ୍ରସ ଦ ସ୍ପାଇଡର-ଭର୍ସ' (ସମିକେ ମୁରେ, ହେଲି ଷ୍ଟେନଫିଲ୍ଡ), 'ଫାଷ୍ଟ ଏକ୍ସ' (ହେଲେନ୍ ମିରେନ୍, ଚାର୍ଲିଜ ଥେରୋନ୍), 'ସାଜାମ୍ ! ଫ୍ୟୁରି ଅଫ୍ ଦ ଗଡ୍‌ସ' (ହେଲେନ୍ ମିରେନ୍, ଜ୍ୟାଚେରି ଲେଭି), 'ଡ୍ୟୁନ୍: ପାର୍ଟ-୨' (ଟିମୋଥି ଚାଲାମେଟ୍, ରିବିକା ଫର୍ଗ୍ୟୁସନ), 'ଆଣ୍ଟ ମ୍ୟାନ୍ ଆଣ୍ଡ ଦ ୱାସପ: କ୍ୱାଣ୍ଟୁମାନିଆ' (ପଲ୍ ରୁଡ୍, ଇଭାଞ୍ଜେଲି ଲିଲି), 'ବ୍ଲୁ ବିଟିଲ୍' (ସୁଜାନ୍ ସାରାଣ୍ଡନ, ଜୋଲୋମାରି ଡୁଏନା), 'ଜନ୍ ୱିକ୍: ଚାପ୍ଟର-୪' (କିଆନୁ ରିଭିସ, ଡୋନି ୟେନ୍), 'ନକ୍ ଆଟ୍ ଦ କ୍ୟାବିନ୍' (ଡାଭେ ବାଉଟିସ୍ତା, ରୁପ୍ରେଟ ଗ୍ରିଣ୍ଟ), 'ଦ ଲିଟିଲ୍ ମରମେଡ୍' (ହାଲେ ବେଲି, ଜୋନାହ ହୌର-କିଙ୍ଗ), 'ହାରୋଲ୍ଡ ଆଣ୍ଡ ଦ ପର୍ପଲ କ୍ରେୟନ୍' (ଜୋଏ ଡେସଚାନେଲ, ଜାଚେରି ଲେଭି), 'ବାର୍ବି' (ମାର୍ଗୋଟ ରୁବି, ଇଉଲ ଫିରେଲ୍), 'ୱାଙ୍କା' (ଟିମୋଥି ଚାଲାମେଟ୍, ଓଲିଭିୟା କୋଲମାନ୍) ଏବଂ 'ରେଡ୍ ୱାନ୍' (ଡାୱେନି ଜନସନ, କ୍ରିସ୍ ଇଭାନ୍ସ)।

# ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ୬୦ ଜଣ ବଡ଼ବାବୁ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

**ଭିଜିଲାନ୍ସ ସମୀକ୍ଷା ରିପୋର୍ଟ-୨୦୨୨**

- ■ ବର୍ଷକରେ ଧରା ହୋଇଛନ୍ତି ୫୪୪
- ■ ୧୭୪ କୋଟି ସମ୍ପତ୍ତି, ୪ ମାମଲାରେ ୭ କୋଟି ଟଙ୍କା ଜବତ

୨୦୨୨ରେ ଓଡ଼ିଶା ଭିଜିଲାନ୍ସ ୫୪୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨୮୫ଟି ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରେ ୬୦ ଜଣ କ୍ଲାସ୍-୧ ଅଫିସର ଥିବା ବେଳେ ୫୩ ଜଣ କ୍ଲାସ୍-୨ ଅଫିସର, ୨୨୭ ଜଣ ତୃତୀୟ ଶ୍ରେଣୀ କର୍ମଚାର, ୭ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୩୮ ଜଣ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଏବଂ ୧୫୯ ଜଣ ବେସରକାରୀ ବ୍ୟକ୍ତି। ସେହିପରି ୨୦୦ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୪୭ ଜଣ ବିଭିନ୍ନ ବିଭାଗର ଇଞ୍ଜିନିୟର, ୩୧ ଜଣ ରାଜସ୍ୱ ଅଧିକାରୀ, ୨୦ ଜଣ ପୋଲିସ ଅଧିକାରୀ, ୧୩ ଜଣ ବନ ବିଭାଗ ଅଧିକାରୀ ଓ କର୍ମଚାରୀ, ୧୨ ଜଣ ଡାକ୍ତର ଓ ୭ ଜଣ ଆଇସିଡିଏସ କର୍ମଚାରୀ ଅଛନ୍ତି। ଶନିବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବାର୍ଷିକ ସମୀକ୍ଷା ରିପୋର୍ଟ-୨୦୨୨ରେ ଏହି ସୂଚନା ଦିଆଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ ୨୦୨୨ରେ ମୋଟ ୨୮୫ କ୍ରାଇମବ୍ରାଞ୍ଚ ମାମଲା ପଞ୍ଜୀକୃତ ହୋଇଛି। ଏହି ବର୍ଷ ୨୦୦ ସରକାରୀ ଅଧିକାରୀ ଏବଂ ଅନ୍ୟମାନଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏଣେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୮୪ଟି ମାମଲା ପଞ୍ଜୀକୃତ ହୋଇଛି। ଏ ବାବଦରେ ୧୭୪ କୋଟିରୁ ଅଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ ହୋଇଛି। ଦୁର୍ନୀତି ପାଇଁ ୨୯ ପ୍ରତିଶତ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୩୦ ପ୍ରତିଶତ ଓ ଲାଞ୍ଚ ନେବା ବେଳେ ଧରିପଡ଼ିଛନ୍ତି ୪୧ ପ୍ରତିଶତ କର୍ମଚାରୀ। ବିଗତ ୫ ବର୍ଷରେ ସର୍ବାଧିକ ପ୍ରଥମ ଶ୍ରେଣୀ କର୍ମଚାରୀଙ୍କୁ ଭିଜିଲାନ୍ସ ଧରିଛି। ସେହିପରି ଭିଜିଲାନ୍ସ ନଗଦ ଟଙ୍କା ଜବତ କରିବାରେ ଚଳିତ ବର୍ଷ ରେକର୍ଡ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୪ଟି ବଡ଼ ମାମଲାରେ ଜବତ ହୋଇଛି ୭ କୋଟି ଟଙ୍କା। ବିପୁଳ ଟଙ୍କା ନେଇ ସାଙ୍ଗରେ ଯିବା ବେଳେ ୭ଜଣ ସରକାରୀ କର୍ମଚାରୀଙ୍କୁ ଧରିବା ସହ ସେମାନଙ୍କଠାରୁ ୨୭ ଲକ୍ଷରୁ ଅଧିକ ଟଙ୍କା ଜବତ ହୋଇଛି। ୨୦୨୨ରେ ଓଡ଼ିଶା ଭିଜିଲାନ୍ସରେ ୧୧୮ଟି ଟ୍ରାପ୍ କେସ୍ ପଞ୍ଜୀକୃତ ହୋଇଥିବା ବେଳେ ଲାଞ୍ଚ ନେବା ବେଳେ ୧୨୬ ଜଣ ସରକାରୀ କର୍ମଚାରୀଙ୍କୁ ଧରିବାରେ ଭିଜିଲାନ୍ସ ସଫଳ ହୋଇଛି। ସେମାନଙ୍କଠାରୁ ୩୬.୯୪ ଲକ୍ଷ ଟଙ୍କା ଜବତ ହୋଇଛି। ଓଡ଼ିଶା ଭିଜିଲାନ୍ସର ଇତିହାସରେ ଟ୍ରାପ୍ କେସ୍‌ରେ ୪ ଥର ସର୍ବାଧିକ ନଗଦ ଟଙ୍କା ଜବତ ହୋଇଛି। ଏ ବାବଦରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ଅର୍ଥ ଜବତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଚାକିରି ନାଁରେ...

ପ୍ରଥମ ପୃଷ୍ଠାରୁ...

ଉତ୍ତରପ୍ରଦେଶ ଆଲିଗଡରୁ ହିଁ ଏହି ର୍‍ୟାକେଟ ଅପରେଶନ ହେଉଥିଲା। ୨୦୨୦ରୁ ଖବରକାଗଜ ଜରିଆରେ ନିଯୁକ୍ତି ବିଜ୍ଞାପନ ଦେଇ ଯୁବତୀଯୁବକଙ୍କୁ ଫସାଉଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ୱେବ୍‌ସାଇଟକୁ ପୂରା ସରକାରୀ ଢାଞ୍ଚାରେ ପ୍ରସ୍ତୁତ କରିଥିଲେ। ପ୍ରତି ଆଶାୟୀଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ଟ୍ରେନିଂ ବାବଦକୁ ୩ ହଜାରରୁ ୫୦ ହଜାର ଟଙ୍କା ନେଉଥିଲେ। ଏଥିପାଇଁ ପ୍ରାୟ ୧୦୦ରୁ ଅଧିକ ଲୋକଙ୍କ ନାମରେ ଫେକ୍ ବ୍ୟାଙ୍କ ଆକାଉଣ୍ଟ ଖୋଲି ନିର୍ଦ୍ଦିଷ୍ଟ ଜନସେବା କେନ୍ଦ୍ରକୁ ଯାଇ ୧୦ ପ୍ରତିଶତ କମିଶନି ଦେଇ ଟଙ୍କା ଉଠାଉଥିଲେ। ୧୦ହଜାର ନକଲି ମୋବାଇଲ୍ ସିମ୍ ଓ ୫ ଶହରୁ ଅଧିକ ମୋବାଇଲ ବ୍ୟବହାର କରୁଥିଲେ। ଟ୍ରୁ କଲରରେ ନାମରେ ପରିବର୍ତ୍ତନ କରୁଥିଲେ। ଠକେଇ କରି ସାରିବାପରେ ମୋବାଇଲ ଓ ସିମ୍‌ଗୁଡିକୁ ଆଲିଗଡର ଏକ ନଦୀକୁ ଫିଙ୍ଗି ଦେଉଥିଲେ।

## ୨୦୦ ବିଲିୟନ୍ କ୍ଷତି...

ଚଳିତବର୍ଷ ବଜାରରେ ଟେସଲା ଶେୟାର ୬୫% ଖସିଥିବାବେଳେ ଟ୍ୱିଟର ପିଛା ଖର୍ଚ୍ଚ କରିଥିବା ଅର୍ଥକୁ ପୂରଣ କରିବା ପାଇଁ ମସ୍କ ବହୁ ଶେୟାର କିଣିଛନ୍ତି। ସେହିପରି ବଜାରରେ ଟେସଲାର ମୁକାବିଲା କରିବା ଲାଗି ଏକ କମ୍ପାନୀ ପ୍ରତିଯୋଗୀ ସାଜିଛି। ବିଦାୟୀ ବର୍ଷ ଉପଲକ୍ଷେ ଏହି ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଆମେରିକୀୟ ଗ୍ରାହକଙ୍କୁ ୭,୫୦୦ ଡଲାରର ରିହାତି ଦେଉଛି। ଅନ୍ୟପକ୍ଷେ ୪୪ ବିଲିୟନ୍ ଡଲାର ଦେଇ ଟ୍ୱିଟର କିଣିବା ମଧ୍ୟ ମସ୍କଙ୍କୁ ମହଙ୍ଗା ପଡ଼ିଛି।

# ନୂଆ ବର୍ଷରେ ବିଜେଡିର ନୂଆ ଗଣମାଧ୍ୟମ ଟିମ୍

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

**୬ ଜାତୀୟ ମୁଖପାତ୍ର, ୧୬ ମୁଖପାତ୍ର , ୯ ପ୍ୟାନେଲିଷ୍ଟ**

ଗତ ୩ ବର୍ଷ ପରେ ବିଜେଡିର ଗଣମାଧ୍ୟମ ଟିମ୍ ପୁନର୍ଗଠିତ ହୋଇଛି। ଏ ନେଇ ଶନିବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଜ୍ଞପ୍ତି ଜାରି କରିଛନ୍ତି।

ଦଳ ପକ୍ଷରୁ ଜାରି ନୂଆ ତାଲିକା ଅନୁସାରେ, ୬ ଜଣ ଜାତୀୟ ମୁଖପାତ୍ର, ୧୬ଜଣ ମୁଖପାତ୍ର ଓ ୯ଜଣଙ୍କୁ ପ୍ୟାନେଲିଷ୍ଟ ଭାବେ ସାମିଲ କରାଯାଇଛି। ବହୁ ନୂଆ ମୁହଁଙ୍କୁ ସାମିଲ କରାଯାଇଥିବାବେଳେ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ଓ ଯୁବ ବିଜେଡି ମହାସଚିବ ଏଲିନା ଦାଶଙ୍କୁ ଗଣମାଧ୍ୟମ ଟିମ୍‌ରୁ ବାଦ୍ ଦିଆଯାଇଛି।

ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ଭାବେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପିନାକୀ ମିଶ୍ର, ଅମର ପଟ୍ଟନାୟକ, ଶର୍ମିଷ୍ଠା ସେଠୀ ଓ ସସ୍ମିତ ପାତ୍ର ନିଯୁକ୍ତ ହୋଇଛନ୍ତି। ସେହିପରି ଦଳର ମୁଖପାତ୍ର ଭାବେ ଦେବୀପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ଚନ୍ଦ୍ରାଣୀ ମୁର୍ମୁ, ପ୍ରଦୀପ ମାଝି, ସୁଲତା ଦେଓ, ଅନୁଭବ ପଟ୍ଟନାୟକ, ଲେନିନ ମହାନ୍ତି, ସଞ୍ଜୟ ବାବୁ, ଶ୍ରୀମୟୀ ମିଶ୍ର, ଚିନ୍ମୟ କୁମାର ସାହୁ, ହରିଶ ଚୌଧୁରୀ, ଗୌତମ ବୁଦ୍ଧ ଦାସ, ଅମିତ ମଲ୍ଲିକ, ଦ୍ୟୁମ୍ନନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ ଏବଂ ପ୍ରିୟବ୍ରତ ମାଝି ନିଯୁକ୍ତ ହୋଇଛନ୍ତି।

ଅନ୍ୟପକ୍ଷରେ ୯ ଜଣଙ୍କୁ ଗଣମାଧ୍ୟମର ପ୍ୟାନେଲିଷ୍ଟ ଭାବେ ଦାୟିତ୍ୱ ମିଳିଛି। ସେମାନେ ହେଲେ ଈପ୍‌ସିତା ସାହୁ, ମଧୁସ୍ମିତା ନାୟକ, ସୋଫିଆ ଆଲାମ୍, ମହିକ୍ଷିତା ମିଶ୍ର, ଲୋରା ମହାପାତ୍ର, ସ୍ୱାଗତିକା ମହାନ୍ତି, ମିହିର ରାୟ, ସ୍ୱୟଂପ୍ରକାଶ ମହାପାତ୍ର ଏବଂ ଅପୂର୍ବ ଅପରୂପା। ସେହିପରି ଲେନିନ ମହାନ୍ତି ଓ ମଧୁସ୍ମିତା ନାୟକଙ୍କୁ ମିଡିଆ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି। ସ୍ୱୟଂ ପ୍ରକାଶ ମହାପାତ୍ରଙ୍କୁ ବିଜେଡି ସୋସିଆଲ ମିଡିଆ ସେଲ୍ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି।

# ୨୭ ଉପଦେଷ୍ଟା, ୩ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ବିଜେଡିର ନେତାଙ୍କୁ ୨୭ଟି ବିଭାଗ, ନିଗମ, ପରିଷଦ, ବୋର୍ଡ, ମେଡିକାଲ କଲେଜ ଏବଂ ବିଭିନ୍ନ ସ୍କିମ୍ ପାଇଁ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଶନିବାର ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରମୋଦ ପାଢ଼ୀଙ୍କୁ ଉଠାଜଳସେଚନ ନିଗମର ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସଞ୍ଜୟ ସେଠୀ କ୍ୟାପିଟାଲ ହସ୍ପିଟାଲ, ସଞ୍ଜୁକ୍ତା ମହାନ୍ତି ମମତା ଯୋଜନା, ପୁଷ୍ପାଞ୍ଜଳି ରଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ତହହର ଖାତୁନ ସଂଖ୍ୟାଲଘୁ ବ୍ୟାପାର, ହରିଶଙ୍କର ରାଉତ ଜାଗା ମିଶନ, ନାରାୟଣ ସାହୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ରାଜଶ୍ରୀ ମହାନ୍ତି ମୁକ୍ତା ଯୋଜନା, ଶରତ ପାତ୍ର ବିଜୁ ସେତୁ ଯୋଜନା, ଶାଶ୍ୱତି ମିଶ୍ର ଜାଗା ମିଶନ, ଈପ୍ସିତା ସାହୁ ମୁକ୍ତା ଯୋଜନା, ଶିଶିର ପରିଜା ରାଜ୍ୟ ବୃତ୍ତି ଯୋଜନା ଏବଂ ସୌଭାଗ୍ୟ ନାୟକଙ୍କୁ ହସ୍ତତନ୍ତ ରାଜ୍ୟ ଯୋଜନା ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କେ. ଶାନ୍ତିଙ୍କୁ ଏମ୍‌କେସିଜି ମେଡିକାଲ କଲେଜର ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପ ସାହୁଙ୍କୁ ବିଜୁ ସେତୁ ଯୋଜନା, ସଞ୍ଜୟ ବାବୁ କାଳିଆ ଯୋଜନା, ପୃଥ୍ୱୀରାଜ ସାହୁ ଓବିସି ବ୍ୟାପାର, ତନ୍ମୟ ସ୍ୱାଇଁ ଉଚ୍ଚଶିକ୍ଷା ବୃତ୍ତି ଯୋଜନା, ସାରଦା ଜେନା କାଳିଆ ଯୋଜନା,ଅସିତ ପଟ୍ଟନାୟକ ମଧୁବାବୁ ପେନ୍‌ସନ ଯୋଜନା, ରଜତ ମହାପାତ୍ର ମଧୁବାବୁ ପେନ୍‌ସନ ଯୋଜନା, ରଞ୍ଜନ ବିଶ୍ୱାଳ ନିରାମୟ ଯୋଜନା, ଲିନା ଦାସ ଅନ୍ୱେଷା ଓ ଆକାଂକ୍ଷା ଯୋଜନା ଏବଂ ଅପୂର୍ବା ଅପରୂପାଙ୍କୁ ବସୁଧା ଯୋଜନା ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। ଉପଦେଷ୍ଟାମାନେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବେ। ସେମାନଙ୍କୁ କୌଣସି ପାରିଶ୍ରମିକ ପ୍ରଦାନ କରାଯିବ ନାହିଁ। ମାତ୍ର କଣ୍ଟିନଜେଣ୍ଟ ଓ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯିବ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମ ଅଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ମହେନ୍ଦ୍ର ବଢ଼େଇଙ୍କୁ ରାଜ୍ୟ ପଣ୍ୟାଗାର ନିଗମ ଏବଂ ୱାକଅଫ ବୋର୍ଡ ଅଧ୍ୟକ୍ଷ ଭାବେ ସେକ୍ ନିଜାମୁଦ୍ଦିନଙ୍କୁ ନିଯୁକ୍ତ କରାଯାଇଛି।



# OFFICE OF THE PANCHAYAT SAMITI, TIHIDI

At/P.O.: Tihidi, Dist.: Bhadrak, PIN - 756130
e-mail: ori-tihidi@nic.in, Phone & Fax: 06784274430

**INVITATION FOR BIDS (IFB)**

**BID IDENTIFICATION No. 02/2022-23, Dt.09.12.2022**

No. i-307: Block Development Officer, Tihidi, Bhadrak on behalf of the Panchayat Samiti, Tihidi invites Percentage Rate Bids in Single sealed cover system for construction of the works as detailed in the table below, from eligible contractors of equivalent grade/class registered with the Central Govt./State Govt./MES/Railways for execution of civil works. The proof of such registration from the appropriate authority along with ITCC and system generated GST RC, duly filed Schedules/Annexures/Proforma/Forms as per the DTCN as applicable, copy of the PAN RC and any other relevant documents in support of own merit (all duly signed) shall be enclosed along with the bid. The bidders may submit bids for any or all the following works in the office of the Panchayat Samiti, Tihidi. One bidder can submit one bid only for a particular work. The cover containing the bid should be superscribed as Tender for the work "name of the work as the case may be".

1. Bid documents consisting of specifications, the schedule of quantities and the set of terms & conditions of contract, Annexures/Schedules/Forms/Proforma and other necessary documents can be seen in the website **www.bhadrak.nic.in** or can be purchased from the office of the undersigned on payment of specified amount (non-refundable) during office hours on any of the working days within the period stipulated. The bidders who will download the document online must have to obtain the money receipt towards cost of document from this office before the scheduled time.
2. The sale and receipt of the tender documents shall start from Dt.28.12.2022 upto Dt.10.01.2023 during office hours in the office of the undersigned.
3. Bid(s) must be accompanied with the specified bid security (Ref. FDOM No. 8475/F, Dt.05.04.2022 & FDOM No No. 8484/F, Dt.05.04.2022) and receipt(s) against the cost of the bid document(s) of the amount(s) as specified for the work(s) in the table along with the bid document(s). The cost of bid documents shall be in shape of Demand Draft issued from any Nationalized Scheduled Bank located in the State of Odisha in favour of the Block Development Officer, Tihidi. Bid security will have to be in any one of the forms as specified in the bidding documents and shall have to be valid for 45 days beyond the validity of the bid.
4. Tenders are intended to be received only through Speed Post/Registered Post upto 05.30 P.M. of Dt.10.01.2023. Authority will not be held responsible for the postal delay (if any) in the delivery of the documents or non-receipt of the same on or before the scheduled date and time. No tender paper shall be received through Drop Box or Courier Services and tender papers received through Drop Box or Courier Services shall be liable for rejection.
5. Bids so received shall be opened at 11.00 A.M. on Dt.11.01.2023 in the Office of the Panchayat Samiti, Thihidi in presence of the bidders or their authorized representatives who wish to attend thereof. In case the office happens to be closed on the stipulated date of opening of the Bids as specified, the bids will be opened on the next working day at the same time and venue.
6. The representatives of the bidders must have to produce their authentic authorization letters in order to participate in the bid opening process unfailingly. Other details can be seen in the bidding documents.
7. The authority reserves the right to reject/cancel any one or all of the bid(s) without assigning any reason thereof.

| Sl. No. | Name of the Work | Amount put to tender | EMD | Time for Completion | Class of Contractor | Cost of Document |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1 | Execution of Civil work for 5T - Transformation of High School at Utkalmani Gopabandhu Bidyapitha, At: Narendrapur, Narendrapur GP | 8,33,544/- | No EMD is required (FDOM No. 8484/F, Dt.05.04.2022), but Bid Security Declaration should be furnished by the Bidders as mentioned in the DTCN | One Calendar Month | C & D | 4,000/- |
| 2 | Renovation of Class Room to Smart Class Room under 5T Transformation School at Laxmi Narayan K.S. High School at Sahapur, Sahapur GP | 7,81,211/- | | One Calendar Month | C & D | 4,000/- |
| 3 | Renovation of Class Room to Smart Class Room, E-Library & Science Lab. under 5T Transformation School at Minamuni High School at Kandaragadia, Sahapur GP | 6,43,203/- | | One Calendar Month | C & D | 4,000/- |
| 4 | Execution of Civil Work for 5T Transformation of High School at Basuli High School, At: Kanpada, Kanpada GP | 7,79,851/- | | One Calendar Month | C & D | 4,000/- |

Sd./- Block Development Officer, Tihidi
OIPR-19115/11/0004/2223

# PANCHAYAT SAMITI OFFICE, HEMGIR, DIST.: SUNDARGARH

**TENDER CALL NOTICE - 02/2022-23**

No. 2848 Date: 31.12.2022

Tender is hereby invited vide Tender Call Notice No. 02 of 2022-23 from eligible contractors for the following works. The details documents will be downloaded from district website **www.sundergarh.nic.in** w.e.f. 02.01.2023 to 13.01.2023.

| Sl. No. | Name of the G.P. | Name of the School | Amount put to tender excluding GST (In Rs.) |
|---|---|---|---|
| 1 | 2 | 3 | 4 |
| 1 | Gopalpur | Const. of CC Road at Ratansara | 43,75,040/- |
| 2 | Kanaktura | Const. of Community Centre at Masina | 12,36,907/- |

Sd./- Block Development Officer, Hemgir

# GOVERNMENT OF ODISHA

No.O-1557

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KEONJHAR**

Tel. 06766-258301 (O), e-mail: se_nerwkjr@rediffmail.com

**e-Procurement Notice for Bridge Works under BSY**

**Identification No. Bridge Online NCB No. 355 /// No. 3015/Date: 29.12.2022**

**1.** Name of the work :- **Construction of Bridge Works under Biju Setu Yojana in the District of Keonjhar.** **2.** No. of work :- **10** (Ten) Nos. **3.** Estimated Cost :- As per Annexure in NIT. **4.** Class of Contractor (Eligible) :- As per Annexure in NIT. **5.** Period of Completion :- As per Annexure in NIT. **6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 355 | Dt.06.01.23 at 11.00 A.M. | Dt.20.01.23 up to 5.00 P.M. | Dt.19.01.23 up to 5.00 P.M. | Dt.21.01.23 at 11.00 A.M. | Will be intimated later |

• **Further details can be seen from the website: www.tendersorissa.gov.in**

OIPR-25177/11/0032/2223 Sd./- Chief Construction Engineer, R.W. Circle, Keonjhar

# GOVERNMENT OF ODISHA

No. A-950

**OFFICE OF THE SUPERINTENDING ENGINEER UPPER INDRAVATI LEFT CANAL DIVISION NO-II, DHARAMGARH, KALAHANDI, ODISHA**

Email: eeuilcdii@gmail.com

**NOTICE INVITATION FOR BIDS (NIFB)**

**e-Procurement Notice No.: SE/UILCD-II-01/2022-23 (01-03)**

1. Type/Nature of work: **Civil Works.** 2. Total No. of works: **03 (Three) Nos.** 3. Approx. value of works: **Varies from 8.18 lakh to 5.26 lakh (Excluding GST).** 4. Period of completion: **02 (Two) Calendar months.** 5. Classification of bidders: **"D" & "C" Class Contractors only.**

**Other details as follows:**

| Procurement Officer | e-Procurement Notice No. | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, UI Left Canal Division No.-II, Dharamgarh, Dist- Kalahandi | SE/UILCD-II-01/2022-23(01-03) for 03 (Three) Nos. of works. | 04.01.2023 At 10.00 A.M. | 18.01.2023 Upto 5.00 P.M. | 19.01.2023 At 11.30 A.M. |

**N.B.:** Further details can be seen from the e-procurement portal **www.tendersodisha.gov.in**. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in.

OIPR-32483/11/0002/2223 Sd./- Superintending Engineer, U.I.L.C.D. No.II, Dharamgarh

# OFFICE OF THE ROURKELA MUNICIPAL CORPORATION

UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com

No. 17309 Date: 30.12.2022

**QUOTATION CALL NOTICE FOR SUPPLY, DELIVERY AND INSTALLATION OF PA SYSTEM FOR GARBAGE LIFTING VEHICLES**

No. C-2196: Sealed quotations are invited from the Supplier/Firm/Manufacturer/Agency for Supply, Delivery and Installation of Public Address System (PA System) as per the specifications mentioned in **Annexure - 1** for Household level Garbage Lifting Vehicles under Rourkela Municipal Corporation. The bidder should quote the rate in the letter head as per the prescribed format given in the below table in the sealed cover addressed to the Commissioner, Rourkela Municipal Corporation, Rourkela superscribing as **"Supply of PA System in Household level Garbage Lifting Vehicles"** and should submit their bid through Speed Post/Registered Post/Courier or By Hand on or before 06.01.2023 upto 1.00 P.M. The quotation document should be accompanied with the photocopies of GST Registration Certificate, PAN Card, Paper Cost of Rs.4480/- including GST (Non refundable) and E.M.D. of Rs.10,000/- (Refundable) in shape of DD separately drawn in favour of Commissioner, Rourkela Municipal Corporation payable at Rourkela. All the quotations will be opened on the same day at 4.00 P.M. in presence of the bidders or their authorized representatives, who wish to attend. The bidder will give an undertaking for at least 01 year Warranty on the Machines/Equipments from the date of Commissioning. The EMD of selected agency will be retained as Security Deposit and will be forfeited, if the agency fails to provide in time. The selected agency has to Supply, Delivery and Instal the PA System within 03 days from the date of issue of work Order.

Authority reserves the right to accept or reject any or all tenders without assigning any reason thereof. The details of quotation paper may be downloaded from RMC website: **www.rmc.nic.in**.

| Sl. No. | Item Description | Brand Name | No. of Vehicles to be Installed with PA System | Quoted Price per Unit in INR Excluding of GST | GST in % | Quoted Price per Unit in INR including of GST |
|---|---|---|---|---|---|---|
| 1 | Supply, Delivery and Installation of Public Address System (PA System) for BOV and LCV | | 100 | | | |

Sd./- Commissioner
Rourkela Municipal Corporation
OIPR-13131/11/0167/2223

# GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR**

Mail id: seccbbsr@gmail.com

**E-Procurement Tender Call Notice No. 11 of 2022-23**

**No. 3874 (Estg.) Bhubaneswar the 29th December 2022**

No. B-1079: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for One number Composite Building (Civil + E.I.) work and One number Road work to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from **5.00 P.M. of 06.01.2023 to 5.00 P.M. of 17.01.2023**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 18.01.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Er. T.K. Panda
Chief Construction Engineer
OIPR-34156/11/0012/2223 Central (R&B) Circle, Bhubaneswar

# GOVERNMENT OF ODISHA

No.B-1077

**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**

Mail ID:- sepwdsbp@rediffmail.com

**e-Procurement**

**BID IDENTIFICATION No. CCENC (RAND B)/16/2022-23**

**No.4426 Dtd. 22.12.2022**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road/ Building/ Bridge works** as detailed in the DTCN from the eligible class of contractors.
2. No. of works: **15 (Fifteen) (Road Works).**
3. Tender Cost: **Rs.10,000/-**
4. Class of contractor: **"B" Class, "A" Class and "Special" Class**
5. Date & Time of available in website & receipt of Bids From **05.01.2023** to **17.00 Hours of 20.01.2023**.
6. Date of opening of Technical Bid: **21.01.2023 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in
8. Any corrigendum / Addendum will be displayed in the website **www.tendersodisha.gov.in**

Sd./- Chief Construction Engineer,
OIPR-34035/11/0023/2223 Northern (R&B) Circle, Sambalpur

# ZILLA SWASTHYA SAMITI, KHORDHA

(Department of Health & FW, Govt. of Odisha)

**TENDER CALL NOTICE**

Advertisement No. 02/2022-23/DPMU/KHU Date: 31.12.2022

No. E-779: Sealed tenders are invited from Local Registered Travel Agency/Individuals only having valid GSTIN/PAN for providing hiring vehicles on monthly basis to the undersigned for different Health Institutions of Khordha.
The sealed tenders should reach on all working day along with all required documents by Speed Post/ Regd. Post/Courier only by superscribing on the top of the envelope "Tender for Hiring of Vehicles on Monthly Basis in reference to the Advertisement No. 02/2022-23 Dtd.31.12.2022". Details regarding terms & conditions may be downloaded from **www.khordha.nic.in**. The undersigned reserves the right to accept or reject any or all the tender without assigning any reason thereof.

Sd./- CDM & PHO, Khordha
OIPR-10173/11/0010/2223

# The Odisha Small Industries Corporation Ltd.

(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4335 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.6085/MKT/OSIC Dt.30.12.2022

**The OSIC Ltd., Cuttack invites sealed bids from the experienced MSMEs/ Distributors/ Dealers/Authorized Vendors of any Branded Company having valid GST registration and PAN for Supply of Furniture and Amenities for the department of statistics under Ravenshaw University, Cuttack. The list of the items along with terms and conditions of Supply is available in the website of OSIC i.e.** www.osicltd.in **. Any corrigendum/ addendum/modifications will appear in OSIC Ltd. website only and the responsibility lies with the bidders to download the same before last date of submission of bids. Authority reserves the right to accept or reject any or all tenders without assigning any reasons there of or the tendering process may be cancelled in toto.**

Sd/-
GENERAL MANAGER(O)
OIPR-14073/11/0133/2223

# OFFICE OF THE MUNICIPAL COUNCIL, BALASORE

Tel. & Fax No. 06782-251222
e-mail: balasoremunicipality@rediffmail.com

**Expression of Interest (EOI)**

**For Management of Ward Offices by Mission Shakti SHG during the year 2023-24**

Letter No. 9204 Date: 29.12.2022

**CORRIGENDUM**

No. C-2198: In continuation of this office Expression of Interest (EOI) No. 8336 Dtd.05.12.2022 & in pursuance of Letter No. 22023/H&UD Dtd.23.12.2022 certain changes of timeline is being made for submission EOI F/Y-2023-24 which as follows:

1. The sealed Expression of Interest should be submitted to the address on or before date 16.01.2023, Time 5.00 P.M. by Registered/Speed Post only instead of 23.12.2022.
2. The Technical Bid will be opened on date 18.01.2023 at 11.00 A.M. in the Conference Hall of ULB. The sealed envelope should be superscripted with "EOI for Management of Ward Offices by Mission Shakti SHGs, 2023-24". The detailed terms and conditions of the Expression of Interest are available in website **https://www.baleswar.nic.in/ & https://www.balasoremunicipality.in**.

Sd./- Executive Officer
Balasore Municipality
OIPR-13154/11/0034/2223

# ଜାନୁୟାରୀ ୫ରୁ ଧଉଳି ଟୋଲ୍ ଫି', ଟିକେଟ ମୂଲ୍ୟ ବୃଦ୍ଧି

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ):** ଶାନ୍ତିସ୍ତୂପ ଧଉଳିର ଅଧିକ ବିକାଶ, ପୀଠର ରକ୍ଷଣାବେକ୍ଷଣ, ପରିମଳ ବ୍ୟବସ୍ଥା ଆଦି ପରିପ୍ରେକ୍ଷୀରେ ନିୟୋଜିତ କର୍ମଚାରୀଙ୍କୁ ପାରିତୋଷିକ ପ୍ରଦାନକୁ ଦୃଷ୍ଟିରେ ରଖି ବିଭିନ୍ନ ଫି ଓ ଟିକେଟ ମୂଲ୍ୟ ବୃଦ୍ଧି କରାଯାଇଛି। ଜାନୁୟାରୀ ୫ରୁ ଏହା କାର୍ଯ୍ୟକାରୀ ହେବ। ନିଷ୍ପତ୍ତି ଅନୁସାରେ, ପ୍ରତି ଅଟୋ ରିକ୍ସା ପାଇଁ ଟୋଲ ଫି ୧୫ଟଙ୍କାରୁ ୨୦ ଟଙ୍କା, ୫-ସିଟ୍ ବିଶିଷ୍ଟ କାର ପାଇଁ ୩୦ ଟଙ୍କାରୁ ୪୦ ଟଙ୍କା ଏବଂ ୭ ସିଟ୍ ବିଶିଷ୍ଟ ଇନୋଭା ଆଦି ଯାନ ପାଇଁ ୫୦ ଟଙ୍କାରୁ ୬୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ୧୨ ସିଟ୍ ବିଶିଷ୍ଟ ଉଇଙ୍ଗର ବା ଟ୍ରାଭେଲର ଭଳି ଯାନ ପାଇଁ ୧୨୦ ଟଙ୍କା ଦେୟ ପୂର୍ବଭଳି ଅପରିବର୍ତ୍ତିତ ରହିଥିବାବେଳେ ପାରାବୋଧି ପୁଷ୍କରିଣୀ ନିକଟ ବସ୍‌ଷ୍ଟାଣ୍ଡରୁ ଧଉଳି ଶାନ୍ତିସ୍ତୂପ ପର୍ଯ୍ୟନ୍ତ ଦିଆଯାଉଥିବା ସଟଲ ସେବା ବାବଦ ଦେୟ ଯାତ୍ରୀ ପିଛା ୧୨ ଟଙ୍କାରୁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଧଉଳି ଶାନ୍ତିସ୍ତୂପରେ ଚାଲୁଥିବା ଲାଇଟ୍ ଓ ସାଉଣ୍ଡ୍ ଶୋ ଟିକେଟର ମୂଲ୍ୟ ୨୫ଟଙ୍କାରୁ ୫୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ଶ୍ରୀମନ୍ଦିର ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି

**ପୁରୀ ଅଫିସ,୩୧।୧୨**

୨୦୨୨ ବର୍ଷର ଶେଷଦିନରେ ଶ୍ରୀମନ୍ଦିରରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଛି। ସୂଚନାଯୋଗ୍ୟ, ନୀଳଚକ୍ରରେ ଶୁକ୍ରବାର ବନ୍ଧାଯାଇଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ନେଇ ଶନିବାର ଚୂନରା ସେବକ ଦେଖିଥିଲେ। ପତିତପାବନ ବାନା ଉଡୁଥିବା ସମୟରେ ଜୋରରେ ପବନ ହେଲେ କିମ୍ବା ଝଡ଼ ବର୍ଷା ହେଲେ ବାନା ଶୂନ୍ୟରେ ଆପେ ଆପେ ଗଣ୍ଠି ପଡ଼ିଯାଇଥାଏ। ଯେହେତୁ ବାନା ଶୂନ୍ୟରେ ଗଣ୍ଠି ପଡୁଥିବାରୁ ଏହି ଗଣ୍ଠିକୁ ଶୂନ୍ୟ ଗଣ୍ଠି ବୋଲି କୁହାଯାଇଥାଏ। ଏ ନେଇ ଚୂନରା ସେବାୟତ ଶରତ କୁମାର ମହାନ୍ତି କୁହନ୍ତି, ଶୂନ୍ୟଗଣ୍ଠି ପ୍ରାୟତଃ ଦେଖିବାକୁ ମିଳି ନ ଥିବାବେଳେ ବର୍ଷକୁ ଥରେ ୨ଥର ହୋଇଥାଏ। ଉକ୍ତ ଗଣ୍ଠିକୁ ଖୋଲିବା କଷ୍ଟକର ହୋଇଥିବାରୁ ଧାରୁଆ ଅସ୍ତ୍ରରେ କଟାଯାଇଥାଏ।

# ସମୃଦ୍ଧ ଓଡ଼ିଶା ନାଁରେ ବିଏମ୍‌ସିର ଏତଲା

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ସହରର ସମସ୍ତ କାନ୍ଥକୁ ଚିତ୍ରିତ କରାଯାଉଛି। ଏଣେତେଣେ ବେଆଇନ ବିଜ୍ଞାପନ ପୋଷ୍ଟର, ହୋର୍ଡିଂ ଲଗାଉଥିବା ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ଏଥିପାଇଁ ବାରଣ କରାଯାଉଛି। ଏହାସତ୍ତ୍ୱେ ରାଜନୈତିକ ଦଳ 'ସମୃଦ୍ଧ ଓଡ଼ିଶା' ପାଚେରି, ଟ୍ରାନ୍ସଫର୍ମର, ଟେଲିଫୋନ ବକ୍ସ ଓ ସ୍ମାରକୀ ଆଦି ସ୍ଥଳରେ ନିଜର ପ୍ରଚାରପତ୍ର ଲଗାଇଛି। ଏନେଇ ବିଏମ୍‌ସି ପକ୍ଷରୁ ସଂପୃକ୍ତ ରାଜନୈତିକ ଦଳ ନାମରେ ନୟାପଲ୍ଲୀ ଥାନାରେ ଏତଲା ଦିଆଯାଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ଏତଲାରେ ଅନୁରୋଧ କରାଯାଇଛି। ଅନ୍ୟପଟେ ସରକାରୀ ସମ୍ପତ୍ତିର ଅପବ୍ୟବହାର ନ କରିବା ପାଇଁ ବିଏମ୍‌ସି ପକ୍ଷରୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି।








































# ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ

**ବାଣପୁର,୩୧।୧୨(ଡି.ଏନ୍.ଏ.):** ବାଣପୁର ବ୍ଲକ ଅନ୍ତର୍ଗତ ଭବାନୀପୁର ପଞ୍ଚାୟତର ନାଗାମଠ ହରିଜନ ସାହି ପୋଖରୀ ଖୋଳାରେ ଅନିୟମିତତା ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ନାଗାମଠ ହରିଜନ ସାହି ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମରେ ଥିବା ପୋଖରୀରୁ ପଙ୍କ ଉଦ୍ଧାର ପାଇଁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ୨୯ହଜାର ୪୮୬ ଟଙ୍କା ଜବ୍‌କାର୍ଡ ମାଧ୍ୟମରେ ଉଠାଇ ପଞ୍ଚାୟତର ପିଇଓ, ଜିଆରଏସ୍, ଜେଇ ଓ ସରପଞ୍ଚ ମିଳିମିଶି ହଡ଼ପ କରିଛନ୍ତି। ପୋଖରୀ ପୂର୍ବରୁ ଯେପରି ଥିଲା ବର୍ତ୍ତମାନ ସେହି ଅବସ୍ଥାରେ ଥିବାବେଳେ ଅନୁଦାନପ୍ରାପ୍ତ କାର୍ଯ୍ୟର ସୂଚନା ଫଳକ ମଧ୍ୟ ଲେଖାଯାଇନାହିଁ। ତେବେ ମଷ୍ଟର ରୋଲ୍‌ରେ କାର୍ଯ୍ୟ ହୋଇଥିବା ଦର୍ଶାଇ ଅନ୍ୟ ଗ୍ରାମର ଜବ୍‌କାର୍ଡ ହିତାଧିକାରୀଙ୍କ ମାଧ୍ୟମରେ ଟଙ୍କା ଉଠାଣ କରି ଆତ୍ମସାତ୍ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ କୁହନ୍ତି, ମୋ ସମୟରେ ଏହି କାମ ହୋଇନାହିଁ। ଅନ୍ୟପକ୍ଷରେ ବିଡିଓ ବୁଲ୍‌ବୁଲ୍ ବେହେରା କହିଛନ୍ତି, ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୬ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍, ଡଙ୍ଗା ଜବତ

**ବାଲୁଗାଁ,୩୧।୧୨(ଡି.ଏନ୍.ଏ.):** ଚିଲିକା ତହସିଲ ଓ ପୋଲିସ ଶନିବାର ପୃଥକ୍ ଭାବେ ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ୬ଟି ମାଙ୍କଡ଼ା ବୋଝେଇ ଟ୍ରକ୍ ସହିତ ଚିଲିକାରେ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ପରିବହନ କରୁଥିବା ଗୋଟିଏ ଡଙ୍ଗାକୁ ଜବତ କରିଛନ୍ତି। ସୂଚନା ମୁତାବକ, ଚିଲିକା ଓ ଟାଙ୍ଗୀ ତହସିଲ ଅଧୀନ ବିଭିନ୍ନ ଖଣିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଅନ୍ୟପଟେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ପ୍ରଶାସନର ତାଗିଦ୍ ସତ୍ତ୍ୱେ କେତେଜଣ ଅମାନିଆ ଡଙ୍ଗାଚାଳକ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ପରିବହନ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଚିଲିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ ଓ ପୋଲିସର ଏକ ମିଳିତ ଟିମ୍ ଟାଙ୍ଗୀଠାରୁ କୁହୁଡ଼ି ମଧ୍ୟରେ ଜାତୀୟ ରାଜପଥରେ ବେଆଇନ ଭାବେ ଚାଲାଣ ହେଉଥିବା ୬ଟି ମାଙ୍କଡ଼ା ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ଜବତ ଗାଡ଼ିକୁ ଟାଙ୍ଗୀ ଓ କୁହୁଡ଼ି ଫାଣ୍ଡିରେ ରଖାଯାଇଛି। ସେହିପରି ଚିଲିକା ତହସିଲଦାର ସାହୁ ଓ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ ବାଲୁଗାଁ ଚିଲିକା କୂଳ ଜେଟି ନିକଟରେ ପହଞ୍ଚି ଚଢ଼ାଉ କରିଥିଲେ। ଏହି ସମୟରେ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ପରିବହନ କରୁଥିବା ଏକ ଡଙ୍ଗାକୁ ତହସିଲଦାର ଜବତ କରିଥିଲେ। ସମ୍ପୃକ୍ତ ଡଙ୍ଗାର ମାଲିକ ଓ ମୋଟର ବୋଟ୍ ସଂଘକୁ ତାଗିଦ୍ କରିବା ସହ ନିୟମ ମାନି ଯାତ୍ରୀ ପରିବହନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ
ଭିକାରୀପଡା,ଶରଣକୁଳ, ନୟାଗଡ
ନୂତନ ବର୍ଷ ୨୦୨୩ ଅବସରରେ ଅଗଣିତ ପାଠକ ପାଠିକାମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଅଭିନନ୍ଦନ ୨୦୨୩
୨୦୨୩ ନୂତନ ବର୍ଷ ପାଙ୍ଗିଡି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ପାଇଁ ସୁଖ, ସମୃଦ୍ଧିର ବର୍ଷ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ସମସ୍ତଙ୍କୁ ଅଜସ୍ର ଅଭିନନ୍ଦନ।
ଶ୍ରୀମତୀ ଭାଗ୍ୟଲତା ବିଷୋୟୀ
ସରପଞ୍ଚ,ପାଙ୍ଗିଡି ଗ୍ରାମପଞ୍ଚାୟତ,ବୁଗୁଡା ବ୍ଲକ

ପ୍ରଗତି ପଥେ ଜିଲା ପରିଷଦ ନୟାଗଡ
ଇଂ ଦେବାଶିଷ ପଟ୍ଟନାୟକ
ଅଧ୍ୟକ୍ଷ, ଜିଲାପରିଷଦ, ନୟାଗଡ
ଶ୍ରୀମତୀ ବିଷ୍ଣୁପ୍ରିୟା ବେହେରା
ଉପାଧ୍ୟକ୍ଷା, ଜିଲା ପରିଷଦ, ନୟାଗଡ
ଶ୍ରୀ ସୁବାଶ ଚନ୍ଦ୍ର ରାୟ
କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲାପରିଷଦ ନୟାଗଡ
ଶ୍ରୀ ରବୀନ୍ଦ୍ରନାଥ ସାହୁ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,ଜିଲା ପରିଷଦ, ନୟାଗଡ

HAPPY NEW YEAR- 2023



୨୦୨୩ ନବବର୍ଷ ଅବସରରେ ଶୁଭେଚ୍ଛା, ଶୁଭକାମନା ଓ ଅଭିନନ୍ଦନ।
ଲକ୍ଷ୍ମୀଧର ନାୟକ
ଲେଙ୍କୁଡିପଡା, ନୟାଗଡ

ଅଭିନନ୍ଦନ ୨୦୨୩
୨୦୨୩ ନବବର୍ଷର ଆନ୍ତରିକ ଅଭିନନ୍ଦନ। ପୋଚାଲୁଣ୍ଡି ପଞ୍ଚାୟତବାସୀଙ୍କ ପାଇଁ ନବବର୍ଷ ହସ ଖୁସିର ବର୍ଷ ହେଉ, ଏହା ହିଁ କାମନା।
ଶ୍ରୀ ବିଜୁଳି ଜେନା
ପୂର୍ବତନ ସରପଞ୍ଚ,ପୋଚାଲୁଣ୍ଡି ଗ୍ରାମପଞ୍ଚାୟତ,ବୁଗୁଡା ବ୍ଲକ



ତାଳଚେର-ଗୋପାଳପୁର ରେଳପଥ
ଅନୁଗୁଳ, ଢେଙ୍କାନାଳ, କଟକ, ନୟାଗଡ, ଗଞ୍ଜାମ ଜିଲାର ଆଉ ଏକ ଜୀବନରେଖା। ଆସନ୍ତୁ, ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହେବା।
କ୍ରିୟାନୁଷ୍ଠାନ କମିଟି, ନୟାଗଡ

ଅଭିନନ୍ଦନ ୨୦୨୩
୨୦୨୩ ନୂତନବର୍ଷର ଅଭିନନ୍ଦନ। ଏ ଅବସରରେ ବୁଗୁଡା ବ୍ଲକର ସମସ୍ତ ଜନସାଧାରଣଙ୍କ ପାଇଁ ନବବର୍ଷ ହସ,ଖୁସି,ଶାନ୍ତିର ବର୍ଷ ହେଉ ଏହା ହିଁ ଶ୍ରୀ ବଳଦେବ ସ୍ୱାମୀଙ୍କଠାରେ ପ୍ରାର୍ଥନା।
ଶ୍ରୀ ବିକ୍ରମାଦିତ୍ୟ ଆରୁଖ
ଉପସଭାପତି,ବୁଗୁଡା ବ୍ଲକ ବିଜୁ ଜନତା ଦଳ

HAPPY NEW YEAR- 2023



ନବବର୍ଷ-୨୦୨୩ ଉପଲକ୍ଷେ ପାଠକ, ପାଠିକା, ନୟାଗଡ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
କିଶୋର ଚନ୍ଦ୍ର ସାହୁ
ଅଧ୍ୟକ୍ଷ
ନୟାଗଡ ବ୍ଲକ

ଅଭିନନ୍ଦନ ୨୦୨୩
ବୁଗୁଡା ଏନଏସିର ସମସ୍ତ ଜନସାଧାରଣଙ୍କୁ ୨୦୨୩ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ। ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହା ହିଁ କାମନା।
ଶ୍ରୀ ଚିତ୍ରସେନ ପ୍ରଧାନ
ବୁଗୁଡା ଏନ୍ଏସି, ନଗରପାଳ

ଅଭିନନ୍ଦନ ୨୦୨୩
ବିକାଶ ପଥରେ ନୟାଗଡ ଜିଲା
ଆସନ୍ତୁ ମିଳିମିଶି ନୟାଗଡ ଜିଲାକୁ ଗଢିବା।
୨୦୨୩ ନବବର୍ଷ ଅବସରରେ ଧରିତ୍ରୀ ପରିବାର ଓ ନୟାଗଡ ଜିଲାବାସୀଙ୍କୁ ଶୁଭକାମନା।
-ଶୁଭଚିନ୍ତକ-

ଅଭିନନ୍ଦନ ୨୦୨୩
୨୦୨୩ ନବବର୍ଷର ଅଭିନନ୍ଦନ। ନବବର୍ଷ ତାକରଡା ପଞ୍ଚାୟତବାସୀଙ୍କ ପାଇଁ ଶାନ୍ତି, ସୁଖ, ସମୃଦ୍ଧିର ବର୍ଷ ହେଉ, ଏତିକି ଈଶ୍ୱରଙ୍କଠାରେ ପ୍ରଣତି।
ଶ୍ରୀ ଦିଲ୍ଲୀପ କୁମାର ପ୍ରଧାନ
ସରପଞ୍ଚ,ତାକରଡା ଗ୍ରାମପଞ୍ଚାୟତ, ବୁଗୁଡା ବ୍ଲକ



ଶୁକ୍ର ବେହେରା ଡିଗ୍ରୀ କଲେଜ
କେନ୍ଦୁଢିପି, ଦର୍ପନାରାୟଣପୁର, ନୟାଗଡ
ଗୁଣାତ୍ମକ ଉଚ୍ଚ ଶିକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ସ୍ନାତକ ବିଜ୍ଞାନ ଓ କଳା କ୍ଷେତ୍ରରେ ଏକ ନିର୍ଭରଯୋଗ୍ୟ ଅନୁଷ୍ଠାନ ଶୁକ୍ର ବେହେରା ଡିଗ୍ରୀ କଲେଜ, କେନ୍ଦୁଢିପି ଦର୍ପନାରାୟଣପୁର, ନୟାଗଡ। ୨୦୨୨ ବର୍ଷ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ଶିକ୍ଷା ଓ ସଂସ୍କୃତ ବିଷୟରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ତିନିଜଣ ଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଅନ୍ୟପକ୍ଷେ ଆଗାମୀ ବର୍ଷମାନଙ୍କରେ ବିଜ୍ଞାନ ଓ କଳାର ପ୍ରତ୍ୟେକ ବିଭାଗରେ ଉତ୍କର୍ଷ ଆଣିବା ପାଇଁ ସତତ ଚେଷ୍ଟିତ ରହିବାର ପ୍ରତିଜ୍ଞା କରୁଅଛି।
ଶ୍ରୀଯୁକ୍ତ ଅଭିମନ୍ୟୁ ବେହେରା
ସଭାପତି
ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ମହାନ୍ତି
ସମ୍ପାଦକ ଓ ଅଧ୍ୟକ୍ଷ

ଠେଙ୍ଗା ଜଗୁଛି ଜଙ୍ଗଲ
ଜଙ୍ଗଲ ସୁରକ୍ଷା କରନ୍ତୁ, ଗଛ ଲଗାନ୍ତୁ। ଆମେ ନୟାଗଡ ଜିଲା ଦଶପଲା ବ୍ଲକର ଟାକରା, କୁଲୁରୁକୁମ୍ପା, ଘୁଗୁଡିପଡା, ନଛିପୁର, ସରିଗଣ୍ଡା, ତୁମାଣ୍ଡି, ଭୋଗବାଡି ଓ ପୋଖରୀଗୋଚ୍ଛା ପଞ୍ଚାୟତ ପ୍ରମୁଖ ୮ ପଞ୍ଚାୟତର ଜନସାଧାରଣ ଜଙ୍ଗଲ ସୁରକ୍ଷା କରି ଆସୁଛୁ। ଆପଣମାନେ କରନ୍ତୁ। ପରିବେଶକୁ ବଦଳାନ୍ତୁ।
ଆପଣଙ୍କର ଗ୍ରାମ ସଭା ସମୂହ ଜଙ୍ଗଲ ମଞ୍ଚ ଦଶପଲା।

# ଗଡ଼ଖାଇ ସ୍ଥିତି ଅନୁଧ୍ୟାନ କଲେ ମେୟର

**କଟକ ଅଫିସ,୩୧।୧୨:** ଜାନୁୟାରୀ ୧୧ରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏପରି କି ଐତିହାସିକ ଗଡ଼ଖାଇରୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଦଳ କଢ଼ାଯିବା ସହ ପୁନରୁଦ୍ଧାର କରାଯାଉଛି। ଶନିବାର ମେୟର ସୁବାସ ସିଂ ଗଡ଼ଖାଇଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସ୍ଥାନୀୟ କର୍ପୋରେଟର ଓ ଅଧିକାରୀ ଉପସ୍ଥିତ ଥିଲେ। କାଓନୋମିକ୍ସ ଟେକ୍ନୋଲୋଜି ଦ୍ୱାରା ଦଳ ସଫା କରାଯାଉଛି। ସଫା କରୁଥିବା ସଂସ୍ଥା ଏଥିପାଇଁ ବର୍ଷକୁ ୩.୫ କୋଟି ଟଙ୍କା ନେବ। ଗଡଖାଇର ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏହାର ସ୍ଥାୟୀ ପୁନରୁଦ୍ଧାର ହେବ। ସମ୍ପୂର୍ଣ୍ଣ ଆୟୁର୍ବେଦିକ ଉପଚାର ଦ୍ୱାରା ଗଡ଼ଖାଇର ଜଳକୁ ପରିଷ୍କାର କରି ବ୍ୟବହାର ଉପଯୋଗୀ କରାଯିବ। ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଗଡଖାଇକୁ ନୂତନ ରୂପରେଖ ଦିଆଯିବ ବୋଲି ମେୟର କହିଛନ୍ତି।

# କୃଷକ ସାଥୀ ବୈଠକ

**କଟକ ସଦର,୩୧।୧୨(ଡି.ଏନ୍.ଏ.):** କଟକ ସଦର ବ୍ଲକ କୃଷକ ସାଥୀ ବୈଠକ ଶୁକ୍ରବାର ବିରିବାଟୀସ୍ଥିତ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ସଭାପତି ଲକ୍ଷ୍ମୀଧର ରାଉତ ଓ ସମ୍ପାଦକ ଦିଲୀପ କୁମାର ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ କୃଷକ ସାଥୀମାନଙ୍କ ମାସିକ ଦରମା ଓ ଚାକିରି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ଓ ଜିଲାସ୍ତରୀୟ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଜିଲା ସଭାପତି ଓ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଦାୟିତ୍ୱ ସମସ୍ତ କୃଷକ ସାଥୀ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ, ମଧୁସ୍ମିତା ଜେନା, ସୁରେନ୍ଦ୍ର ନାଥ କର, ପ୍ରତାପ ଦାସ, ବଳରାମ ଭୋଇ, ବିବେକାନନ୍ଦ ରାଉତ, ସୁରେନ୍ଦ୍ର ମଲ୍ଲିକ, ଦେବଗୁରୁ ତରାଇ, ପ୍ରତ୍ୟୁଷ ଜେନା, ବନକିଶୋର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରେଳଷ୍ଟେଶନରୁ ଯୁବତୀ ଉଦ୍ଧାର

**କଟକ ଅଫିସ,୩୧।୧୨:** ଦିଲ୍ଲୀ, ମଥୁରା ଅଞ୍ଚଳକୁ ଯିବାକୁ ଉଦ୍ୟମ କରୁଥିବା ଜଣେ ଯୁବତୀଙ୍କୁ କଟକ ରେଳଷ୍ଟେଶନରୁ ଶୁକ୍ରବାର ରାତିରେ ଉଦ୍ଧାର କରାଯାଇଛି। ଯୁବତୀଙ୍କ ଘର ଜଗତ୍‌ସିଂହପୁର ଅଞ୍ଚଳରେ। ସେ ଘରେ କାହାକୁ କିଛି ନ ଜଣାଇ ଚାଲିଆସିଥିବା ଜଣାଯାଇଛି। ସମ୍ପୃକ୍ତା ଯୁବତୀ ଘରୁ ନିଖୋଜ ହୋଇଯାଇଥିବା କଟକ ଆରପିଏଫ୍‌କୁ ସୂଚନା ମିଳିଥିଲା। ଆରପିଏଫ୍ ପକ୍ଷରୁ ତୁରନ୍ତ ମୋବାଇଲ ଟ୍ରାକିଂ ଜରିଆରେ ଯୁବତୀଙ୍କ ଗତିବିଧି ଯାଞ୍ଚ କରାଯାଇଥିଲା। ସେ ମଥୁରା ଅଞ୍ଚଳର ଏକ ମୋବାଇଲ ନମ୍ବର ସହ ଯୋଗାଯୋଗରେ ଥିବା ଜଣାଯାଇଥିଲା। ଏହାପରେ କଟକ ଷ୍ଟେଶନରେ ଯୁବତୀଙ୍କୁ ଠାବ କରିବା ନିମନ୍ତେ ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଶେଷରେ ପୁରୀରୁ ହରିଦ୍ୱାର ଯାଉଥିବା କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଟ୍ରେନ୍‌ରୁ ନିଖୋଜ ଯୁବତୀଙ୍କୁ ଆର୍‌ପିଏଫ୍ ଟିମ୍ ଉଦ୍ଧାର କରି ପରିବାର ଜିମା ଦେଇଥିଲା।







































# ଯୋଗ୍ୟଙ୍କୁ ଆବାସ ଗୃହ ନ ମିଳିଲେ ଅଧିକାରୀ ଦାୟୀ

**ଗୋପ,୩୧।୧୨(ଡି.ଏନ୍.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ଫନୀ ସହାୟତା ଗୃହ ଓ ଆବାସ ଯୋଜନାରେ ଯଦି ଦୁର୍ନୀତି ହେବାର ଅଭିଯୋଗ ଆସେ କିମ୍ବା ଯୋଗ୍ୟଙ୍କୁ ଆବାସ ଗୃହ ନ ମିଳେ, ତେବେ ବ୍ଲକ ଅଧିକାରୀ ଏବଂ ବ୍ଲକ କର୍ମଚାରୀମାନେ ଦାୟୀ ରହିବେ ବୋଲି ଶନିବାର ଗୋପ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ ଦାଶ ଶନିବାର ଗୋପ ବ୍ଲକରେ ପହଞ୍ଚି ଜାନୁୟାରୀ ୧୧ରେ ଅନୁଷ୍ଠିତ ହକି ମ୍ୟାଚକୁ ପ୍ରତ୍ୟେକ ପଞ୍ଚାୟତରେ ଯେପରି ଗ୍ରାମାଞ୍ଚଳ ଲୋକ ଦେଖିବା ସହିତ ଗ୍ରାମସଭା ଜରିଆରେ ପଞ୍ଚାୟତର ଉନ୍ନତିକରଣ, ବ୍ଲକର କେତେକ ବିଦ୍ୟାଳୟକୁ ୫-ଟି ସ୍କୁଲର ରୂପାନ୍ତରୀକରଣ ଓ ଫନୀ ସହାୟତା ଗୃହ ଏବଂ ଆବାସ ଯୋଜନା ଉପରେ ସମୀକ୍ଷା କରିଥିଲେ। ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ, ଶ୍ୱେତା ଦାଶ, ମଧୁସୂଦନ ପାଇକରାୟ, ଉପେନ୍ଦ୍ର କାନୁନ୍‌ଗୋ, ଜଗବନ୍ଧୁ ବରାଳ, ପୁନେଶ ସେନାପତି, କରୁଣାକର ସାହୁ, ବିଭୂତି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଶତବାର୍ଷିକୀ ପାଳନ ନେଇ ସମ୍ମିଳନୀ

**ପୁରୀ ଅଫିସ,୩୧।୧୨**

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ପୁଣ୍ୟ ଉତ୍କଳ ଆଗମନର ୧୦୧ତମ ଶୁଭ ମହୋତ୍ସବ ୨୦୨୩ ଜାନୁଆରୀ ୮ରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶନିବାର ଠାକୁର ବାଡ଼ି ପରିସରରେ ଅନୁଷ୍ଠିତ ହୋଇଛି। ମହୋତ୍ସବକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସହ ସମ୍ପାଦକ, ସତସଙ୍ଗ ଓ ଆବାହକ ସ୍ମୃତି ଉତ୍ସବ ଡା. ବିନାୟକ ମହାପାତ୍ର ଉକ୍ତ ସମ୍ମିଳନୀରେ ସୂଚନା ଦେଇଥିଲେ। ବୈଠକରେ ପ୍ରତିରିତକ ଡା. ହୃଷୀକେଶ ସେନାପତି ଯୋଗଦେଇ କହିଥିଲେ, ଆସନ୍ତା ୮ ତାରିଖ ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷାକୀର୍ତ୍ତନରୁ କାର୍ଯ୍ୟକ୍ରମ ହେବ। ବୈଠକରେ ସହ ପ୍ରତିରିତିକ ନିରଞ୍ଜନ ବେହେରା, ସଞ୍ଜୀବ ନାୟକ, ଡ. ନନ୍ଦକିଶୋର ପ୍ରଧାନ, ଅରୁଣ ସାହୁ, ସମୀର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ୩ରୁ ଶରଧାବାଲିରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

**ପୁରୀ ଅଫିସ,୩୧।୧୨**

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ସହଯୋଗରେ ପୁରୀ ଶରଧାବାଲିରେ ହେବାକୁ ଯାଉଛି ୨୭ତମ ପୁସ୍ତକ ମେଳା। ଜାନୁୟାରୀ ୩ରୁ ଆରମ୍ଭ ହେଉଥିବା ଏହି ପୁସ୍ତକ ମେଳା ୧୦ଦିନ ଅର୍ଥାତ ୧୨ତାରିଖ ଯାଏ ହେବ। ଏ ନେଇ ଶନିବାର ସର୍କିଟ ହାଉସ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ମେଳା ସଭାପତି ଡ.କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ମିଳିତ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନର ସହଯୋଗରେ ହେଉଥିବା ଏହି ମେଳାରେ ଓଡ଼ିଶା ସହ ଦିଲ୍ଲୀରୁ ୫୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଯୋଗ ଦେବେ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ହେମନ୍ତ ବେହେରା, ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର ଯୋଗଦେଇଥିଲେ।







































**ଫେଷ୍ଟିଭ୍ ଇଭେଣ୍ଟର ଶୁଭାରମ୍ଭ**

ନୂଆଦିଲ୍ଲୀ: ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପ୍ରବାସୀ ଭାରତୀୟ ଓ ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ମସ୍କୋ ସିଟି ପକ୍ଷରୁ ଫେଷ୍ଟିଭ୍ ସିଜନ ଇଭେଣ୍ଟ 'ଜର୍ନି ଟୁ ଖ୍ରୀଷ୍ଟମାସ୍'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ମସ୍କୋ ସହର ସୁନ୍ଦର ଓ ଆଲୋକମାଳାରେ ସୁସଜ୍ଜିତ ଗନ୍ତବ୍ୟସ୍ଥଳୀରେ ପରିଣତ ହୋଇଛି। ଏପରିକି ମସ୍କୋ ସହର ମ୍ୟାଜିକାଲ ଫେଷ୍ଟିଭ୍ ପ୍ଲେସ୍, ଡାଇନାମିକ୍ ଡେଷ୍ଟିନେଶନ,ଡେକୋରେଶନ, ଲାଇଟିଂ, ପାରମ୍ପରିକ ୱିଣ୍ଟର ସ୍ପୋର୍ଟ ଆକ୍ଟିଭିଟି ଏବଂ ଫାଦର ଫ୍ରଷ୍ଟ, ସେନ୍‌ଗୁରୋଚ୍‌କା କିମ୍ବା ସ୍ନୋ ମୈଡେନ୍‌ଙ୍କୁ ଭେଟିବା ଆଦିକୁ ସେଲିବ୍ରେଟ୍ କରୁଛି। ଉକ୍ତ ଇଭେଣ୍ଟ ଜାନୁୟାରୀ ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ମୟଙ୍କ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲୋଟସ୍ ଚକୋଲେଟ୍‌ର ୫୧% ଅଂଶଧନ କିଣିବ ରିଲାଏନ୍ସ ଗ୍ରୁପ୍

**ମୁମ୍ବାଇ,୩୧।୧୨**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ସହଯୋଗୀ କମ୍ପାନୀ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଆର୍‌ସିପିଏଲ୍) ନିକଟରେ ଲୋଟସ୍ ଚକୋଲେଟ୍ କମ୍ପାନୀ ଲିମିଟେଡ୍ (ଏଲ୍‌ସିସିଏଲ୍)ର ୫୧% ଅଂଶଧନ ଅଧିଗ୍ରହଣ କରିଥିବା ଜଣାପଡ଼ିଛି। ବିଶେଷ କରି ଆର୍‌ଆଇଏଲ୍‌ର ଏଫ୍‌ଏମ୍‌ସିଜି ୟୁନିଟ୍ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆର୍‌ଆର୍‌ଭିଏଲ୍)ର ସମ୍ପୂର୍ଣ୍ଣ ସହଯୋଗୀ ସଂସ୍ଥା ଆର୍‌ସିପିଏଲ୍ ପକ୍ଷରୁ ଏଲ୍‌ସିସିଏଲ୍‌ର ୫୧% ଅଂଶଧନକୁ ଅଧିଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ପକ୍ଷର ବରିଷ୍ଠ ଅଧିକାରୀଙ୍କ ସମେତ ଏଲ୍‌ସିସିଏଲ୍‌ର ପ୍ରତିଷ୍ଠାତା ସଦସ୍ୟ ପ୍ରକାଶ ପି.ପାଇ, ଅନନ୍ତ ପି. ପାଇଙ୍କ ଉପସ୍ଥିତିରେ ଉଭୟ କମ୍ପାନୀଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି।

ଏ ସମ୍ପର୍କରେ ଆର୍‌ଆର୍‌ଭିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଈଶା ଅମ୍ବାନୀ କହିଛନ୍ତି, ଚମତ୍କାର ବ୍ୟବସାୟ ବୁଦ୍ଧିମତ୍ତା ଏବଂ ନିଷ୍ଠା ଜରିଆରେ ଏକ ଦୃଢ଼ କୋକୋଆ ଏବଂ ଚକୋଲେଟ୍ ଡେରିଭେଟିଭ୍‌ସ ସୃଷ୍ଟି କରିଥିବା ଲୋଟସ୍ ସହ ଏହି ସହଯୋଗିତା ସ୍ଥାପନ କରି ରିଲାଏନ୍ସ ଗ୍ରୁପ୍ ବେଶ୍ ଉତ୍ସାହିତ ରହିଛି। ଏପରିକି ଲୋଟସ୍‌ରେ ଆମ ନିବେଶ ହେଉଛି ସ୍ୱଦେଶୀ ଭାବେ ବିକାଶ ହେଉଥିବା ଉଚ୍ଚମାନର ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଉଥିବା ଉତ୍ପାଦକୁ ଆହୁରି ସୁଦୃଢ଼ କରି ସୁଲଭ ମୂଲ୍ୟରେ ଏକ ବୃହତ୍ ଗ୍ରାହକ ବର୍ଗ ପାଖରେ ତାହାକୁ ପହଞ୍ଚାଇବା। ଆମେ ବ୍ୟବସାୟକୁ ଆଗକୁ ବଢ଼ାଇବା ଏବଂ ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧିକୁ ବଢ଼ାଇବାକୁ ଯାଉଥିବା ବେଳେ ଲୋଟସ୍‌ର ଉଚ୍ଚ ଅଭିଜ୍ଞ ପରିଚାଳନା ଟିମ୍ ସହ କାର୍ଯ୍ୟ କରିବାକୁ ଚାହିଁରହିଛୁ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଲୋଟସ୍‌ର ପ୍ରତିଷ୍ଠାତା ତଥା ପ୍ରମୋଟର ଅଭିଜିତ ପାଇ କହିଛନ୍ତି,ରିଲାଏନ୍ସ ସହ ଏହି ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ। ବିଶେଷ କରି ଶ୍ରେଷ୍ଠ ମାନର ମାନୁଫାକ୍ଚରିଂ ଦକ୍ଷତା ଏବଂ ପ୍ରତିଭା ଜରିଆରେ ସବୁ ପ୍ରକାର ଗ୍ରାହକ ବର୍ଗଙ୍କ ପାଇଁ ବିଶ୍ୱସ୍ତରୀୟ କନ୍‌ଫେକ୍ସନାରି (ଚକୋଲେଟ୍) ଉତ୍ପାଦ ଗଠନ କରିବା ଲାଗି ଆମର ଲକ୍ଷ୍ୟ ରହିଛି। ସେହିପରି ରିଲାଏନ୍ସ ସହିତ ଆମର ସହଯୋଗିତା ଉକ୍ତ ଲକ୍ଷ୍ୟ ହାସଲ କରିବା ଏବଂ ଲୋଟସ୍‌ର ରୂପାନ୍ତରଣକୁ ତ୍ୱରାନ୍ୱିତକରି ଆମକୁ ଆହୁରି ସକ୍ଷମ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।




## ୪ରେ ବିଏସ୍‌ଇର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ ରାମମୂର୍ତ୍ତି

**ନୂଆଦିଲ୍ଲୀ,୩୧।୧୨**

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଲିମିଟେଡ୍ ବା ବିଏସ୍‌ଇ ଲିଃ.ର ପରବର୍ତ୍ତୀ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବରିଷ୍ଠ ବ୍ୟାଙ୍କର୍ସ ସୁନ୍ଦରରାମନ ରାମମୂର୍ତ୍ତି କାର୍ଯ୍ୟ କରିବେ ବୋଲି ବିଏସ୍‌ଇ ଲିଃ. ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ସେ ଜାନୁୟାରୀ ୪ରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ସେହିଭଳି ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ମଧ୍ୟ ୨୦୨୨ ନଭେମ୍ବର ୨୮ରେ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୫୯ବର୍ଷୀୟ ରାମମୂର୍ତ୍ତି ବିଏସ୍‌ଇର ପ୍ରତିଦ୍ୱନ୍ଦ୍ୱୀ ଏନ୍‌ଏସ୍‌ଇରେ ପ୍ରାୟ ୨ ଦଶନ୍ଧି ବିତାଇଛନ୍ତି। ସେହିପରି ସେ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ମଧ୍ୟ ବିଭିନ୍ନ ପଦବୀ ପରିଚାଳନା କରୁଥିବା ଏନ୍‌ଏସ୍‌ଇର ପ୍ରାଥମିକ ସ୍ଥପତିମାନଙ୍କ ମଧ୍ୟରେ ଥିଲେ। ଅପରପକ୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ସେ ବ୍ୟାଙ୍କ ଅଫ୍ ଆମେରିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ-ଭାରତ ଭାବେ କାର୍ଯ୍ୟ କରୁଥିଲେ,ଯେଉଁଠାରେ ସେ ଜଟିଳ ବୈଷୟିକ ସମାଧାନ କାର୍ଯ୍ୟକାରୀ କରିବା, ମାନଦଣ୍ଡ ଏବଂ ଭାଗଚାଷୀ ପରିଚାଳନା ପରିଚାଳନା ଉପରେ କାର୍ଯ୍ୟ କରିଥିଲେ। ସେହିଭଳି ୧୯୯୫ରେ ଏନ୍‌ଏସ୍‌ଇକୁ ଯିବା ପୂର୍ବରୁ ରାମମୂର୍ତ୍ତି ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆଇଡିବିଆଇ)ରେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ନିଯୁକ୍ତିକୁ ଅଂଶୀଦାରମାନେ ମଧ୍ୟ ଅନୁମୋଦନ କରିବେ ବୋଲି ଜଣାପଡ଼ିଛି। ବିଶେଷକରି ଡାକ ବାଲଟ ମେକାନିଜମ୍ ମାଧ୍ୟମରେ ଅଂଶୀଦାରମାନଙ୍କ ଅନୁମୋଦନ ପାଇବାକୁ କମ୍ପାନୀ ପ୍ରକ୍ରିୟା ଆରମ୍ଭ କରିଛି ଏବଂ ଏଥିପାଇଁ ଜାନୁୟାରୀ ୧୬ ସୋମବାର ପୂର୍ବାହ୍ନ ୫ ଘଟିକାରେ ଇ-ଭୋଟିଂ ହେବ ବୋଲି ବିଏସ୍‌ଇ ଏକ୍ସଚେଞ୍ଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

## ଓପ୍ରେର ମେଗା 'ନ୍ୟୁ ଇୟର ଗ୍ରାଣ୍ଡେଉର'

**ଭୁବନେଶ୍ୱର,୩୧।୧୨**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଗ୍ରୁପ୍ ଜି ସହଯୋଗରେ ଓପ୍ରେ ଓଭରଗ୍ରାଉଣ୍ଡ ପକ୍ଷରୁ ଗ୍ରାଣ୍ଡ୍ ବଜାର ପରିସରରେ 'ନ୍ୟୁ ଇୟର ଗ୍ରାଣ୍ଡେଉର'ର ଆୟୋଜନ କରାଯାଇଛି। ଏପରିକି ଏହି ମେଗା କାର୍ଯ୍ୟକ୍ରମ ଜାନୁୟାରୀ ୧ ପର୍ଯ୍ୟନ୍ତ ପାଳନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଫ୍ୟାଶନ ଫିଏଷ୍ଟାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ରହିଛି, ଯେଉଁଥିରେ ଅଭିନେତ୍ରୀ ପ୍ରକୃତି ମିଶ୍ର ଶୋ' ଷ୍ଟପର ଏବଂ ବିଚାରକଭାବେ ଏବଂ ମିସ୍ ଇଣ୍ଡିଆ ଓଡ଼ିଶା (ଟପ୍ ୧୩) ଶ୍ରୁତିଷ୍ମା ନାୟକ ବିଚାରକ ଭାବେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ଆଶାକିରଣ ଚିଲ୍‌ଡ୍ରେନ୍ ହୋମ୍‌ର ଅନାଥ ବାଳିକା ଏବଂ ଜିଟିଇଟିର ମୂକ ଓ ବଧିର କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏ ସମ୍ପର୍କରେ ଓପ୍ରେର ମାଲିକ ପ୍ରିନ୍ସ ଗୁପ୍ତା କହିଛନ୍ତି, ଆଗାମୀ କାର୍ଯ୍ୟକ୍ରମ ପାଇଁ ମୁଁ ଅତ୍ୟନ୍ତ ଉତ୍ସାହିତ ରହିଛି। ଭୁବନେଶ୍ୱରବାସୀ ନୂଆବର୍ଷ କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଖାଦ୍ୟ,ଫ୍ୟାଶନ, ମ୍ୟୁଜିକ ଏବଂ ଡ୍ୟାନ୍ସ ଭଳି ବିବିଧ ପ୍ରକାର ମନୋରଞ୍ଜନ ଦେଖିବାକୁ ପାଇବେ। ଉକ୍ତ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ମାଗଣା ରହିଛି।

CLASSIFIED DISPLAY ALL EDITION - BW (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## 'ଓଡ଼ିଶା ଖଣିଜ ସମ୍ପଦର ହବ୍'

**ଭୁବନେଶ୍ୱର,୩୧।୧୨**

ଓଡ଼ିଶା ମାଇନିଂ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଣ୍ଟରନ୍ୟାଶନାଲ ଏକ୍ସପୋରେ କୋଣାର୍କ ଇନ୍‌ଫ୍ରାକୋର୍ ନିର୍ମାଣ ଓ ଖଣି ଉପକରଣ ନିର୍ମାତା ଲିୟୁଗୋଙ୍ଗ୍ ଇଣ୍ଡିଆ ପ୍ରତିନିଧିତ୍ୱ କରିଥିଲା।

ଏ ସମ୍ପର୍କରେ କୋଣାର୍କ ଇନ୍‌ଫ୍ରାକୋର୍‌ର ପ୍ରତିଷ୍ଠାତା ଓ ଏମ୍‌ଡି କୌଶିକ୍ ଦାସ କହିଛନ୍ତି,୧୨ବର୍ଷରୁ ଅଧିକ ସମୟର ଅଭିଜ୍ଞତା ସହିତ କୋଣାର୍କ ଇନ୍‌ଫ୍ରାକୋର୍ ଦ୍ୱାରା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ଉପକରଣଗୁଡ଼ିକୁ ବନ୍ଦର, ଜଳସେଚନ, ସଡ଼କ ନିର୍ମାଣ, ଖଣି ଖନନ, ରେଲ୍‌ୱେ, ନିର୍ମାଣ, ଟନେଲ ଓ ପ୍ଲାଣ୍ଟ ଆପ୍ଲିକେଶନ ପାଇଁ ବ୍ୟବହାର କରାଯାଇପାରିବ। କମ୍ପାନୀ ନିକଟରେ ଉପଭୋକ୍ତା ଅନୁକୂଳ ପେମେଣ୍ଟ ବିକଳ୍ପ ରହିଛି। ଓଡ଼ିଶା ମାଇନିଂ ହେଉଛି ସର୍ବବୃହତ୍ ମାଇନିଂ ପ୍ରଦର୍ଶନୀ ଯାହା ଏହି କ୍ଷେତ୍ରର ପ୍ରମୁଖ କମ୍ପାନୀଗୁଡ଼ିକୁ ଏକାଠି ହେବା ଏବଂ ଭାରତରେ ଖଣି କ୍ଷେତ୍ରର ବିକାଶ ପାଇଁ ଯୋଗଦାନ ଦେବାକୁ ଅନୁମତି ଦେଉଛି। ସେହିଭଳି ଲିୟୁଗୋଙ୍ଗ୍ ଇଣ୍ଡିଆର ଏକ୍ସାଭେଟର ଡିଭିଜନର ସେଲ୍‌ସ ବିଭାଗର କଣ୍ଟ୍ରିହେଡ୍ ରାଜଦୀପ ମିତ୍ର କହିଛନ୍ତି, ଦେଶର ମାନଚିତ୍ରରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। କାରଣ ଦେଶର ୯୨% କ୍ରୋମାଇଟ୍, ୯୨% ନିକେଲ୍, ୫୨% ବକ୍ସାଇଟ୍, ୪୪% ମାଙ୍ଗାନିଜ୍, ୩୩% ଲୁହାପଥର ଓ ୨୪% କୋଇଲା ଭଣ୍ଡାର ସହ ଭାରତର ମିନେରାଲ ହବ୍ ଭାବେ ବିବେଚନା କରାଯାଇଥାଏ। ଦେଶର ପ୍ରାୟ ୫୦% ଲୁହାପଥର ଉତ୍ପାଦନ ଓଡ଼ିଶା ଦ୍ୱାରା ଉତ୍ପାଦିତ ହୋଇଥାଏ, ଯାହା ଏହାକୁ ଇସ୍ପାତ ଶିଳ୍ପ ସ୍ଥାପନ ପାଇଁ ଏକ ଆଦର୍ଶ ସ୍ଥାନରେ ପରିଣତ କରିଛି।

## ପିଓର ଇଭିର ଅଲ୍-ନ୍ୟୁ ଇକୋଡ୍ରାଫ୍ଟ

**ନୂଆଦିଲ୍ଲୀ,୩୧।୧୨**

ଦେଶର ପ୍ରମୁଖ ଦୁଇଚକିଆ ଇଲେକ୍ଟ୍ରିକ ଭେହିକିଲ୍(ଇଭି) ଷ୍ଟାର୍ଟଅପ୍ କମ୍ପାନୀ 'ପିଓର ଇଭି'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍-ନ୍ୟୁ କମ୍ୟୁଟ୍ ଇଲେକ୍ଟ୍ରିକ୍ ମୋଟରସାଇକେଲ 'ଇକୋଡ୍ରାଫ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ସର୍ବଭାରତୀୟ ଉନ୍ମୋଚନ ମଧ୍ୟ ନିକଟ ଅତୀତରେ କରାଯିବ ବୋଲି ସୂଚନା ମିଳିଛି। ଏହି ନୂତନ ଇଭି ଯାନ 'ଇକୋଡ୍ରାଫ୍ଟ'କୁ ହାଇଦ୍ରାବାଦସ୍ଥିତ ପିଓର ଇଭିର ଟେକ୍ନିକାଲ ଓ ମାନୁଫ୍ୟାକ୍ଚରିଂ ସେଣ୍ଟର ଠାରେ ଡିଜାଇନ୍ ଓ ନିର୍ମାଣ କରାଯାଇଛି। ଏହା ଭାରତୀୟ ଇଭି ଯାନ କ୍ଷେତ୍ରରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି।




ଏ ସମ୍ପର୍କରେ ପିଓର ଇଭିର ପ୍ରତିଷ୍ଠାତା ଡ. ନିଶାନ୍ତ ଡୋଙ୍ଗରି କହିଛନ୍ତି, ଏହି କମ୍ୟୁଟ୍ ମୋଟରସାଇକେଲର ଉନ୍ମୋଚନ ହେଉଛି ଏକ ଗେମ୍ ଚେଞ୍ଜର ଏବଂ ଆମର ଆର୍ ଆଣ୍ଡ ଡି ସେଣ୍ଟରରେ ପାୱାର ଟ୍ରେନ୍ ଡିଜାଇନ୍ ଓ ଡେଭ୍‌ଲପମେଣ୍ଟ କ୍ଷେତ୍ରରେ ପିଓର ଇଭିର ଗୁରୁତ୍ୱପୂର୍ଣ୍ଣ ଶିକ୍ଷାର ଏକ ପ୍ରଦର୍ଶନ ହେବ। ସେହିଭଳି ପିଓର ଇଭି ଷ୍ଟାର୍ଟଅପ୍‌ର ସହ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଭଦେରା କହିଛନ୍ତି, ଆମର ପୂର୍ବ ପରଫର୍ମାନ୍ସ ମୋଟରସାଇକେଲ-ଇଟ୍ରିଷ୍ଟ ୩୫୦ର ଶୁଭାରମ୍ଭ ପାଇଁ ଆମେ ଅତୁଳନୀୟ ପ୍ରତିକ୍ରିୟା ହାସଲ କରିଛୁ ଏବଂ ଅଲ୍-ନ୍ୟୁ ଇକୋଡ୍ରାଫ୍ଟର ଶୁଭାରମ୍ଭ କମ୍ପାନୀର ଅଭିବୃଦ୍ଧି କାହାଣୀର ଏକ ପ୍ରମୁଖ ସଫଳତା ହେବ।

**Classified Everyday**
**0674-2580101, 2549949**


MATRIMONIAL

**BRIDE WANTED**

47 ବୟସ୍କ ବ୍ରାହ୍ମଣ ଜାତିର Divorcee Govt. ଚାକିରିଆ ପୁଅଙ୍କ ପାଇଁ anycasteର ବିବାହିତ/ଅବିବାହିତ ଝିଅ ଦରକାର। 6371064622. D-2381

**GROOM WANTED**

Beautiful Brahmin girl 1993, 5'5", MBA Serving Bangalore- "SUNASANSAR". 9937512659, 8249969649. D-2379

38 ବୟସ୍କା ବ୍ରାହ୍ମଣ ଜାତିର ଅବିବାହିତ Govt. ଚାକିରିଆ ଝିଅଙ୍କ ପାଇଁ anycasteର ପୁଅ ଦରକାର। 8327715036. D-2382


REAL ESTATE

**SALE**

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

**Plot for sale at Kantapada (on Niali Road) behind Tahasil 14000sqft. @ Rs. 1500/- per sqft. 4 rooms Toilet, Bath & 2 bore wells. Plot No.-100. 8100180027, 9776080027.** D-71666

**1500Sqft. Commercial / Residential Plot Sale at New Airport Chhak. Capital Hospital & Airport within 500 meter. Price 1 crore. 9438220432/ 8144658008.** D-2351

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

**3BHK brand new semi furnished apartment for sale in Sahid nagar. Amenities- lift, power backup, covered parking, security. Prime location near Inox. Contact - 9090031234.** D-2378

**ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952.** D-74176

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

Low cost plot ପୁରୀ Railway Station ପାଖ NHରୁ 1 k.m. ଦୂରରେ immediate ଘରକରି ରହିବା ପାଇଁ ମିଳୁଛି। 9692213354. D-74622

**Duplex sale at Bhubaneswar @ 45 lakhs only. Contact: 9777433701.** D-74171

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-2265

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**PURCHASE**

Wanted 2/3BHK readymade flat location:- Kalinga Nagar, Andharua, Gothapatana, Bhubaneswar. 6371090682. D-74304


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2264

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**


**ମୟଙ୍କ**
ନନ୍ଦପୁର, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାପା, ମାଆ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୮୩




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74620

Relax, Refresh your body, Mind at Saikrupa Spa with best therapies. 8984068077. D-2374




ଗୃହରେ ବାସ୍ତୁଜନିତ ତ୍ରୁଟି ଓ ଏହାର ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। "ବାସ୍ତୁ ସମାଧାନ"। 7978736177. D-74303

**AFFIDAVIT**

My correct name is P. Sangita Bharati daughter of Akshaya Kumar Pattanaik, At- Patrapada, Dist.- Khorda which stood wrongly recorded as Sangita Mohanty in my LIC Policy. That as per my accademicals records including my Aadhaar Card my name has been recorded as P. Sangita Bharati, Vide affidavit No.-2066, Executive Magistrate, Banki. D-2377

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି

**୰ରାମଚନ୍ଦ୍ର ମଲ୍ଲିକ**
ପିତା: ଅକ୍ରୁର ମଲ୍ଲିକ
ଶୁରଡିହ, ପୋ- ନନ୍ଦିପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୧୭।୦୧।୧୯୪୩
ତିରୋଧାନ: ୧୯।୦୧।୨୦୧୬
ସଳିତା ପରି ଜଳି ଆପଣ ଆମ୍ଭମାନଙ୍କୁ ଯେଉଁ ଆଲୋକ ଦେଇଛନ୍ତି, ତାହା ଜନ୍ମ ଜନ୍ମ ଧରି ଅଭୁଲା ଆଉ ଅଶୁଖା ହୋଇ ରହିବା ସେ ସ୍ମୃତି ସଦାସର୍ବଦା ଆମ୍ଭଙ୍କୁ ଉଦ୍‌ବେଳିତ କରୁଥିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୨୩୭୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ସ୍ୱର୍ଗତ ଇଂ. ସଦାନନ୍ଦ ନାୟକ**
ମହାନଦୀ ବିହାର, କଟକ
ଜନ୍ମ: ୧୫।୦୫।୧୯୪୦
ସ୍ୱର୍ଗାରୋହଣ: ୦୧।୦୧।୨୦୧୯
ମନେପଡ଼ୁଛ ବାବା ତୁମେ ଜାନୁୟାରୀ ୧ ଦିନ ଜାନୁୟାରୀ ୨ରୁ ଡିସେମ୍ବର ୩୧ ପ୍ରତିଦିନ, ପ୍ରତିକ୍ଷଣ ଆମକୁ ଭାଙ୍ଗିରୁଜି ଆମ ସାହସ, ଆମ ଆଶା, ଆମ ସ୍ୱାଭିମାନକୁ ନେଇ ଚାଲିଗଲ ଅଫେରା ରାଜ୍ୟକୁ। ଆଉ ଥରେ ଦେଖିବାକୁ ତମକୁ ଝୁରୁଛି ଏ ଆଖି ଆଉ ମନ, ତମର ପିଲାମାନେ ଓ ମାମା।
ଧ-୨୩୮୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ସ୍ୱର୍ଗତ ପୁରୁଷୋତ୍ତମ ସାମଲ**
ବିଜେଗଙ୍ଗାଧରପୁର, ମଉଦା, ଭଦ୍ରକ
ଆବିର୍ଭାବ: ୦୯।୦୧।୧୯୫୦
ତିରୋଧାନ: ୦୧।୦୧।୨୦୨୨
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହିବ।
ପତ୍ନୀ: ଶାନ୍ତି, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୩୮୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ରୋନାଲ୍ଡୋ ସବୁଠୁ ଦାମୀ ଖେଳାଳି

**ଲଣ୍ଡନ, ୩୧।୧୨**

କ୍ରିଷ୍ଟିଆନୋ ରୋନାଲ୍ଡୋ ସାଉଦି ଆରବର ଏକ ଫୁଟବଲ କ୍ଲବ ଅଲ୍ ନାସର ସହ ଚୁକ୍ତି କରିଛନ୍ତି। ମଧ୍ୟପ୍ରାଚ୍ୟ ଫୁଟ୍‌ବଲ ପାଇଁ ଏହା ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ବୋଲି କୁହାଯାଉଛି। କିନ୍ତୁ ୟୁରୋପର ଜଣେ ଅନ୍ୟତମ ବଡ଼ ଷ୍ଟାର ଖେଳାଳି ଖେଳର ଏଲିଟ୍ ଷ୍ଟେଜ୍‌ରୁ କ୍ରମେ ହଜିଯିବେ। ରୋନାଲ୍ଡୋ ୨୦୨୫ ପର୍ଯ୍ୟନ୍ତ ଏହି କ୍ଲବ ସହ ଖେଳିବା ଲାଗି ଚୁକ୍ତି କରିଛନ୍ତି। ୫ଥର ବାଲନ ଡି'ଅର୍ ପୁରସ୍କାର ବିଜେତା ଦଳର ଜର୍ସି ଧରିଥିବାର ଏକ ଫଟୋକୁ ଅଲ୍ ନାସର ସୋସିଆଲ ମିଡିଆରେ ପୋଷ୍ଟ କରିଛି। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କ୍ଲବ ତରଫରୁ ପ୍ରକାଶ କରାଯାଇଛି। ରୋନାଲ୍ଡୋ ଚୁକ୍ତି ସ୍ୱାକ୍ଷର କରିବା ଦ୍ୱାରା ଏହା କେବଳ ଆମ କ୍ଲବକୁ ନୁହେଁ, ଆମ ଲିଗ୍, ଦେଶ ଏବଂ ଭବିଷ୍ୟତ ପିଢ଼ିର ବାଳକ ଓ ବାଳିକାଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି କ୍ଲବ କହିଛି। ୩୭ ବର୍ଷୀୟ ରୋନାଲ୍‌ଡୋ କିନ୍ତୁ ବହୁ ମୂଲ୍ୟରେ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ମିଡିଆ ରିପୋର୍ଟ ଅନୁସାରେ



ଅଲ୍ ନାସର କ୍ଲବ୍‌ର ଜର୍ସି ସହ କ୍ରିଷ୍ଟିଆନୋ ରୋନାଲ୍‌ଡୋ(ବାମ)।

**୩ ବର୍ଷରେ ପାଇବେ ୫,୧୦୦ କୋଟି**

ପର୍ତ୍ତୁଗାଲ ଷ୍ଟାର ବାର୍ଷିକ ପାଖାପାଖି ୨୦୦ ନିୟୁତ ୟୁରୋ (୧,୭୭୫ କୋଟି ଟଙ୍କା)ଆୟ କରିପାରନ୍ତି। ଫଳରେ ୩ବର୍ଷରେ ସେ ପ୍ରାୟ ୫,୧୦୦ କୋଟି ଟଙ୍କା ପାଇବେ। ଏହାଦ୍ୱାରା ସେ ଖେଳ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇପାରିଛନ୍ତି। ରୋନାଲ୍ଡୋଙ୍କୁ ଆଣିବା ଦ୍ୱାରା ସାଉଦି ଆରବର ଅନ୍ତର୍ଜାତୀୟ ଭାବମୂର୍ତ୍ତି ବୃଦ୍ଧି ପାଇବ। ଦେଶ ୨୦୩୦ ବିଶ୍ୱକପ୍ ଆୟୋଜନ ଲାଗି ବିଡ୍ ଦାଖଲ ପାଇଁ ବିଚାର କରୁଛି। ସୂଚନାଯୋଗ୍ୟ, ମାଞ୍ଚେଷ୍ଟର ୟୁନାଇଟେଡ୍ ତାଙ୍କ ସହ କରିଥିବା ଚୁକ୍ତି ରଦ୍ଦ କରିଦେବା ପରେ ରୋନାଲ୍ଡୋ ଏକ ଟିଭି ସାକ୍ଷାତ୍‌କାରରେ ବିସ୍ଫୋରକ ବୟାନ ଦେଇଥିଲେ। ତାଙ୍କୁ ନ ଖେଳାଇ ବାରମ୍ବାର ବେଞ୍ଚ୍‌ରେ ବସିବାକୁ ଦିଆଯାଇଥିବାରୁ ସେନେଇ ରୋନାଲ୍ଡୋ ମ୍ୟାନେଜର ଏରିକ୍ ଟେନ୍ ହାଗ୍ ଓ କ୍ଲବର ମାଲିକମାନଙ୍କୁ ସମାଲୋଚନା କରିଥିଲେ। ଏପରି କି ତାଙ୍କୁ କ୍ଲବରୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। କାତାର ବିଶ୍ୱକପ୍ ମଧ୍ୟ ତାଙ୍କ ପାଇଁ ନୈରାଶ୍ୟଜନକ ଥିଲା। ନକ୍‌ଆଉଟ ରାଉଣ୍ଡରେ ତାଙ୍କୁ ବେଞ୍ଚ୍‌ରେ ବସିବାକୁ ହୋଇଥିଲା। ପର୍ତ୍ତୁଗାଲ କ୍ୱାର୍ଟର ଫାଇନାଲରେ ମରକ୍କୋଠାରୁ ପରାଜିତ ହେବା ପରେ ସେ ଆଖିରେ ଲୁହ ସହ ପଡ଼ିଆ ଛାଡ଼ିଥିଲେ। ଅନ୍ୟପକ୍ଷରେ ସାଉଦି ଆରବ ଗତମାସରେ କାତାର ବିଶ୍ୱକପ୍‌ରେ ଏହାର ସବୁଠାରୁ ବଡ଼ ଅନ୍ତର୍ଜାତୀୟ ବିଜୟ ହାସଲ କରିପାରିଛି। ଗ୍ରୁପ୍ ପର୍ଯ୍ୟାୟ ପ୍ରଥମ ମ୍ୟାଚ୍‌ରେ ଦଳ ପୂର୍ବତନ ଚାମ୍ପିୟନ ଆର୍ଜେଣ୍ଟିନାକୁ ହରାଇ ଚକିତ କରିଦେଇଥିଲା।

# ୨୦୨୩ କ୍ରୀଡ଼ା କ୍ୟାଲେଣ୍ଡର

## ପୁରୁଷ ହକି ବିଶ୍ୱକପ୍




ଭାରତ ତଥା ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି। ୧୫ ତମ ସଂସ୍କରଣରେ ୧୬ ଦଳ ଅଂଶଗ୍ରହଣ କରୁଥିବା ବେଳେ ଆୟୋଜକ ଭାରତ ପୁଲ୍ ଡି'ରେ ସ୍ପେନ୍,ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ୧୯୭୫ରେ ଭାରତ ଶେଷଥରପାଇଁଅଜିତ୍‌ପାଲ୍‌ସିଂଙ୍କ ନେତୃତ୍ୱରେ ସ୍ୱର୍ଣ୍ଣପଦକହାସଲକରିଥିଲା।୪୭ବର୍ଷଓ ୧୧ଟିସଂସ୍କରଣଧରିପଦକଶୂନ୍ୟ ରହିଥିବା ଭାରତ ଚଳିତ ବର୍ଷ ପୋଡିୟମ ଫିନିଶ ଲକ୍ଷ୍ୟରେ ରହିଛି। ୧୫ଟି ସଂସ୍କରଣରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି।

## ପୁରୁଷ ଦିନିକିଆ କ୍ରିକେଟ ବିଶ୍ୱକପ୍




ତାରିଖ ନିର୍ଦ୍ଧାରଣ ହୋଇ ନ ଥିଲେ ମଧ୍ୟ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଦିନିକିଆ ବିଶ୍ୱକପ୍ ଭାରତରେ ଆୟୋଜିତ ହେବ। ବିଗତ ୯ ବର୍ଷ ମଧ୍ୟରେ ଭାରତ ଆଇସିସି ଟୁର୍ଣ୍ଣାମେଣ୍ଟରେ ସଫଳ ହୋଇନାହିଁ। ୨୦୨୧ ଟି୨୦ ବିଶ୍ୱକପ୍‌ରେ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ବେଳେ ୨୦୧୩ରେ ମହେନ୍ଦ୍ର ସିଂ ଧୋନୀଙ୍କ ଦଳ ଚାମ୍ପିୟନ୍ସ ଟ୍ରଫି ହାସଲ କରିବାରେ ସମର୍ଥ ହୋଇଥିଲା। ଶେଷ ଥର ପାଇଁ ଘରୋଇ ମାଟିରେ ଅନୁଷ୍ଠିତ ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ଭାରତ ବିଶ୍ୱ ଚାମ୍ପିୟନ୍ ରହିଥିବା ବେଳେ ପୁନର୍ବାର ଏହି ସଫଳତା ଦୋହରାଇବାକୁ ଚାହିଁବ।

## ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍




ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ୧୨ ଫେବୃୟାରୀରେ ପାକିସ୍ତାନ ବିପକ୍ଷରୁ ଭାରତ ନିଜର ଅଭିଯାନ ଆରମ୍ଭ କରିବ। ବିଗତ ସଂସ୍କରଣରେ ରନର୍ସ ଅପ୍ ରହିଥିବା ହରମନପ୍ରୀତ୍ କୌରଙ୍କ ଭାରତ ସମ୍ମୁଖରେ ଅଷ୍ଟ୍ରେଲିଆ ସବୁଠୁ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହେବ। ବିଶ୍ୱକପ୍ ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆ ମହିଳା ଦଳ ନିକଟରୁ ଭାରତ ହାରିଥିଲା।

## ଫିଫା ମହିଳା ବିଶ୍ୱକପ୍




ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ ଏହି ଫୁଟବଲ ମହାକୁମ୍ଭ। ଜୁଲାଇରୁ ଅଗଷ୍ଟ ମଧ୍ୟରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଟାଇଟଲ ବଜାୟ ରଖିବାକୁ ଉଦ୍ୟମ କରିବ। ପ୍ରଥମ ଥର ପାଇଁ ମହିଳା ଟୁର୍ଣ୍ଣାମେଣ୍ଟରେ ଦଳ ସଂଖ୍ୟା ୨୪ରୁ ୩୨କୁ ବୃଦ୍ଧି କରାଯାଇଥିବା ନେଇ ଫିଫା ପକ୍ଷରୁ ସୂଚନା ମିଳିଛି। ମହିଳା ବିଶ୍ୱକପ୍ ଇତିହାସରେ ଆମେରିକା ସବୁଠାରୁ ଶକ୍ତିଶାଳୀ ଦଳ ଭାବରେ ୪ଥର ଟାଇଟଲ ହାସଲ କରିଛି। ୨୦୧୫ ଓ ୨୦୧୯ରେ କ୍ରମାଗତ ଦୁଇ ଥର ବିଶ୍ୱ ଚାମ୍ପିୟନ୍ ଆମେରିକା ହ୍ୟାଟ୍ରିକ୍ ଟାଇଟଲ୍ ହାସଲ ଲକ୍ଷ୍ୟରେ ରହିବ।

# ଲାଲବାହାଦୁର କ୍ଲବ ବିଜେତା

**ଲକ୍ଷ୍ମୀସାଗର ଦିବାରାତ୍ର କ୍ରିକେଟ**

**ଭୁବନେଶ୍ୱର,୩୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ପକ୍ଷରୁ ଏଠାରେ ଚାଲିଥିବା ୧୪ତମ ଏଲସିସି ଦିବାରାତ୍ର କ୍ରିକେଟ ଲିଗରେ ଲାଲବାହାଦୁର କ୍ରିକେଟ କ୍ଲବ(ଏଲବିସିସି) ଚଳିତ ବର୍ଷ ଚାମ୍ପିୟନ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ରୁଲ ମେକର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୯୩ରନ କରିଥିଲା। ଦଳ ପକ୍ଷରୁ ରାକା ୮୩ ଓ ରଶ୍ମୀ ୬୩ ରନ କରିଥିଲେ। ଜବାବରେ ଏଲବିସିସି ଦଳ ଅମନଙ୍କ ଧୂଆଁଧାର ୧୨୧ରନ ବଳରେ ଗୋଟିଏ ଉଇକେଟ ହରାଇ ୧୬.୨ ଓଭରରେ ବିଜୟ ହାସଲ କରିଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୧ଲକ୍ଷ ଟଙ୍କାର ଚେକ ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳକୁ ୫୦ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ ଲାଗି ରୁଲ ମେକର୍ସର ରାକାଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା, ପ୍ରମୋଦ କୁମାର ନାୟକ, ଶ୍ରୀନିବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଲାଲବାହାଦୂର କ୍ରିକେଟ କ୍ଲବ।

# ମା' ଭଗବତୀ କ୍ରିକେଟ କ୍ଲବ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ମା' ଭଗବତୀ କ୍ରିକେଟ କ୍ଲବର ଖେଳାଳି।

**କଣ୍ଟାପଡ଼ା, ୩୧।୧୨(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋସ୍ଥିତ ହାଇସ୍କୁଲ ପଡିଆରେ ଭୁବନେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ନିରଞ୍ଜନ-ବିଶ୍ୱନାଥ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଘାତକସ୍କ୍ୱାର୍ଡ, କଣ୍ଟାପଡ଼ାକୁ ୮ ଉଇକେଟରେ ହରାଇ ମା' ଭଗବତୀ କ୍ରିକେଟ କ୍ଲବ, ବାଙ୍କୁଆଳ ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ଘାତକ ସ୍କ୍ୱାର୍ଡ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୧୧୧ରନ କରିଥିଲା। ଅମିତ ପ୍ରଧାନ ୨୪ ଓ ସୁଶାନ୍ତ ସ୍ୱାଇଁ ୨୨ରନ କରିଥିଲେ। ବିଜୟୀ ଦଳର ନିଖିଳ ବାରିକ ୪ ଉଇକେଟ ନେଇଥିଲେ। ଭଗବତୀ କ୍ରିକେଟ କ୍ଲବ ୯.୨ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ କରି ନେଇଥିଲା। ଦଳ ପକ୍ଷରୁ ନିଖିଳ ୪୫ ଓ ଦିଲୀପ ୪୪ ରନ କରିଥିଲେ। ନିଖିଳଙ୍କୁ 'ପ୍ଲେୟର ଅଫ୍ ଦ ମ୍ୟାଚ' ଓ ରନର୍ସଅପ ଦଳର ସୌରଭଙ୍କୁ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଧିଚୀ ଶିକ୍ଷା ସମୂହ ଚେୟାରମ୍ୟାନ ରାଜେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଡ. ମନୋଜ କୁମାର ଦାଶ ମୁଖ୍ୟଅତିଥି, ବିପ୍ଳବ ମହାନ୍ତି ଓ କିଶୋର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୫,୦୦୦ ଟଙ୍କା ଓ ଟ୍ରଫି ଏବଂ ରନର ଅପ୍ ଦଳକୁ ୧୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

# ପାକିସ୍ତାନ ସଫଳତମ ଦଳ

**ଭୁବନେଶ୍ୱର,୩୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍‌କୁ ଆଉ ମାତ୍ର ୧୨ ଦିନ। ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମେତ ବିଶ୍ୱର ୧୬ ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ଦୀର୍ଘ ୪୭ ବର୍ଷ ପରେ ଭାରତୀୟ ଦଳ ପୋଡିୟମ ଫିନିଶ୍ ଲକ୍ଷ୍ୟ ରଖିଛି। ଭାରତ ଓ ପାକିସ୍ତାନ ପ୍ରସ୍ତାବରେ ଏହି ଟୁର୍ଣ୍ଣାମେଣ୍ଟ ୧୯୭୧ ମସିହାରେ ପ୍ରଥମେ ଆରମ୍ଭ କରାଯାଇଥିଲା। ପ୍ରଥମ ସଂସ୍କରଣରେ ପାକିସ୍ତାନ ଚାମ୍ପିୟନ ରହିଥିବା ବେଳେ ଏବେ ମଧ୍ୟ ଟୁର୍ଣ୍ଣାମେଣ୍ଟର ସଫଳତମ ଦଳ ହୋଇ ରହିଛି। ପାକିସ୍ତାନ ସର୍ବାଧିକ ୪ଥର ଚାମ୍ପିୟନ ଓ ଦୁଇ ଥର ରନର୍ସଅପ୍ ରହିବା ସହିତ ଟୁର୍ଣ୍ଣାମେଣ୍ଟର ସଫଳ ଦଳ ଭାବେ ଉଭା ହୋଇଛି। ପାକିସ୍ତାନ ପଛକୁ ନେଦରଲାଣ୍ଡସ୍ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏ ଓ ଜର୍ମାନୀ ୨ଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହା ବ୍ୟତୀତ ଭାରତ ଓ ବେଲ୍‌ଜିୟମ ଥରେ ଲେଖାଏ ଟାଇଟଲ ହାସଲ କରିବାରେ ସମର୍ଥ ହୋଇଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନ ସଫଳତାର ଯାତ୍ରା ଉପରେ ଏକ ନଜର...

**୧୯୭୧, ବାର୍ସିଲୋନା (ସ୍ପେନ୍):** ୧୯୭୧ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଆୟୋଜକ ସ୍ପେନ୍‌କୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ପାକିସ୍ତାନ। ୨୬ତମ ମିନିଟ୍‌ରେ ଅଖ୍‌ତର ଉଲ୍ ଇସ୍‌ଲାମ ଏକମାତ୍ର ଗୋଲ ସ୍କୋର କରିଥିବା ବେଳେ ପାକିସ୍ତାନ ଏହି ମ୍ୟାଚ୍‌କୁ ୧-୦ରେ ଜିତି ନେଇଥିଲା। ପାକିସ୍ତାନର ତନ୍‌ଭୀର ଦର ଏହି ସଂସ୍କରଣରେ ସର୍ବାଧିକ ୮ ଗୋଲ୍ ସ୍କୋର କରିଥିଲେ।

**୧୯୭୮, ବୁୟେନ୍ସଏୟାର୍ସ (ଆର୍ଜେଣ୍ଟିନା):** ୧୯୭୮ ମସିହାରେ ପାକିସ୍ତାନ ଦଳ ତୃତୀୟ ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବା ସହିତ ଦ୍ୱିତୀୟ ଟାଇଟଲ ହାସଲ କରିଥିଲା। ଫାଇନାଲରେ ନେଦରଲାଣ୍ଡସ୍‌କୁ ୩-୨ରେ ପରାସ୍ତ କରିଥିଲା ଦଳ। ପାକିସ୍ତାନ ପକ୍ଷରୁ ଅଖ୍‌ତର ରସୁଲ୍, ଇସ୍‌ଲାହୁଦ୍ଦିନ ସିଦ୍ଦିକି ଓ ରାଣା ଏହସାନୁଲ୍ଲା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନେଦରଲାଣ୍ଡସ୍ ପକ୍ଷରୁ ଟିଏସ୍ କ୍ରୁଇଜ ଓ ପଲ୍ ଲିଟେନ୍ସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପଲ ଲିଟେନ୍ସ ଏହି ସଂସ୍କରଣରେ ସର୍ବାଧିକ ୧୫ ଗୋଲ ସ୍କୋର କରିଥିଲେ।

**୧୯୮୨, ବମ୍ବେ(ଭାରତ):** ୧୯୮୨ ମସିହାରେ ତତ୍କାଳୀନ ବମ୍ବେ(ମୁମ୍ବାଇ)ରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ପଶ୍ଚିମ ଜର୍ମାନୀକୁ ୩-୧ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଓ ସର୍ବମୋଟ ତୃତୀୟ ଟାଇଟଲ ହାସଲ କରିଥିଲା ପାକିସ୍ତାନ। ପାକିସ୍ତାନ ପକ୍ଷରୁ ସର୍ଦ୍ଦାର, ହୁସେନ୍ ଓ କଲିମୁଲ୍ଲା ଖାନ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଜର୍ମାନୀ ପକ୍ଷରୁ ହେଇନର୍ ଡୋପ୍ ଏକମାତ୍ର ଗୋଲ ଦେଇଥିଲେ। ୧୨ ଗୋଲ୍ ସହ କଲିମୁଲ୍ଲା ଖାନ୍ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ସ୍କୋରର ରହିଥିଲେ।

**୧୯୯୪, ସିଡ୍‌ନୀ (ଅଷ୍ଟ୍ରେଲିଆ):** ୧୯୯୪ ମସିହାରେ ପାକିସ୍ତାନ ଦଳ ନିଜର ଚତୁର୍ଥ ଟାଇଟଲ ହାସଲ କରିଥିଲା। ସିଡ୍‌ନୀରେ ନେଦରଲାଣ୍ଡସ୍‌କୁ ପେନାଲ୍ଟି ଶୁଟ୍‌ଆଉଟରେ ମାତ୍ ଦେବା ସହିତ ଚତୁର୍ଥ ଟାଇଟଲ କରାୟତ୍ତ କରିଥିଲା ପାକିସ୍ତାନ। ନିର୍ଦ୍ଧାରିତ ସମୟ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିବା ବେଳେ ପାକିସ୍ତାନ ୪-୩ରେ ମ୍ୟାଚ୍‌କୁ ଜିତିବା ସହିତ ଚତୁର୍ଥ ଟାଇଟଲ ହାସଲ କରିଥିଲା। ନେଦରଲାଣ୍ଡସ୍‌ର ଟାକୋ ଭାନ୍ ଡେନ୍ ହର୍ନେଟ୍ ୧୦ ଗୋଲ ସହିତ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ଗୋଲସ୍କୋରର ରହିଥିବା ବେଳେ ପାକିସ୍ତାନର ଶାହବାଜ ଅହମ୍ମଦଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା।




**ହକି ବିଶ୍ୱକପ୍**




**ଆଉ ୧୨ ଦିନ**

# ପନ୍ତଙ୍କ ଅବସ୍ଥାରେ ଉନ୍ନତି

**ଡେରାଡୁନ୍, ୩୧।୧୨ (ପି.ଟି.):** ଦୁର୍ଘଟଣାରେ ଆଘାତପ୍ରାପ୍ତ ଭାରତୀୟ ଉଇକେଟକିପର ରିଭଷ ପନ୍ତଙ୍କ ଅବସ୍ଥାରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି। ଅନ୍ୟାନ୍ୟ ସୁବିଧା ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ କି ନା ସେ ସମ୍ପର୍କରେ ଡାକ୍ତରମାନେ କୌଣସି ନିଷ୍ପତ୍ତି ନେଇ ନ ଥିବା ତାଙ୍କ ବନ୍ଧୁ ପରିଜନ ପ୍ରକାଶ କରିଛନ୍ତି। ପନ୍ତଙ୍କ ମା' ଏବଂ ଲଣ୍ଡନରୁ ଆସିଥିବା ତାଙ୍କ ଭଉଣୀ ସାକ୍ଷୀ ଶନିବାର ସକାଳେ ହସ୍ପିଟାଲରେ ତାଙ୍କ ସହିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ନିର୍ଦ୍ଦେଶକ ଶ୍ୟାମ ଶର୍ମା ଏବଂ ବଲିଉଡ ଅଭିନେତା ଅନିଲ କପୁର ଓ ଅନୁପମ ଖେର ହସ୍ପିଟାଲରେ ପନ୍ତଙ୍କୁ ଭେଟିଛନ୍ତି। ଷ୍ଟାର ଉଇକେଟକିପରଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମେ ଉନ୍ନତି ଘଟୁଥିବାରୁ ବର୍ତ୍ତମାନ ପାଇଁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଯୋଜନା ନାହିଁ। ଶୁକ୍ରବାର ପନ୍ତଙ୍କ କପାଳରେ ପ୍ଲାଷ୍ଟିକ୍ ସର୍ଜରୀ ହୋଇଛି। ଶନିବାର ତାଙ୍କର ପ୍ରଥମ ଡ୍ରେସିଂ ହୋଇଛି। ୨୫ ବର୍ଷୀୟ ଏହି କ୍ରିକେଟର ତାଙ୍କ ମା'ଙ୍କୁ ସରପ୍ରାଇଜ୍ ଦେବା ଲାଗି ଜନ୍ମ ସହର ରୁର୍କି ଅଭିମୁଖେ ଏକାକି ତାଙ୍କ କାର୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

# ପ୍ରତିଶୋଧ ଲକ୍ଷ୍ୟରେ ଓଏଫ୍‌ସି

**ଇଣ୍ଡିଆନ୍ ସୁପର୍ ଲିଗ୍**

**ଭୁବନେଶ୍ୱର,୩୧।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ୍ ସୁପର ଲିଗ୍‌ରେ ସୋମବାର ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ ଓଡିଶା ଏଫ୍‌ସି(ଓଏଫ୍‌ସି)। ସୋମବାରର ମ୍ୟାଚ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଛନ୍ତି ମୁଖ୍ୟ କୋଚ୍ ଯୋଶେପ୍ ଗୋମ୍ବାଉ ଓ ଫରୱାର୍ଡ ଡିଏଗୋ ମରିସିଓ। ଚଳିତ ସିଜିନରେ ମୁମ୍ବାଇ ଅପରାଜେୟ ରହିଥିବା ବେଳେ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସି ମଧ୍ୟ ଅପରାଜେୟ ରହିଛି। ଉଭୟ ଦଳ ୭ଥର ମୁହାଁମୁହିଁ ହୋଇଥିବା ବେଳେ ଓଏଫ୍‌ସି ୩ ଥର ଓ ମୁମ୍ବାଇ ୪ ଥର ବାଜି ମାରିଛି। ଅନ୍ତିମ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ନିକଟରୁ ହାରିଥିବା ଓଡ଼ିଶା ବିଜୟଧାରାକୁ ଫେରିବାକୁ ଉଦ୍ୟମ କରିବ। ମୁମ୍ବାଇ ଏକ ଶକ୍ତିଶାଳୀ ଦଳ। ଚଳିତ ସିଜିନରେ ସେମାନେ ଅପରାଜେୟ ରହିଥିଲେ ମଧ୍ୟ ଓଏଫ୍‌ସି କଡା ଟକ୍କର ଦେବ ବୋଲି ମୁଖ୍ୟ କୋଚ ଯୋଶେପ୍ ଗୋମ୍ବାଉ କହିଛନ୍ତି। ଏହି ମ୍ୟାଚ୍ ପାଇଁ ଦଳ ଏହାର ରଣନୀତିରେ କିଛି ପରିବର୍ତ୍ତନ କରିଛି ବୋଲି ମୁଖ୍ୟ କୋଚ୍ ସୂଚନା ଦେଇଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ